

ସୁଗ୍ରୀବ ଭୂମିକାରେ ଅମିତ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-59 ◆SATURDAY ◆23 AUGUST 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୫୯ ◆ଶନିବାର ◆୨୩ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମାସିଂଘେ ଗିରଫ



■ **କଲମ୍ବୋ, ୨୨।୮ (ଏଜେନ୍ସି):** ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମାସିଂଘେଙ୍କୁ ଶୁକ୍ରବାର ଗିରଫ ହୋଇଛନ୍ତି। ସରକାରୀ ଅର୍ଥ ବାଟମାରଣ ଓ ଦୁର୍ନୀତି ଅଭିଯୋଗରେ ଶ୍ରୀଲଙ୍କା ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଏହି ମାମଲା ୨୦୨୩ର। ସେ ରାଷ୍ଟ୍ରପତି ଥିବା ବେଳେ ଏହି ସମୟରେ ପତ୍ନୀ ତଥା ପ୍ରଫେସର ମୈତ୍ରୀ ବିକ୍ରମାସିଂଘେଙ୍କ ଦୀକ୍ଷାନ୍ତ ସମାରୋହରେ ଯୋଗଦେବାକୁ ଲଣ୍ଡନ ଯାଇଥିଲେ। ଦୁହେଁ ଉଲଭରହାମ୍ପଟନ୍ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତେବେ ସେ ସିଧା ଶ୍ରୀଲଙ୍କାରୁ ଲଣ୍ଡନ ଯାଇ ନ ଥିଲେ। ସେ ହାଭାନାରେ ଜି-୭୭ ସମ୍ମିଳନୀରେ ଯୋଗ ଦେଇ ଲଣ୍ଡନ ବାଟେ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ଏକ ବ୍ୟକ୍ତିଗତ ଗସ୍ତ ଥିଲା। ମାତ୍ର ସେ ଏଥିରେ ସରକାରୀ ଅର୍ଥର ଅପବ୍ୟବହାର କରିଥିଲେ। ଏହା ଛଡା ସେ ନିଜର ବ୍ୟକ୍ତିଗତ ସୁରକ୍ଷାକର୍ମୀଙ୍କୁ ମଧ୍ୟ ସରକାରୀ ପାଣ୍ଠିରୁ ଦରମା ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା।

ଶୁକ୍ରବାର ସକାଳେ ରାନିଲଙ୍କୁ ଆର୍ଥିକ ଅପରାଧ ଯାଞ୍ଚ ବିଭାଗ (ଏଫ୍‌ସିଆଇଡି)ରେ ହାଜର କରାଯାଇଥିଲା। ତାଙ୍କୁ ଦୀର୍ଘ ୪ ଘଣ୍ଟାର ଧରି ପଚରାଉଚରା କରାଯିବା ପରେ ଗିରଫ କରାଯାଇଥିଲା। ୭୬ ବର୍ଷୀୟ ରାନିଲ ଶ୍ରୀଲଙ୍କାର ପ୍ରଥମ ପୂର୍ବତନ ରାଷ୍ଟ୍ରପତି ▶ପୃଷ୍ଠା-୭

## ୧୨ ହଜାର ଫୁଟ ଉଚ୍ଚରେ ଭାଙ୍ଗିଲା ବୋଇଂ ବିମାନ ଡେଣା

### ୬୨ ଯାତ୍ରୀଙ୍କ ସହ ଟେକ୍ସାସରେ ସୁରକ୍ଷିତ ଅବତରଣ

■ **ୱାଶିଂଟନ, ୨୨।୮ (ଏଜେନ୍ସି):** ଆମେରିକାରେ ଡେଲ୍ଟା ଏୟାର ଲାଇନ୍ସର ଏକ ବୋଇଂ ୭୩୭ ବିମାନ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଗତ ୧୯ ତାରିଖରେ ବିମାନ ୧୨,୦୦୦ ଫୁଟ ଉଚ୍ଚରେ ଉଡୁ ଥିବାବେଳେ ଏହାର ବାମପଟ ଡେଣା ଭାଙ୍ଗି ଅଲଗା ହୋଇ ଯାଇଥିଲା। ଏହାପରେ ବିମାନକୁ ଟେକ୍ସାସର ଅଷ୍ଟିନ୍-ବେର୍ଗଷ୍ଟ୍ରମ୍ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରାଯାଇଥିଲା। ଏହି ବିମାନ ଫ୍ଲୋରିଡାର ଅର୍ଲାଣ୍ଡୋ ବିମାନ ବନ୍ଦରରୁ ଟେକ୍ସାସକୁ ଯାଉଥିଲା। ଏଥିରେ ୬୨ ଯାତ୍ରୀଙ୍କ ସହ ୬ ଜଣ କ୍ରୁ ମେମ୍ବର ଥିଲେ। ଡେଣା ଭାଙ୍ଗିବା ପରେ ବିମାନ ଜୋରରେ ଦୋହଲିବାରେ ଲାଗିଥିଲା। ଫଳରେ ଯାତ୍ରୀମାନେ ଆତଙ୍କିତ ହୋଇଥିଲେ। ଜଣେ ଯାତ୍ରୀ ଡେଣା ଭାଙ୍ଗିବା ଘଟଣାର ଫୁଟେଜ ରେକର୍ଡ କରିଥିଲେ। ଅବତରଣ ପରେ ଡେଲ୍ଟା ଏୟାର ଲାଇନ୍ସ ଯାତ୍ରୀମାନଙ୍କୁ କ୍ଷମା ମାଗିଛି। ଏହି କମ୍ପାନୀ ଆମେରିକାର ଏକ ବହୁ ପୁରୁଣା ଏୟାର ଲାଇନ୍ସ ଓ ଏହାକୁ ୧୯୨୫ରେ ସ୍ଥାପନ କରାଯାଇଥିଲା। ଚଳିତ ବର୍ଷ ଡେଲ୍ଟା ଏୟାର ଲାଇନ୍ସର ଏହା ଦ୍ୱିତୀୟ ଘଟଣା। ପୂର୍ବରୁ ଗତ ଫେବୃଆରୀରେ କାନାଡାର ଟରଣ୍ଟୋରେ ଏହି କମ୍ପାନୀର ଏକ ବିମାନ ଅବତରଣ କରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ୨୧ ଜଣ ଆହତ ହୋଇଥିଲେ।

### ୧୨ ଦିନ ହେଲା ଆନ୍ଦୋଳନରେ ୧୦ ହଜାର ରାଜସ୍ୱ ଅମଲା

# ସରକାର ବେଫିକର; ସଂଘ ଅଟଳ

■ **ଭୁବନେଶ୍ୱର, ୨୨।୮ (ସମିସ):** ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ୧୨ ଦିନରେ ପହଞ୍ଚିଛି। ଶନିବାର ଓ ରବିବାରକୁ ମିଶାଇଲେ ଏହା ୧୪ ଦିନ ହେବ। ଏତେ ଦିନ ହେବ ନିଜ ଜିଦ୍‌ରେ ଅଟଳ ଥିବା ଅମଲା ସଂଘ ସରକାରଙ୍କ ଦରମା ବନ୍ଦ ଓ କାର୍ଯ୍ୟାନୁଷ୍ଠାନ ଚେତାବନୀ ସତ୍ତ୍ୱେ ଆନ୍ଦୋଳନ ଜାରି ରଖିଛି। ଖରା ବର୍ଷାରେ ରାଜସ୍ୱ ଅମଲାମାନେ ନିଜ ନିଜ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିବା ବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପଛକୁ ହଟିବାର ପ୍ରଶ୍ନ ଉଠୁନି ବୋଲି ସଂଘ କହିଛି। ଅନ୍ୟପଟେ ଆନ୍ଦୋଳନକୁ ୧୨ ଦିନି ବିତିଯାଇଥିଲେ ମଧ୍ୟ ସରକାରଙ୍କ ତରଫରୁ ବିଭାଗୀୟ ମନ୍ତ୍ରୀ କିମ୍ବା ବରିଷ୍ଠ ଅଧିକାରୀ ସେମାନଙ୍କ ଦାବି ପୂରଣ କରିବା ଦୂରର କଥା, ସେମାନଙ୍କ ସହ କୌଣସି ଆଲୋଚନା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରି ନାହାନ୍ତି। ରାଜସ୍ୱ ଅମଲାଙ୍କ ଆନ୍ଦୋଳନ ଯୋଗୁଁ ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ଅଚଳ ହୋଇପଡ଼ିଛି। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଗୁରୁତ୍ୱପୂର୍ଣ୍ଣ ସକାରୀ ସେବା ପାଇବାରୁ ବଞ୍ଚିତ ହେଉଥିବା ସତ୍ତ୍ୱେ ସରକାର କାହିଁକି

### ▶ ସାରା ରାଜ୍ୟରେ ରାଜସ୍ୱ ସେବା ଅଚଳ

### ▶ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଘ

ଆଲୋଚନା ପାଇଁ ସଂଘକୁ ଡାକୁ ନାହାନ୍ତି ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ସାରା ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲା ଅଧିକାରୀମାନେ ସମୂହ ଛୁଟିରେ ଯିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ୧୦ ଦଫା ଦାବିରେ ଏହି ଆନ୍ଦୋଳନ ଜାରି ରହିଥିବାରୁ ରାଜ୍ୟର ସମସ୍ତ ବ୍ଲକ, ତହସିଲ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବିଭାଗ, ଉପ ଜିଲ୍ଲାପାଳ କାର୍ଯ୍ୟାଳୟ, ଶିଶୁ ବିକାଶ କାର୍ଯ୍ୟାଳୟ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା , ପରିବହନ କାର୍ଯ୍ୟାଳୟ, ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲା ସମାଜ ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ଜିଲା ପଞ୍ଚାୟତ କାର୍ଯ୍ୟାଳୟ, ଯୋଗାଣ ଅଧିକାରୀ କାର୍ଯ୍ୟାଳୟ ଆଦିରେ ସମସ୍ତ ପ୍ରକାର କାର୍ଯ୍ୟ ଏକ ପ୍ରକାର ଠପ ହୋଇଯାଇଛି। ସାଧାରଣ ଜନତା କୌଣସି କାର୍ଯ୍ୟରେ କାର୍ଯ୍ୟାଳୟ ଆସିଲେ ଅମଲାଙ୍କ ଚଉକି ଫାଙ୍କା ପଡିଥିବାରୁ ସେମାନେ ନିରାଶ ହୋଇ ଘରକୁ ଫେରିଯାଉଛନ୍ତି। ମୁଖ୍ୟତଃ ଏହି ଆନ୍ଦୋଳନ ଯୋଗୁଁ ବିଭିନ୍ନ ସାର୍ଟିଫିକେଟ୍ ଇସ୍ୟୁ, ଜମିଜମା ପଟ୍ଟା ଭଳି କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ରାଜ୍ୟ ସରକାର ସବୁ ଦେଖି ମଧ୍ୟ ଚୁପ୍ ବସିଛନ୍ତି। ସରକାର ଏଥିପ୍ରତି ଧ୍ୟାନଦେଇ ତୁରନ୍ତ ଅମଲାଙ୍କ ଦାବି ପୂରଣ କିମ୍ବା ସେମାନଙ୍କୁ ଆନ୍ଦୋଳନରୁ ଓହରିବା ନେଇ ପ୍ରକ୍ରିୟା ନ କରାଇଲେ ଜନସାଧାରଣଙ୍କ ସମସ୍ୟା ଆହୁରି ବଢ଼ି ବଢ଼ି ଯିବାର ଆଶଙ୍କା ସୃଷ୍ଟି ହୋଇଛି।

ଅନ୍ୟପଟେ ସରକାର ଏହି ଆନ୍ଦୋଳନକୁ ପ୍ରଶମିତ କରିବା ବଦଳରେ ରାଜସ୍ୱ ଅମଲାଙ୍କୁ ଡରାଇବା ସାଧାରଣ ଲୋକଙ୍କ ପାଇଁ ଆହୁରି ସମସ୍ୟା ବଢ଼ାଇଛି। ସରକାର ▶ପୃଷ୍ଠା-୭

### କୁକୁର ପ୍ରେମୀଙ୍କ ପାଇଁ ନିଷ୍ପତ୍ତି ବଦଳାଇଲେ ସୁପ୍ରିମକୋର୍ଟ

## ବନ୍ଧ୍ୟାକରଣ କରି ଛାଡ଼; ହିଂସ୍ରଙ୍କୁ ରଖ



- ସାର୍ବଜନୀନ ସ୍ଥାନରେ ଖାଦ୍ୟ ଦେବା ମନା
- ଦିଲ୍ଲୀ ସମେତ ସାରା ଦେଶରେ ଲାଗୁ ହେବ
- କୁକୁର ପ୍ରେମୀଙ୍କୁ ୨୫ ହଜାର, ଏନ୍‌ଜିଓଙ୍କୁ ୨ ଲକ୍ଷ ଦେବାକୁ ନିର୍ଦ୍ଦେଶ
- ଜାତୀୟସ୍ତରୀୟ ନୀତି ପ୍ରସ୍ତୁତି କରିବା ଜରୁରୀ

■ **ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି):** କୁକୁର ପ୍ରେମୀଙ୍କ ପାଇଁ ସୁପ୍ରିମକୋର୍ଟ ନିଜ ରାୟ ପରିବର୍ତ୍ତନ କରିଛନ୍ତି। ଗତ ୧୧ ତାରିଖରେ ଦିଲ୍ଲୀ ଏନ୍‌ସିଆରରୁ ବୁଲା କୁକୁରଙ୍କୁ ହଟାଇବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ ନେଇ କୁକୁର ପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ସେଲିବ୍ରିଟିଙ୍କଠାରୁ ନେଇ ପୂର୍ବତନ ସାଂସଦ, ବିରୋଧୀ ଦଳ ନେତା, ଏନ୍‌ଜିଓ, କିଛି ସାଧାରଣ ଲୋକେ ମଧ୍ୟ ଏହାକୁ ବିରୋଧ କରିଥିଲେ। ଅନେକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରି କୁକୁର ପ୍ରେମୀ ଗିରଫ ମଧ୍ୟ ହୋଇଥିଲେ। ପରେ ରାୟର ସମୀକ୍ଷା ଆବେଦନକୁ ସିଜେଆଇ ଗ୍ରହଣ କରିବାକୁ ରାଜି ହୋଇଥିଲେ। ଜଷ୍ଟିସ ବିକ୍ରମ ନାଥଙ୍କ ନେତୃତ୍ୱାଧୀନ ତିନି ଜଣିଆ ଖଣ୍ଡପୀଠ ଶୁକ୍ରବାର ଏହି ମାମଲାର ଶୁଣାଣି କରି ପୂର୍ବ ନିର୍ଦ୍ଦେଶକୁ ଅତ୍ୟନ୍ତ କଠୋର କହି ଏହାକୁ ବଦଳାଇ ଦେଇଛନ୍ତି। ବନ୍ଧ୍ୟାକରଣ ଏବଂ ଟିକାକରଣ ପରେ ବୁଲା କୁକୁରଙ୍କୁ ଛାଡ଼ିଦେବାକୁ ସୁପ୍ରିମକୋର୍ଟ କହିଛନ୍ତି। ତେବେ ହିଂସ୍ର ଏବଂ ରେବିଜ୍ ସଂକ୍ରମିତ କୁକୁରଙ୍କୁ ଆଶ୍ରୟ ସ୍ଥଳରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ▶ପୃଷ୍ଠା-୭






## ବିହାର ଏସ୍‌ଆଇଆର ମାମଲା

## ଆଧାର କାର୍ଡକୁ ବୈଧ କହିଲେ ସୁପ୍ରିମକୋର୍ଟ

■ **ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ଭୋଟର ଯାଞ୍ଚ (ଏସଆଇଆର)କୁ ନେଇ ହଙ୍ଗାମା ଜାରି ରହିଛି। ବିରୋଧୀ ଏହାକୁ ପ୍ରତ୍ୟାହାର ଦାବି କରୁଥିବାବେଳେ ଚିଠା ଭୋଟର ତାଲିକାରୁ ଅନେକ ଲୋକ ବାଦ୍ ପଡ଼ିଛନ୍ତି। ଶୁକ୍ରବାର ସୁପ୍ରିମକୋର୍ଟ ଏ ନେଇ ନିର୍ବାଚନ କମିଶନ (ଇସି)ଙ୍କୁ ବଡ଼ ନିର୍ଦ୍ଦେଶ ଦେଇଛନ୍ତି।


### ଭୋଟର ତାଲିକାରେ ନାମ ଯୋଡ଼ିବା ପାଇଁ ଅନ୍‌ଲାଇନ ଆବେଦନ

### ରାଜନୈତିକ ଦଳଙ୍କୁ ଭର୍ତ୍ସନା କଲେ ସର୍ବୋଚ୍ଚ ନ୍ୟାୟାଳୟ

ପରିଚୟ ପ୍ରମାଣ ଭାବେ ଆଧାର କାର୍ଡକୁ ମାନ୍ୟତା ଦେବାକୁ ସୁପ୍ରିମକୋର୍ଟ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୧୧ ଅନ୍ୟ ପ୍ରମାଣପତ୍ର ସହ ଆଧାରକୁ ସାମିଲ କରିବାକୁ ସରକାରଙ୍କୁ କହିଛନ୍ତି। ଏହା ସହିତ ହଟିଥିବା ନାମକୁ ତାଲିକାରେ ଯୋଡ଼ିବା ପାଇଁ ଅନ୍‌ଲାଇନ ଆବେଦନ ଅନୁମତି ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ମାମଲାରେ ଚୁପ୍ ରହିବାକୁ ନେଇ ସୁପ୍ରିମକୋର୍ଟ ରାଜନୈତିକ ଦଳଙ୍କୁ ଭର୍ତ୍ସନା କରିଛନ୍ତି। ▶ପୃଷ୍ଠା-୭

## ନବୀନ ନିବାସରେ ପ୍ରେମ ପଟ୍ଟନାୟକ



■ **ଭୁବନେଶ୍ୱର, ୨୨।୮ (ସମିସ):** ଡିହାଇଡ୍ରେସନ ଜନିତ ଅସୁସ୍ଥତାରୁ ମୁକ୍ତ ହୋଇ ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବାସଭବନକୁ ଫେରିବା ପରେ ପୁଣି ନବୀନ ନିବାସରେ ଆରମ୍ଭ ହୋଇଛି ଗହଳି। ଦଳର ବରିଷ୍ଠ ନେତାମାନେ ନବୀନଙ୍କୁ ଭେଟିଥିବାବେଳେ ନବୀନଙ୍କ ବଡ଼ଭାଇ ତଥା ବିଶିଷ୍ଟ ଶିଳ୍ପପତି ପ୍ରେମ ପଟ୍ଟନାୟକ ଆଜି ନବୀନ ନିବାସରେ ପହଞ୍ଚିଛନ୍ତି। ସେ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି ଓ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଏହି ଅବସରରେ ଭି.କେ. ▶ପୃଷ୍ଠା-୭

### ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ୫ ବର୍ଷରେ ୩୦ ହଜାର କିମି ରାସ୍ତା, ୫୦୦ ସେତୁ

■ **ଭୁବନେଶ୍ୱର, ୨୨।୮ (ସମିସ):** ବିଭିନ୍ନ ଯୋଜନା ଓ ବଜେଟ ମାଧ୍ୟମରେ ବିଭାଗକୁ ମିଳୁଥିବା ଅର୍ଥରାଶିର ଶତପ୍ରତିଶତ ଉପଯୋଗ କରି ରାଜ୍ୟବାସୀଙ୍କୁ ଉନ୍ନତମାନର ଗମନାଗମନ ସୁବିଧା ଯୋଗାଇଦେବାକୁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହିକ୍ରମରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ସଂଯୋଗୀକରଣ



- ନିମ୍ନମାନର କାମ ପାଇଁ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ପ୍ରକଳ୍ପ କାର୍ଯ୍ୟର ଗୁଣବତ୍ତା ଓ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ

ପାଇଁ ଆସନ୍ତା ୫ ବର୍ଷ ଭିତରେ ୩୦ ହଜାର କିମି ରାସ୍ତା ଓ ୫୦୦ ସେତୁ ନିର୍ମାଣ ହେବ। ଶୁକ୍ରବାର ▶ପୃଷ୍ଠା-୭






# ସରକାରଙ୍କ ଗଳାରେ 'ଏନ୍‌ଏସି' କଣ୍ଟା

### ୧୨କୁ ମିଳିଛି ମାନ୍ୟତା, ଆଉ ୯ ପାଇଁ ପ୍ରକ୍ରିୟା ଜାରି

■ **ଭୁବନେଶ୍ୱର, ୨୨।୮ (ସମିସ):** ନିକଟରେ ରାଜ୍ୟ ସରକାର ୧୨ ଟି ସହରାଞ୍ଚଳକୁ ବିଜ୍ଞପିତ ଅଞ୍ଚଳ ପରିଷଦ ବା ଏନ୍‌ଏସି ମାନ୍ୟତା ଦେଇଛନ୍ତି। ସେହିପରି ଆସନ୍ତା ୩୧ ତାରିଖରେ ସ୍ୱାୟତ୍ତଶାସନ ଦିବସରେ ଆଉ ୯ ସହରାଞ୍ଚଳକୁ ଏନ୍‌ଏସି ମାନ୍ୟତା ଦିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ କଥା ସତ ହେଲେ ରାଜ୍ୟରେ ମୋଟ ୨୧ଟି ନୂଆ ସହରାଞ୍ଚଳ ଏନ୍‌ଏସି ମାନ୍ୟତା ପାଇବ। ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୧ଟି ନୂଆ ଏନ୍‌ଏସି ଘୋଷଣା ସରକାରଙ୍କ ପାଇଁ ପରୋକ୍ଷରେ ବୁମେରାଂ ପାଲଟିଛି । ପୂର୍ବରୁ

- ୫୭ ନୂଆ ଏନ୍‌ଏସି ଘୋଷଣା କରିଥିଲେ ପୂର୍ବ ସରକାର
- ବାକି ଜିଲ୍ଲାରେ ବିକ୍ଷୋଭ ପ୍ରତିବାଦ ସହ ତେଜୁଛି ଅସନ୍ତୋଷ
- ଏନ୍‌ଏସିରୁ ମ୍ୟୁନିସିପାଲିଟି ମାନ୍ୟତା ବି ଶୀତଳଭଣ୍ଡାରରେ

ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ରାଜ୍ୟରେ ୫୭ ଟି ନୂଆ ଏନ୍‌ଏସି ନେଇ ଘୋଷଣା ହୋଇଥିଲା। ଏଥିରେ ସାରା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସହରଗୁଡ଼ିକ ସାମିଲ ରହିଥିଲା। ମାତ୍ର ବିଜେପି ସରକାର ଏହି ସଂଖ୍ୟାକୁ ହ୍ରାସ କରିବା ଯୋଗୁଁ ଅବଶିଷ୍ଟ ୩୬ଟି ସହରାଞ୍ଚଳରେ ଅସନ୍ତୋଷ ତେଜିବାରେ ଲାଗିଛି। ଶୁକ୍ରବାର ରାଜ୍ୟର ଏକାଧିକ ସ୍ଥାନ ଯଥା ବେଗୁନିଆ, ଚଣ୍ଡିଖୋଲ୍ ଓ ଜୟପାଟଣା ଆଦିରେ ଏନ୍‌ଏସି ମାନ୍ୟତା ଦାବି କରି ଧାରଣା ଓ ବନ୍ଦ ଡାକରା ଦିଆଯାଇଛି। ଏଠାରେ ସ୍ଥାନୀୟ ବାସିନ୍ଦା ପୂର୍ବ ସରକାରଙ୍କ ଘୋଷଣାକୁ ମନେ ପକାଇ ସେମାନଙ୍କୁ କାହିଁକି ଏନ୍‌ଏସି ମାନ୍ୟତାରୁ ବାଦ୍ ଦିଆଗଲା ବୋଲି ଡବଲ ଇଂଜିନ ସରକାରକୁ ପ୍ରଶ୍ନ କରିଛନ୍ତି।


ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ୫୭ ଟି ନୂତନ ଏନ୍‌ଏସି ଘୋଷଣା କରିବା ପରେ ସଂପୃକ୍ତ ଅଞ୍ଚଳବାସୀ ଖୁସି ପ୍ରକଟ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩୫ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୨ସହରକୁ ଏନଏସି ମାନ୍ୟତା ମିଳିବା ପରେ ଦୀର୍ଘ ବର୍ଷ ଧରି ହେଉଥିବା ଦାବି ସାକାର ହୋଇଥିଲା। ▶ପୃଷ୍ଠା-୭

## ସୁପରଷ୍ଟାର ଗୋବିନ୍ଦାଙ୍କ ଛାଡ଼ପତ୍ର!




ମୁମ୍ବାଇ, ୨୨।୮ (ଏଜେନ୍ସି): ଦୀର୍ଘଦିନ ଧରି ବି-ଟାଉନରେ ଚାଲିଥିବା ଚର୍ଚ୍ଚା ସତ ହୋଇଛି। ଶେଷରେ ସୁପରଷ୍ଟାର ଗୋବିନ୍ଦାଙ୍କ ଛାଡ଼ପତ୍ର ହେବାକୁ ଯାଉଛି। ପତ୍ନୀ ସୁନିତା ଏହି ଅଭିନେତାଙ୍କ ଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସେ ବାନ୍ଦ୍ରା ପରିବାର କୋର୍ଟରେ ଛାଡ଼ପତ୍ର ଆବେଦନ କରିଛନ୍ତି। ଆଉ ସ୍ୱାମୀ ଗୋବିନ୍ଦାଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ଗୋବିନ୍ଦା ଅନ୍ୟ ମହିଳାଙ୍କ ସହ ଶାରୀରିକ ସମ୍ବନ୍ଧ ରଖିଥିବା ଏବଂ ନିଷ୍ଠୁରତାର ଅଭିଯୋଗ ଲଗାଇ ସୁନିତା ଏହି ଆବେଦନ କରିଥିବା ସୂଚନା ମିଳିଛି। ତେବେ ଗୋବିନ୍ଦାଙ୍କ କିଛି ଏହି ଖବରକୁ ଭ୍ରମାତ୍ମକ କହିଥିବା ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ପରିବାର କୋର୍ଟ ଏ ନେଇ ଗତ ମେ' ୨୫ ତାରିଖରେ ଗୋବିନ୍ଦାଙ୍କୁ ସମନ ଜାରି କରିଥିଲେ। ପରେ ଜୁନ୍‌ରୁ ଉଭୟେ ମାମଲାର ସମାଧାନ ଲାଗି ପ୍ରୟାସ କରୁଛନ୍ତି। ସୁନିତା ଶୁଣାଣି ସମୟରେ କୋର୍ଟରେ ହାଜର ହେଉଥିବାବେଳେ ଗୋବିନ୍ଦା ଉପସ୍ଥିତ ହୋଇନାହାନ୍ତି। ପୂର୍ବରୁ ଜଣେ ମରାଠୀ ଅଭିନେତ୍ରୀଙ୍କ ସହ ଗୋବିନ୍ଦାଙ୍କ ନାମ ଯୋଡ଼ା ଯାଉଥିଲା।

## ୨.୨ କୋଟି କ୍ୟାସ୍ ଦେଇ ତେଲ ପକାଇଥିଲେ ପୁଟିନ



ମସ୍କୋ, ୨୨।୮ (ଏଜେନ୍ସି): ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଆଲାସ୍କା ଗସ୍ତକୁ ନେଇ ଚର୍ଚ୍ଚା ଥମିବାର ନା ଧରୁନି। ୟୁକ୍ରେନ ସହ ଯୁଦ୍ଧ ବନ୍ଦ ନିମନ୍ତେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଚର୍ଚ୍ଚା କରିବାକୁ ଗତ ୧୫ ତାରିଖରେ ଯାଇଥିବା ପୁଟିନ ନଗଦ ୨.୨ କୋଟି ଟଙ୍କା ଦେଇ ନିଜ ବିମାନଗୁଡ଼ିକରେ ତେଲ ପକାଇ ଥିଲେ। ଆମେରିକା ସଚିବ ମାର୍କୋ ରୁବିଓ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆଲାସ୍କାରେ ଅବତରଣ କରିବା ପରେ ପୁଟିନଙ୍କ ବିମାନକୁ ଇନ୍ଧନ ଦରକାର ଥିଲା। ଆମେରିକା କଟକଣା ଯୋଗୁଁ ବ୍ୟାଙ୍କିଂ ସିଷ୍ଟମ ବ୍ୟବହାର ପାଇଁ ତାଙ୍କୁ ଅନୁମତି ମିଳି ନ ଥିଲା। ଏଥିପାଇଁ ପୁଟିନଙ୍କୁ ନଗଦ ଅର୍ଥ ଦେବାକୁ ପଡ଼ିଥିଲା। ରୁଷ୍ ଉପରେ ଲାଗିଥିବା କଟକଣା ଏବେ ବି ବଳବତ୍ତର ରହିଛି। ଏହାର ପ୍ରଭାବ ମଧ୍ୟ ମସ୍କୋ ଭୋଗୁଛି। ତେବେ ୟୁକ୍ରେନ ଯୁଦ୍ଧ ଉପରେ ଏହାର କୌଣସି ପ୍ରଭାବ ପଡ଼ି ନାହିଁ।

## ଟ୍ରମ୍ପଙ୍କ ପୂର୍ବ ସହଯୋଗୀ ବୋଲ୍ଟନଙ୍କ ଘରେ ଏଫ୍‌ବିଆଇ



ୱାଶିଂଟନ, ୨୨।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସମାଲୋଚନାକୁ ସହି ପାରୁନାହାନ୍ତି। ଦ୍ୱିତୀୟ ଥର ହ୍ୱାଇଟ ହାଉସରେ କାର୍ଯ୍ୟାରମ୍ଭ କରିବା ପରଠାରୁ ଏହା ସ୍ପଷ୍ଟ ଭାବେ ଜଣାପଡୁଛି। ଟ୍ରମ୍ପଙ୍କ ନିର୍ବାଚନ ପ୍ରଚାରରେ ୨୫୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବା ପୂର୍ବତନ ସହଯୋଗୀ ତଥା ବ୍ୟବସାୟୀ ଏଲନ ମସ୍କଙ୍କୁ ମଧ୍ୟ ସେ ନିଜ ମନ୍ତ୍ରିମଣ୍ଡଳରୁ ବିଦା କରିଥିଲେ। ଏମିତିକି ସମ୍ପର୍କ ଖରାପ କରି ସିଧା ଧମକ ଦେଲେ। କାରଣ ପ୍ରବାସୀ ନିଯୁକ୍ତିକୁ ନେଇ ମସ୍କଙ୍କ ସହ ତାଙ୍କର ମତଭେଦ ହୋଇଥଲା। ଆଉ ଏବେ ଭାରତ ଉପରେ ଲଗାଇଥିବା ଶୁଳ୍କକୁ ସମାଲୋଚନା ପାଇଁ ନିଜ ପ୍ରଥମ କାର୍ଯ୍ୟକାଳରେ ଏନ୍‌ଏସ୍‌ଏ ଥିବା ଜନ୍ ବୋଲ୍ଟନଙ୍କ ପଛରେ ଟ୍ରମ୍ପ ଏଫ୍‌ବିଆଇ ଲଗାଇ ଦେଇଛନ୍ତି। ମେରିଲାଣ୍ଡ ସ୍ଥିତି ବୋଲ୍ଟନଙ୍କ ଘରେ ଆଜି ଏଜେନ୍ସି ଚଢ଼ଉ କରିଛି। ଏଫ୍‌ବିଆଇ ନିର୍ଦ୍ଦେଶକ କାଶ୍ ପଟେଲଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବୋଲ୍ଟନ ଗୋପନୀୟ ରିପୋର୍ଟକୁ ୨୦୨୦ରେ ପ୍ରକାଶିତ ନିଜ ପୁସ୍ତକରେ ସାମିଲ କରିଥିବା ଅଭିଯୋଗ ଲାଗିଛି। ତେବେ ଏହି ମାମଲା ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ସମୟରେ ଆରମ୍ଭ ହୋଇଥିଲା। ରାଜନୈତିକ କାରଣ ଯୋଗୁଁ ସେ ଏହାକୁ ଅଟକାଇ ଦେଇଥିଲେ।

## ଭାରତୀୟ ଡ୍ରାଇଭରଙ୍କ ଭିସା ଉପରେ ରୋକ୍ ଲଗାଇଲା ଆମେରିକା

ଅମୃତସର, ୨୨।୮ (ଏଜେନ୍ସି): ଆମେରିକା ଭାରତୀୟ ଡ୍ରାଇଭରଙ୍କ ଭିସା ଉପରେ ରୋକ ଲଗାଇଛି। ଏହି ରୋକ ନୂଆ ଭିସା ଉପରେ ଲାଗୁ କରାଯାଇଛି। କିନ୍ତୁ ପୁରୁଣା ଡ୍ରାଇଭରଙ୍କ ଭିସାକୁ ରଦ୍ଦ କରାଯିବନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଆମେରିକାର ଫ୍ଲୋରିଡା ରାଜ୍ୟରେ ପଞ୍ଜାବର ଜଣେ ଟ୍ରକ ଡ୍ରାଇଭର ତ୍ରୁଟିପୂର୍ଣ୍ଣ ୟୁଟର୍ଣ୍ଣ ନେଇ ଦୁର୍ଘଟଣା ଘଟାଇଥିଲେ ଓ ଏଥିରେ ୨ ଜଣ ଆମେରିକୀୟ ମୃତ୍ୟୁବରଣ କରିଥିଲେ। ଏହା ପରେ ଆମେରିକା ନୂଆ ଭିସା ଉପରେ ରୋକ ଲଗାଇବାକୁ ନିଷ୍ପତ୍ତି ନେଇଛି। ଏ ନେଇ ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ବ୍ୟବସାୟିକ ଟ୍ରକ ଚାଳକଙ୍କ ସବୁ ୱାର୍କର ଭିସା ଜାରି କରିବା ଉପରେ ସେ ରୋକ ଲଗାଇଥିବା କଥା କହିଥିଲେ। ବିଦେଶୀ ଡ୍ରାଇଭରଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଆମେରିକୀୟ ନାଗରିକଙ୍କ ଜୀବନ ବିପଦରେ ପଡ଼ିଛି ଓ ଆମେରିକୀୟ ଡ୍ରାଇଭରଙ୍କ ଆୟ ଏଥିରେ ପ୍ରଭାବିତ ହେଉଛି ବୋଲି କୁହାଯାଇଛି। ଅଗଷ୍ଟ ୧୩ରେ ୨୮ ବର୍ଷୀୟ ଭାରତୀୟ ଡ୍ରାଇଭର ହରଜିନ୍ଦର ସିଂହ ସଡକ ନିୟମ ଉଲ୍ଲଂଘନ କରି ୟୁ ଟର୍ଣ୍ଣ ନେବା ପରେ ଦୁର୍ଘଟଣା ହୋଇଥିଲା। ଏହାକୁ ନେଇ ଆମେରିକାର ରାଜନୀତି ଆରମ୍ଭ ହୋଇଛି। ଡେମୋକ୍ରାଟ୍ ଓ ରିପବ୍ଲିକାନ୍ ପାର୍ଟିର ନେତାମାନେ ଏହାକୁ ନେଇ ମୁହାଁମୁହିଁ ହୋଇଛନ୍ତି। ବର୍ତ୍ତମାନ ଆମେରିକା ଟ୍ରାନ୍ସପୋର୍ଟ ଶିଳ୍ପରେ ଦେଢ଼ ଲକ୍ଷ ପଞ୍ଜାବୀ ଡ୍ରାଇଭର ନିୟୋଜିତ ଅଛନ୍ତି।

### ସଂସଦ ଭବନ ସୁରକ୍ଷାରେ ଅବହେଳା

## ଦିଆଲି ଡେଇଁ କ୍ୟାମ୍ପସ୍‌ରେ ପହଞ୍ଚିଲେ ବ୍ୟକ୍ତି

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ପୁଣିଥରେ ସଂସଦ ଭବନ ସୁରକ୍ଷାରେ ଅବହେଳା ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ଦିଆଲି ଡେଇଁ ସଂସଦ ପରିସରରେ ପ୍ରବେଶ କରି ଗରୁଡ ଦ୍ୱାରରେ ପର୍ଯ୍ୟନ୍ତ ପହଞ୍ଚିବାକୁ ସକ୍ଷମ ହୋଇଥିଲା। ଅବଶ୍ୟ ସୁରକ୍ଷାକର୍ମୀ ତାଙ୍କୁ ତୁରନ୍ତ ଧରିବାକୁ ସକ୍ଷମ ହୋଇଥିଲେ। ତାଙ୍କୁ ଏବେ ପଚରାଉଚରା କରାଯାଉଛି। ଗଣମାଧ ରିପୋର୍ଟ ଅନୁସାରେ ଏହି ବ୍ୟକ୍ତିଜଣକ ଗୁରୁବାର ସକାଳ ୬.୩୦ରେ ରେଳଭବନ ନିକଟରେ ଥିବା ଗଛ ଚଢ଼ିବା ପରେ ଭିତରକୁ ଡେଇଁବା ସହ ଦିଆଲି ପାର କରିବାକୁ ସକ୍ଷମ ହୋଇଥିଲା। କିନ୍ତୁ ଏହି ସମୟରେ ସଂସଦରେ କୌଣସି ସାଂସଦ ନଥିଲେ। ସଂସଦର ମୌସୁମୀ ଅଧବେଶନ ଗୁରୁବାର ଶେଷ ହୋଇଥିଲା। ଲୋକସଭା ଓ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରଖାଯାଇଥିଲା। ପୂର୍ବରୁ ଗୋଟିଏ ବର୍ଷ ପୂର୍ବେ ମଧ୍ୟ ଏହି ଭଳି ଘଟଣା ଘଟିଥିଲା। ୨୦୨୪ ଅଗଷ୍ଟ ୧୬ରେ ଜଣେ ଯୁବକ ଦ୍ୱିପହରରେ ଦିଆଲି ଡେଇଁ ସଂସଦ ପରିସରରେ ପ୍ରବେଶ କରିଥିଲା। କିନ୍ତୁ ସେଠାରେ ନିୟୋଜିତ ଥିବା ସୁରକ୍ଷାକର୍ମୀ ତାକୁ ଧରି ପୁଲିସ୍‌କୁ ହସ୍ତାନ୍ତର କରିଥିଲେ। କିନ୍ତୁ ଏହି ଯୁବକ ଜଣକ ମାନସିକ ବିକାରଗ୍ରସ୍ତ ଥିଲା ବୋଲି ପରେ ଜଣାପଡ଼ିଥିଲା।

## ଦ.ଆମେରିକା ଉପକୂଳରେ ୭.୫ ତୀବ୍ରତାର ଭୂକମ୍ପ

■ **ସୁନାମୀ ଆଶଙ୍କା ଟଳିଲା**

ସାଣ୍ଟିଆଗୋ/ବୁଏନସ୍ ଆରିଜ, ୨୨।୮ (ଏଜେନ୍ସି): ଦକ୍ଷିଣ ଆମେରିକା ନିକଟସ୍ଥ ସମୁଦ୍ରରେ ଏକ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏହାର ତ୍ରୀବ୍ରତା ରିଚର ସ୍କେଲ୍‌ରେ ୭.୫ ଥିଲା। ଅବଶ୍ୟ ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ। ଏହି ଭୂକମ୍ପର କେନ୍ଦ୍ର ଆର୍ଜେଣ୍ଟିନାର ଦକ୍ଷିଣରେ ଥିବା ଡ୍ରେକ ପ୍ୟାସେଜ (ସାମୁଦ୍ରିକ ପଥ)ରେ ୧୧ କିମି ଗଭୀରରେ କେନ୍ଦ୍ରୀଭୂତ ହୋଇଥିଲା। ଭୂକମ୍ପ ସମ୍ପର୍କରେ ସୂଚନା ଦେଉଥିବା ଆମେରିକୀୟ ସଂସ୍ଥା ୟୁଏସ୍‌ଜିଏସ୍ ଏ ନେଇ ଅବଗତ କରାଇଛି। ଏହି ଡ୍ରେକ୍ ପ୍ୟାସେଜ ଦକ୍ଷିଣ ଆମେରିକାର ପୂରା ଦକ୍ଷିଣକୁ ଥିବା କେପ୍ ହର୍ଣ୍ଣ ଓ ଆଣ୍ଟାର୍ଟିକା ମଧ୍ୟରେ ଥିବା ସାମୁଦ୍ରିକ ପଥକୁ କୁହାଯାଇଥାଏ। ଡ୍ରେକ୍ ପ୍ୟାସେଜ ମଧ୍ୟ ଅଟାଲାଣ୍ଟିକ ମହାସାରଗର ଓ ପ୍ରଶାନ୍ତ ମହାସାଗରକୁ ସଂଯୋଗ କରାଇଥାଏ। ଏହି ସାମୁଦ୍ରିକ ପଥରେ ବିପଜ୍ଜନକ ଝଡ଼ ଦେଖିବାକୁ ମିଳିଥାଏ ଓ ଏହା ଅତ୍ୟନ୍ତ ବିପଜ୍ଜନକ ବୋଲି କୁହାଯାଇଥାଏ। ସାର୍ ଫ୍ରାନସିସ୍ ଡ୍ରେକ୍‌ଙ୍କ ନାମ ଅନୁସାରେ ଏହାର ନାମ ଡ୍ରେକ୍ ପାସ ରଖାଯାଇଛି। ଏହି ଭୂକମ୍ପର ପ୍ରଭାବରେ ପୂରା ଆଣ୍ଟାର୍ଟିକା ଅଞ୍ଚଳରେ ସୁନାମୀ ନେଇ ସତର୍କତା ଜାରି କରାଯାଇଥିଲା। କିନ୍ତୁ ଏହାକୁ ପରେ ହଟାଇ ଦିଆଯାଇଛି। ପୂର୍ବରୁ ୨୦୨୫ ମେ ମାସରେ ଏହି ଅଞ୍ଚଳରେ ୭.୫ ତୀବ୍ରତାର ଭୂକମ୍ପ ରେକର୍ଡ କରାଯାଇଥିଲା। ଉଲ୍ଲେଖଥାଉ କି, ଗତମାସରେ ରୁଷ୍‌ରେ ୮.୮ ତ୍ରୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା।

**ବେଙ୍ଗାଲୁରୁ ଦଳାଚକଟାକୁ ନେଇ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ**

# ସରକାର ନୁହେଁ; ସ୍ଥିତି ଦାୟୀ



ବେଙ୍ଗାଲୁରୁ, ୨୨।୮ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ବେଙ୍ଗାଲୁରୁରେ ଆରସିବି ବିଜୟ ଶୋଭାଯାତ୍ରାରେ ହୋଇଥିବା ଦଳାଚକଟାକୁ ନେଇ ବିଧାନସଭାରେ ଶୁକ୍ରବାର ଖାମ ଖିଆଲ ଟିପ୍ପଣୀ ଦେଇଛନ୍ତି। ଏଭଳି ଘଟଣା ପାଇଁ କର୍ଣ୍ଣାଟକ ସରକାର ନୁହଁନ୍ତି, ବରଂ ସ୍ଥିତି ଦାୟୀ ବୋଲି କହିଛନ୍ତି। କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ଅନେକ ଥର ଏଭଳି ଘଟଣା ଘଟୁଛି। ଗତ ୧୦ ବର୍ଷରେ ବିଜେପି ଶାସିତ ରାଜ୍ୟମାନଙ୍କରେ ଏଭଳି ୨୦ଟି ଦଳାଚକଟା ଘଟଣା ଘଟିଛି। ଆସ୍‌ସିବି ଶୋଭାଯାତ୍ରାରେ ଦଳାଚକଟା ପାଇଁ କଂଗ୍ରେସ ସରକାର ଦାୟୀ ନୁହଁନ୍ତି। ଲୋକେ ନିୟନ୍ତ୍ରଣ ବାହାରକୁ ଯିବା ପରେ ଏଭଳି ଘଟଣା ଘଟେ। ବେଙ୍ଗାଲୁରୁର ଲୋକ ଆରସିବି ବିଜୟକୁ ନିଜ ବିଜୟ ମାନିଥିଲେ। ଏଥିପାଇଁ ନିୟନ୍ତ୍ରଣ ବିଗିଡ଼ି ଯାଇଥିଲା ଏବଂ ଦୁର୍ଘଟଣା ଘଟିଥିଲା। ସରକାର ମାମଲାର ଯାଞ୍ଚ କରିଥିଲେ। ଘଟଣା ପାଇଁ ଦୋଷୀଙ୍କୁ ଦଣ୍ଡ ଦେବାକୁ ପଦକ୍ଷେପ ନେଇଥିଲେ। ସେ ବିଜେପିର ଅଭିଯୋଗକୁ ନେଇ କହିଛନ୍ତି ଯେ ଯେତେବେଳେ କରୋନା ସମୟରେ ଚାମରାଜନଗରରେ ଅମ୍ଳଜାନ ଅଭାବରୁ ୩୬ ଜଣଙ୍କର ମୃତ୍ୟୁ ହୋଇଥିଲା, ସେତେବେଳେ ବିଜେପି କ'ଣ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୋମାଇଙ୍କୁ ଦାୟୀ ଏବଂ ଦୋଷୀ କହିଥିଲେ କି? ସିଦ୍ଧରମୈୟାଙ୍କ ଏପରି ଟିପ୍ପଣୀକୁ ନେଇ ବିଭିନ୍ନ ମହଲରୁ ସମାଲୋଚନା କରାଯାଉଛି।

**ଆରସିବି ବିଜୟକୁ ନିଜ ବିଜୟ ମାନିଲେ ଫ୍ୟାନ୍ସ**

**ସାରା ବିଶ୍ୱରେ ଏଭଳି ଅଘଟଣ ଘଟୁଛି**

ସୂଚନା ଅନୁଯାୟୀ ଜୁଲାଇ ୪ରେ ଆଇପିଏଲ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ର ପ୍ରଥମ ଟାଇଟଲ ବିଜୟର ଉତ୍ସବ ପାଳନ ସମୟରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ହୋଇଥିଲା। ଏହି ଦୁର୍ଘଟଣାରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୫୦ ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହା ଉପରେ ଆଲୋଚନା କରି ସିଦ୍ଧରମୈୟା ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଦଳାଚକଟା ହୋଇଥିବା ତାଲିକା ଦେଇଥିଲେ। ସେ କହିଥିଲେ ଯେ ବିଜେପି କ୍ଷମତାରେ ଥିବା ସମୟରେ ୨୦୦୮ ଅଗଷ୍ଟରେ ହିମାଚଳ ପ୍ରଦେଶର ବିଳାସପୁରର ନୈନା ଦେବୀ ମନ୍ଦିରରେ ଦଳାଚକଟା ହୋଇଥିଲା। ବିଜେପି ସରକାର ସମୟରେ ୨୦୦୮ ରେ ଯୋଧପୁର, ୨୦୧୩ରେ ରତନଗଡ଼, ୨୦୨୧ରେ ହରିଦ୍ୱାର, ୨୦୨୩ରେ ମଧ୍ୟପ୍ରଦେଶର ସିହୋର ଏବଂ ୨୦୨୪ରେ ଉତ୍ତର ପ୍ରଦେଶର ହାଥରସରେ ଦଳାଚକଟା ହୋଇଥିଲା। ଜାନୁଆରୀରେ ପ୍ରୟାଗରାଜ କୁମ୍ଭମେଳା ସମୟରେ ଦଳାଚକଟାରେ ୩୯ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୨୨ରେ ଗୁଜରାଟ ମୋରବି ସେତୁ ଦୁର୍ଘଟଣାରେ ୧୩୫ ଜଣଙ୍କର ମୃତ୍ୟୁ ହୋଇଥିଲା।ସିଦ୍ଧରମୈୟା କହିଥିଲେ ଯେ ମୋର ୪୨ ବର୍ଷର ରାଜନୈତିକ ଜୀବନରେ ଏପରି ଘଟଣା କେବେ ଘଟିନାହିଁ। ମୁଁ କେବେ ୧୧ ଜଣଙ୍କର ଦଳାଚକଟାରେ ମୃତ୍ୟୁ ଦେଖିନାହିଁ। ମୁଁ ବହୁତ ଦୁଃଖିତ ଥିଲି। ମୁଁ ସେହି ଦିନ ଦୁଃଖ ପ୍ରକାଶ କରିଥିଲି।

## ବେଗୁସରାୟରେ ୬ ଲେନ୍ ପୋଲ ଉଦ୍‌ଘାଟନ କଲେ ମୋଦୀ



ପାଟଣା, ୨୨।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ବିହାରର ବେଗୁସରାୟରେ ୬ ଲେନ୍ ବିଶିଷ୍ଟ ଅଣ୍ଟା- ସିମାରିଆ ପୋଲ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିତିଶ କୁମାର ମଧ୍ୟ ତାଙ୍କ ସହ ପୋଲ ଉପରେ ବୁଲି ଦେଖିଥିଲେ। ଗାମୁଛା ବାହାର କରି ହଲାଇବା ସହ ମୋଦୀ ଲୋକଙ୍କ ଅଭିବାଦନ ଗ୍ରହଣ କରିଥିଲେ। ଏହିଅବସରରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ, ଉପ- ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ। ପୋଲ ତଳେ ଥିବା ଘାଟରେ ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କୁ ଦେଖିବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମୋଦୀ ୩୭ ମିନିଟ୍ ପୋଲ ଉପରେ ରହିଥିଲେ। ଏଥିସହ ମୋଦୀ ଗୟାଜୀରେ ୧୩, ୦୦୦ କୋଟି ଟଙ୍କାର ବିଭିନ୍ନ ଯୋଜନାକୁ ଆରମ୍ଭ କରିଥିଲେ।

**୫୨୦୦ କୋଟି ଟଙ୍କା ଯୋଜନାର ଶୁଭାରମ୍ଭ**

ବିହାର ପରେ ପଶ୍ଚିମବଙ୍ଗ ଗସ୍ତ କରି ମୋଦୀ ୫୨୦୦ କୋଟି ଟଙ୍କାର ବିଭିନ୍ନ ଯୋଜନା ଶିଳାନ୍ୟାସ ରଖିବା ସହ ଉଦ୍‌ଘାଟନ କରିଥିଲେ। ସେ ୧୩.୬୨ କିମି ଦୀର୍ଘ ୩ଟି ନୂଆ ମେଟ୍ରୋ ରୁଟ୍ ଉଦ୍‌ଘାଟନ କରିଥିଲେ। ସେ ୧୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହେବାକୁ ଥିବା ୬ ଲେନ୍ ବିଶିଷ୍ଟ ୭.୨ କିମି ବିଶିଷ୍ଟ ଦୀର୍ଘ ଏକ୍ସପ୍ରେସ୍‌ୱେର ଅଧାରଶୀଳା ରଖିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀ ମମତା ବାନର୍ଜୀ ଯୋଗ ଦେଇ ନଥିଲେ। ଏହାପରେ ଏକ ଜନସଭାରେ ଯୋଗ ଦେଇ ମୋଦୀ ଅନୁପ୍ରବେଶକାରୀଙ୍କୁ ହଟାଇବା ପାଇଁ ଭାରତର ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଟିଏମ୍‌ସି, କଂଗ୍ରେସ ଓ ଇଣ୍ଡିଆ ଗଠବନ୍ଧନର ଦଳଗୁଡିକ ଅନୁପ୍ରବେଶକାରୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ।





ଭାରତୀୟ ମହାକାଶ ଷ୍ଟେସନର ଫଟୋ ଜାରିକଲା ଇସ୍ରୋ

## ବିଧାନସଭାରେ ଆରଏସ୍‌ଏସ୍ ଗୀତ ଗାଇଲେ ଶିବକୁମାର

ବେଙ୍ଗାଲୁରୁ, ୨୨।୮ (ଏଜେନ୍ସି): ସମସ୍ତଙ୍କୁ ଚକିତ କରି କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ବିଧାନସଭାରେ ଶୁକ୍ରବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ଗୀତ 'ନମସ୍ତେ ସଦା ବତ୍ସଲେ ମାତୃଭୂମି'ର ଦୁଇଧାଡି ଗାଇଛନ୍ତି। ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆଇପିଏଲ୍ ଦଳ ଆରସିବିର ଉତ୍ସବ ବେଳେ ହୋଇଥିବା ଦଳଚକାଟା ପାଇଁ କର୍ଣ୍ଣାଟକ ସରକାର ନିଜ ଦାୟୀ କରିବାକୁ ଉଚିତ ବୋଲି ଜଣେ ବିଜେପି ବିଧାୟକ କହିଥିଲେ। ଏହାକୁ ସେ ବିରୋଧ କରିଥିଲେ। ବିଜେପିର ସବୁ ଚାଲ ମତେ ଜଣା ବୋଲି ସେ କହିଥିଲେ। ଜବାବରେ ଶିବ୍‌କୁମାର ଏହି ଗୀତ ଗାଇଥିଲେ। ଏହାର ଭିଡିଓ ଇଣ୍ଟରନେଟ୍‌ରେ ଭାଇରାଲ ହେବା ପରେ ସେ ବିଜେପିରେ ଯୋଗ ଦେବେ ବୋଲି ଆକଳନ କରାଯାଇଛି। କିନ୍ତୁ ସେ ଏହାକୁ ଖଣ୍ଡନ କରିଛନ୍ତି ଓ ନିଜକୁ ଜଣେ ଜନ୍ମଗତ କଂଗ୍ରେସି ବୋଲି କହିଛନ୍ତି।

## ଗାଜା ସିଟି ଧ୍ୱଂସ କରିବାକୁ ଇସ୍ରାଏଲ୍‌ର ଧମକ

ତେଲ ଅଭିଭ୍, ୨୨।୮ (ଏଜେନ୍ସି): ଗାଜା ସିଟି ସମ୍ପୂର୍ଣ୍ଣ ରୁପେ ଧ୍ୱଂସ କରିଦେବାକୁ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ କାଜ ଇସ୍ରାଏଲ ଧମକ ଦେଇଛନ୍ତି। ଯଦି ହମାସ ଇସ୍ରାଏଲର ସର୍ତ୍ତ ନମାନେ ତେବେ ତାହାକୁ ଭୟଙ୍କର ପରିଣାମ ଭୋଗିବାକୁ ହେବ ବୋଲି ସେ ସତର୍କ କରାଇଛନ୍ତି। ଗାଜା ସହର କବ୍‌ଜା କରିବାକୁ ସେ ଇସ୍ରାଏଲ ସେନାକୁ ଅନୁମତି ଦେବାର ଗୋଟିଏ ଦିନ ପରେ ସେ ଏହି ଧମକ ଦେଇଛନ୍ତି। ରାଫା ଓ ବେତ ହନୁନ ସହର ଭଳି ଗାଜାର ମଧ୍ୟ ସମାନ ସ୍ଥିତି ହେବ। ଏହି ଦୁଇଟି ସହର ଏବେ ଆବର୍ଜନାରେ ପରିଣତ ହୋଇଛି। ତେଣୁ ଗାଜାର ମଧ୍ୟ ସମାନସ୍ଥିତି ହେବ ବୋଲି ସେ ଏକ୍ସରେ ପୋଷ୍ଟ କରି ସତର୍କ କରାଇଛନ୍ତି। ଯୁଦ୍ଧ ଶେଷ କରିବାକୁ ଇସ୍ରାଏଲ ୫ଟି ସର୍ତ୍ତ ରଖିଛି। ହମାସ ସବୁ ଇସ୍ରାଏଲ ବନ୍ଦୀଙ୍କୁ ଏକାସାଥିରେ ମୁକ୍ତ କରିବା ସହ ସମ୍ପୂର୍ଣ୍ଣ ଭବେ ଅସ୍ତ୍ର ସମର୍ପଣ କରିବାକୁ ଇସ୍ରାଏଲ କହିଛି। ଏବେ ଗାଜାର ୭୫ ପ୍ରତିଶତ ଅଞ୍ଚଳ ଇସ୍ରାଏଲ ନିୟନ୍ତ୍ରଣରେ ରହିଛି। ଗାଜାରେ ଦୀର୍ଘଦିନର ଯୁଦ୍ଧ କାରଣରୁ ଭୟଙ୍କର ମାନବୀୟ ସଂକଟ ଦେଖାଦେଇଛି ଓ ଏପର୍ଯ୍ୟନ୍ତ ୬୦ ହଜାର ଲୋକ ମୃତ୍ୟୁବରଣ କରିଛନ୍ତି।


## ଏୟାରବେସ୍ ନିକଟରେ ବିସ୍ଫୋରଣ: ୧୮ ମୃତ





ବୋଗୋଟା, ୨୨।୮ (ଏଜେନ୍ସି): ଲାଟିନ ଆମେରିକୀୟ ଦେଶ କଲମ୍ବିଆରେ ଗୁରୁବାର ଦୁଇଟି ଭିନ୍ନ ଭନ୍ନ ଆକ୍ରମଣରେ ୧୮ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। କଲି ସହରରେ ଥିବା ଏକ ଏୟାରବେସ୍ ନିକଟରେ ଥିବା ଟ୍ରକ୍‌ରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ଏଥିରେ ୬ ଜଣ ଲେକା ମୃତ୍ୟୁବରଣ କରିଥିବା ବେଳେ ୭୧ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଏହି ବିସ୍ଫୋରଣ ମାର୍କୋ ଫିଡେଲ ସୁଆରେଜ ମିଲିଟାରୀ ଆଭିଏସନ ସ୍କୁଲ୍ ନିକଟରେ ହୋଇଥିଲା। ବିସ୍ଫୋରଣ ପରେ ନିକଟରେ ଥିବା କେତୋଟି କୋଠା ଓ ସ୍କୁଲକୁ ଖାଲି କରାଯାଇଛି। ଏଥିସହ ସହର ଭିତରକୁ ବଡ଼ ଟ୍ରକ୍‌ଗୁଡିକର ପ୍ରବେଶକୁ ବାରଣ କରାଯାଇଛି। ଘଟଣା ତଦନ୍ତ କରାଯାଉଛି ବୋଲି କଲିର ମେୟର କହିଛନ୍ତି। ସେହିପରି ଏହାର କିଛି ଘଣ୍ଟା ପୂର୍ବରୁ ଅନ୍ୟଏକ ଘଟଣାରେ କୋକେନ ଚାଷକୁ ନଷ୍ଟ କରିବାକୁ ନିଶା ପଦାର୍ଥ ବିରୋଧୀ ଅଭିଯାନରେ ବାହରିଥିବା ପୁଲିସଙ୍କୁ ନେଇ ଯାଉଥିବା ଏକ ହେଲିକପ୍ଟର ଉପରକୁ ଡ୍ରୋନ ମାଡ଼ କରି ଆକ୍ରମଣ କରାଯାଇଥିଲା। ଏଥିରେ ୧୨ ଜଣ ପୁଲିସ କର୍ମଚାରୀ ମୃତ୍ୟୁବରଣ କରିଥିଲେ। ଏହି ଦୁଇଟି ଆକ୍ରମଣ ପଛରେ ବିଦ୍ରୋହୀ ସଂଗଠନ ଏଫ୍‌ଏଆରସିର ଏକ ଗୋଷ୍ଠୀ ହାତ ଅଛି ବୋଲି କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ କହିଛନ୍ତି। କଲମ୍ବିଆ ସରକରାଙ୍କୁ ଗାଦିଚ୍ୟୁତ କରିବା ଏଫ୍‌ଏଆରସିର ମୂଳ ଲକ୍ଷ୍ୟ ରହିଆସିଛି। ତେବେ ୨୦୧୬ରେ ଏକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଏହି ସଂଗଠନ ଭାଙ୍ଗି ଯାଇଥିଲା। କିନ୍ତୁ କେତେକ ଅଞ୍ଚଳରେ ଡ୍ରଗ୍ସ ଚୋରା ଚାଲାଣ କରିବାରେ ଏହି ସଂଗଠନ ଏବେ ବି ସକ୍ରିୟ ଅଛି ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, କଲମ୍ବିଆରେ ଡ୍ରଗ୍ସ ଉତ୍ପାଦନ କରାଯାଉଛି। ଖାସ କରି କୋକେନ ଭଳି ନିଶା ପଦାର୍ଥ ଉତ୍ପାଦନ କରାଯାଇ ବିଭିନ୍ନ ଦେଶକୁ ଚୋରା ଚାଲାଣ କରାଯାଉଛି।

# ଭାରତ ନିର୍ବାଚନରେ ଆମେରିକା ପାଣ୍ଠିର ବିନିଯୋଗ ହୋଇ ନଥିଲା



ୱାସିଂଟନ, ୨୨।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମିଛି ପୁଣି ଥରେ ଧରା ପଡ଼ିଛି। ଭାରତର ନିର୍ବାଚନରେ ମତଦାନ ସଂଖ୍ୟା ବା ପ୍ରତିଶତରେ ବୃଦ୍ଧି କରିବାକୁ ଆମେରିକାର ଜଣାଶୁଣଶ ଏଜେନ୍ସି ୟୁଏସ୍‌ଏଆଇଡି ୧୮୨ କୋଟି ଟଙ୍କା ଦେଇଥିଲା ବୋଲି ସେ ଗତ ଫେବୃଆରୀରେ କହିଥିଲେ। କିନ୍ତୁ ଟ୍ରମ୍ପଙ୍କ ଏହି ଦାବି ମିଥ୍ୟା ସାବ୍ୟସ୍ତ ହୋଇଛି। ଟ୍ରମ୍ପଙ୍କ ଏହି ବିବାଦୀୟ ଦାବି ପରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଆମେରିକା ଦୂତାବାସକୁ ଗତ ୧୦ ବର୍ଷର ତଥ୍ୟ ମାଗିଥିଲା। ଏହା ଜବାବରେ ଦୂତାବାସ ଜୁଲାଇ ୨ରେ ତା'ର ରିପୋର୍ଟ ପ୍ରଦାନ କରିଥିଲା। ଏଥିରେ ଦୂତାବାସ କୌଣସି ପାଣ୍ଠି ଦେଇ ନଥିବା କଥା ସ୍ପଷ୍ଟ କରିଛି। ନା କିଛି ପାଣ୍ଠି ମିଳିଥିଲା, ନା କାହାକୁ ଦିଆଯାଇଥିଲା ବୋଲି ଦୂତାବାସ ତରଫରୁ ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଏଥିରେ ୨୦୧୪ରୁ ୨୦୨୪ ପର୍ଯ୍ୟନ୍ତ ଆମେରିକା ପ୍ରଦାନ କରିଥିବା ସବୁ ଆର୍ଥିକ ସହାୟତା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏହି ସମୟ ଅବଧିରେ ଭାରତକୁ ନିର୍ବାଚନ ପ୍ରକ୍ରିୟାରେ କୌଣସି ପାଣ୍ଠି ପ୍ରଦାନ କରାଯାଇନାହିଁ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ବୈଦେଶିକ ମନ୍ତ୍ରଣାଳୟ ଗୁରୁବାର ରାଜ୍ୟସଭାରେ ସୂଚନା ଦେଇଛି। ଉଲ୍ଲେଖଥାଉ କି, ଗତ ଫେବୃଆରୀରେ ଟ୍ରମ୍ପ କହିଥିଲେ ଯେ, 'ଭାରତ ପାଖରେ ବହୁତ ପଇସା ଅଛି, ଭାରତ ସବୁଠାରୁ ଅଧିକ ଟାରିଫ ଲାଗୁ କରୁଥିବା ଦେଶମାନଙ୍କ ମଧ୍ୟରେ ଅନ୍ୟତମ, ଖାସ କରି ଆମେରିକା ଉପରେ, ମୁଁ ଭାରତ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ମାନ କରୁଛି, କିନ୍ତୁ ୧୮୨ କୋଟି ଟଙ୍କା କାହିଁକି?'। ପୁଣି କିଛିଦିନ ପରେ ଟ୍ରମ୍ପ ଏହି ପାଣ୍ଠି ଦେବା ନେଇ ତାଙ୍କ ମନ୍ତବ୍ୟକୁ ଦୋହରାଇଥିଲେ। ଏହିକ୍ରମରେ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନାମ ଉଲ୍ଲେଖ କରିଥିଲେ। ଫେବୃଆରୀ ୨୧ରେ ସେ କହିଥିଲେ ଯେ, ଭାରତରେ ଭୋଟ୍ ପ୍ରତିଶତ ବୃଦ୍ଧି କରିବାକୁ ପାଣ୍ଠି ଦିଆଯାଇଛି ବୋଲି କହିଥିଲେ। କେବଳ ଭାରତ ନୁହଁ ଟ୍ରମ୍ପ ମୋଲଡୋଭାକୁ ୧୯୦ କୋଟି ଓ ବାଂଲାଦେଶକୁ ୨୫୧ କୋଟି ଟଙ୍କାର ପାଣ୍ଠି ଦେବା କଥା କହିଥିଲେ। ସେହିପରି ତିବ୍ବତ ନାଗରିକଙ୍କ ଶିକ୍ଷାର ବିକାଶ ପାଇଁ ଆମେରିକା ୨୫୫ କୋଟି ଟଙ୍କାର ପାଣ୍ଠି ପ୍ରଦାନ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ଆଗାମୀ ସେପ୍ଟେମ୍ବର ୨ରୁ ଆମେରିକାର ସବୁ ଅନୁଦାନ (ୟୁଏସ୍‌ଏଆଇଡି) ବନ୍ଦ ହେବ ବୋଲି ଆମେରିକା ଦୂତାବାସ କହିସାରିଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସ୍ପଷ୍ଟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୟୁଏସ୍‌ଏଆଇଡିର ୮୩ ପ୍ରତିଶତ କର୍ଯ୍ୟକ୍ରମ ଆମେରିକା ବନ୍ଦ କରିସାରିଛି। ଆମେରିକା ତା'ର ୯୪ ପ୍ରତିଶତ କର୍ମଚାରୀଙ୍କୁ ଛଟେଇ କରାଯାଇଛି।

# ଭିଜିଲାନ୍ସ ଜାଲରେ ସିଟି ହସପିଟାଲର କୋଟିପତି ବରିଷ୍ଠ ସହାୟକ

**୨ଟି କୋଠା ସହ ୧୯ଟି ମୂଲ୍ୟବାନ ପ୍ଲଟ ଠାବ**

**ଅଢ଼େଇ ଏକରରେ କରିଛନ୍ତି କୁକୁଡ଼ା ଫାର୍ମ**

**୧.୨୪ କୋଟି ଟଙ୍କା ସରକାରୀ ଅର୍ଥ ତୋଷରପାତ ଅଭିଯୋଗ**

**ବିନା ବଦଳିରେ ୨୪ବର୍ଷ ଧରି ହସପିଟାଲରେ କାର୍ଯ୍ୟରତ ଥିଲେ**



କଟକ, ୨୨।୮ (ସମିସ): କଟକ ସିଟି ହସପିଟାଲ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ଜଣେ କୋଟିପତି ସିନିଅର ଆସିଷ୍ଟାଣ୍ଟ (ବରିଷ୍ଠ ସହାୟକ) କିଶୋର କୁମାର ସାହାଣୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଦେଖି ତାଜୁବ ହୋଇଛି ଭିଜିଲାନ୍ସ। ୧.୨୪ କୋଟି ଟଙ୍କାର ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ଭିଜିଲାନ୍ସ ଆଜି ତାଙ୍କର ଅଫିସ, ବାସଭବନ ଓ ଅନ୍ୟାନ୍ୟ ସ୍ଥାନରେ ଏକକାଳୀନ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଛି। ସରକାରୀ ଅର୍ଥ ତୋଷରପାତ ସହ ଶ୍ରୀ ସାହାଣୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ଚଢ଼ଉରୁ ଜଣାପଡ଼ିଛି।

ଚଢ଼ଉ ବେଳେ ତାଙ୍କ ଘରୁ ପୁଳାପୁଳା ଟଙ୍କା, ସୁନାଗହଣା ମିଳିଥିବା ବେଳେ ବିଭିନ୍ନ ସ୍ଥାନରୁ ମୂଲ୍ୟବାନ ପ୍ଲଟ୍ ଠାବ ହୋଇଛି। ଶ୍ରୀ ସାହାଣୀ ଓ ସମ୍ପର୍କୀୟଙ୍କ ନାମରେ ଥିବା ୧୯ଟି ମୂଲ୍ୟବାନ ପ୍ଲଟ୍ ମଧ୍ୟରେ କଟକ ବଦ୍ଧାଳ ଅଞ୍ଚଳରେ ୩ଟି, ଚୌଦ୍ୱାରର ବିଭିନ୍ନ ସ୍ଥାନରେ ୧୨ଟି, ଯୋବ୍ରାରେ ଦୁଇଟି, ଜଟଣୀରେ ଗୋଟିଏ ଓ ସାଲେପୁର ଅଞ୍ଚଳରେ ଗୋଟିଏ ପ୍ଲଟ୍ ଠାବ ହୋଇଛି। ଏଥିମଧ୍ୟରେ କଟକ ଯୋବ୍ରା ଅଞ୍ଚଳରେ ଅଢ଼େଇ ହଜାର ବର୍ଗଫୁଟ୍ ପରିମିତ ୩ ମହଲା ବିଶିଷ୍ଟ କୋଠା, ଚୌଦ୍ୱାର ପଧାନିଆରେ ଅଢ଼େଇ ଏକର ପରିମିତ ଅଞ୍ଚଳରେ ଏକ କୋଠା ସହ କୁକୁଡ଼ା ଫାର୍ମ ଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଏହାବାଦ୍ ତାଙ୍କ ଘରୁ ନଗଦ ୩ ଲକ୍ଷ ୩୦ ହଜାର ୮୦୦ଟଙ୍କା, ୧୩୫ଗ୍ରାମ ଓଜନର ସୁନା ଗହଣା ସହ ଗୋଟିଏ ହୁଣ୍ଡାଇ ସାଣ୍ଟ୍ରୋ କାର ଓ ୩ଟି ବାଇକ୍ ଠାବ ହୋଇଛି। ଏଥିସହ ବିଭିନ୍ନ ବ୍ୟାଙ୍କ ଓ ଡାକଘରେ ତାଙ୍କର ୫୫ଲକ୍ଷ ୪୮ ହଜାର ୪୦୬ଟଙ୍କାର ଜମା ରାଶି ରହିଥିବା ଜଣାପଡ଼ିଛି।

ଶ୍ରୀ ସାହାଣୀ ୧କୋଟି ୨୪ଲକ୍ଷ ୫୮୫୪ଟଙ୍କାର ସରକାରୀ ଅର୍ଥର ଦୁରୁପଯୋଗ କରିଥିବା ନେଇ ଭିଜିଲାନ୍ସ ହାତରେ ଅନେକ ପ୍ରାଥମିକ ତଥ୍ୟ ଲାଗିଛି। ସିଟି ହସପିଟାଲରେ ଶ୍ରୀ ସାହାଣୀ ତାଙ୍କର ଦୀର୍ଘବର୍ଷର କାର୍ଯ୍ୟକାଳ ସମୟରେ ସରକାରୀ ଅର୍ଥକୁ ସରକାରୀ ବ୍ୟାଙ୍କ ଜମାଖାତାରେ ସେ ଜମା କରିନଥିଲେ। ଏପରିକି, ସରକାରୀ ବ୍ୟାଙ୍କ ଆକାଉଣ୍ଟରୁ ବ୍ୟକ୍ତିଗତ ଓ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ବେଆଇନ ଭାବେ ଟଙ୍କା ଟ୍ରାନ୍ସଫର କରି ଚାଲିଥିଲେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

୧୯୯୭ ଜାନୁଆରି ୭ତାରିଖରେ ମାହାଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଅନୁକମ୍ପା ନିଯୁକ୍ତି ଯୋଜନାରେ ଜୁନିଅର ଆସିଷ୍ଟାଣ୍ଟ ଭାବେ ଶ୍ରୀ ସାହାଣୀ ନିଯୁକ୍ତି ପାଇଥିଲେ। ବଦଳି ହୋଇ ବାଙ୍କୀରେ କିଛି ଦିନ କାର୍ଯ୍ୟ କରିବା ପରେ ଗତ ୨୦୦୧ ଏପ୍ରିଲ୧୬ରେ ସିଟି ହସପିଟାଲ ତଥା ସିଡିଏମଓଙ୍କ କାର୍ଯ୍ୟାଳୟର କନିଷ୍ଠ ସହାୟକ ଭାବେ ଯୋଗ ଦେଇଥିଲେ। ୨୦୧୬ ଡିସେମ୍ବର ୧ରୁ ବରିଷ୍ଠ ସହାୟକ ଭାବେ ପଦୋନ୍ନତି ପାଇ ଏହିଠାରେ ଅବସ୍ଥାପିତ ହୋଇଥିଲେ। ବିନା ବଦଳିରେ ଦୀର୍ଘ ଦୁଇଦଶନ୍ଧିରୁ ଅଧିକ ସମୟ (ପ୍ରାୟ ୨୪ବର୍ଷ) ଧରି ସେ ଏଠାରେ ନିଜର ଦବଦବା ଜାହିର କରି ବିଭିନ୍ନ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବାର ଅଭିଯୋଗ ହୋଇଥିଲା।

ପ୍ରକାଶଥାଉକି, କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଆଦେଶ ବଳରେ ଶ୍ରୀ ସାହାଣୀଙ୍କ ଆବାସିକ ଗୃହ, ସରକାରୀ କାର୍ଯ୍ୟାଳୟ ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ଟିମ ଆଜି ସକାଳୁ ଏକକାଳୀନ ଚଢ଼ଉ କରିଥିଲା। ଚଢ଼ଉରେ ୯ଜଣ ଡିଏସପି, ୧୦ଜଣ ଇନ୍ସପେକ୍ଟର୍ ଓ ୭ଜଣ ଏଏସ୍‌ଆଇ ସାମିଲ ଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି।

■ ଆଜି ସପ୍ତପୁରୀ ଅମାବାସ୍ୟା

# ଶ୍ରୀମନ୍ଦିରରେ ପହଞ୍ଚିଲା ସାତପୁରୀ ତାଡ଼

ପୁରୀ, ୨୨।୮ (ସମିସ): ସପ୍ତପୁରୀ ଅମାବାସ୍ୟାରେ ଶନିବାର ମହାପ୍ରଭୁଙ୍କୁ ସାତ ପୁରଦିଆ ସପ୍ତପୁରୀ ଲାଗି ହେବ। ଏଥିଲାଗି ଶୁକ୍ରବାର ସାତପୁରୀ ତାଡ଼ ଶ୍ରୀମନ୍ଦିରରେ ପହଞ୍ଚିଛି। ଦ୍ୱିପ୍ରହର ଧୂପ ବଢ଼ିଲା ପରେ କୁମ୍ଭାର ବିଶୋଇ ସେବକମାନେ ବାଘମୁହାଁ ବାନ୍ଧି ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ୪ଟି ସାତପୁରୀ ତାଡ଼ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ଶ୍ରୀମନ୍ଦିର ଭିତର ବେଢ଼ାରେ ଗୋଟିଏଥର ବୁଲାଇ ଏହାକୁ ଅଚିନ୍ତା ପହଣ୍ଡି ରୋଷ ବେହେରଣଠାରେ ରଖିଥିଲେ। ସନ୍ଧ୍ୟାଧୂପ ବଢ଼ିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଦକ୍ଷିଣକାଳୀଙ୍କ ପୀଠକୁ ଯାଇ ଠାକୁରାଣୀଙ୍କୁ ଅର୍ପଣ କରିଥିଲେ। ପରେ ଦକ୍ଷିଣକାଳୀଙ୍କ ସେବକମାନେ ଏକ ଆଜ୍ଞାମାଳ ଆଣି ଶ୍ରୀମନ୍ଦିରକୁ ଆସି ରୋଷଦ୍ୱାର ପାଖରେ ରୋଷ ପାଇକଙ୍କୁ ଅର୍ପଣ କରିଥିଲେ। ଉକ୍ତ ଆଜ୍ଞାମାଳ ରୋଷଘରେ ବିଜେ ହୋଇଥିଲା। ଏହାପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ମଙ୍ଗଳବାର ସାତପୁରୀ ରୋଷରେ ଏହି ତାଡ଼ରେ ସାତପୁରୀ ପିଠା ପ୍ରସ୍ତୁତ ହେବ।



ସକାଳ ଧୂପରେ ମହାପ୍ରଭୁଙ୍କୁ ସାତପୁରୀ ପିଠା ଲାଗି କରାଯିବ।

ମାଟିରେ ନିର୍ମିତ ସାତପୁରୀ ତାଡ଼ରେ ସାତୁପରୀ ପିଠା ପ୍ରସ୍ତୁତ ହୁଏ। କୁମ୍ଭାର ବିଶୋଇ ସେବକମାନେ ଏହାକୁ ତିଆରି କରିଥା'ନ୍ତି। ୪ଟି ସାତପୁରୀ ତାଡ଼ ଶ୍ରୀମନ୍ଦରକୁ ଆସିଥାଏ। ତିନୋଟିରେ ପିଠା ତିଆରି ହୁଏ। ମାଟିରେ ନିର୍ମିତ ହୋଇଥିବାରୁ କାଳେ ଭାଙ୍ଗିଯିବ, ସେଥିପାଇଁ ଗୋଟିଏ ତାଡ଼ ଅଧିକ ଆସିଥାଏ।

# ସେପ୍ଟେମ୍ବର ୧୫ରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ

ଭୁବନେଶ୍ୱର,୨୨।୮ (ସମିସ): ଆସନ୍ତା ସେପ୍ଟେମ୍ବର ୧୫ରୁ ପୁରୀ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। କାର୍ତ୍ତିକରେ ଲକ୍ଷାଧିକ ଭକ୍ତ ପୁରୀ ଆସିବେ। ଏଥିପାଇଁ ଧାଡ଼ି ଦର୍ଶନ ବ୍ୟବସ୍ଥା ହେବା ନେଇ ଦାବି ହୋଇଆସୁଥିଲା। ପାଖାପାଖି ଏକ ବର୍ଷ ହେବ ଧାଡ଼ି ଦର୍ଶନ ନେଇ ଯୋଜନା ହେଉଥିବେବେଳେ, ଏନେଇ ଶୁକ୍ରବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଧାଡ଼ି ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ଅଛି। ଏହାଦ୍ୱାରା ଭିଡ଼ ନିୟନ୍ତ୍ରଣ ହୋଇପାରିବ, ଶ୍ରଦ୍ଧାଳୁଙ୍କ ପାଇଁ ସୁଗମ ହେବ। ୩ରୁ ୪ ଦିନ ଭିତରେ ପରିଚାଳନା କମିଟି ଗଠନ ହେବ। ପ୍ରଥମ ବୈଠକରେ ହୁଣ୍ଡି ସିଫ୍ଟ ନେଇ ନିଷ୍ପତ୍ତି ହେବ। ଏହାପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଧାଡ଼ି ଦର୍ଶନ ବ୍ୟବସ୍ଥା ହେଲେ ବ୍ୟାରିକେଡ୍‌ରେ ଯାଇ ରାମ୍ପ ଉପରେ ଠିଆ ହୋଇଗଲେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ଦର୍ଶନ ମିଳିଯିବ। ଫଳରେ ବଡ଼ଦେଉଳ ବାହାର କାଠ ପାଖରୁ ଶ୍ରଦ୍ଧାଳୁଙ୍କୁ ପାଦ ଟିପରେ ଟେକି ହୋଇ ମହାପ୍ରଭୁଙ୍କ ଦର୍ଶନ କରିବା ଲାଗି ଭିଡ଼ରେ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବନି। ଆଗରେ ଥିବା ଶ୍ରଦ୍ଧାଳୁ ଓ ପଛରେ ଥିବା ଶ୍ରଦ୍ଧାଳୁ ସମସ୍ତେ ମହାପ୍ରଭୁଙ୍କୁ ଆଖି ପୂରାଇ ବାହାର କାଠ ପାଖରୁ ଦର୍ଶନ କରିପାରିବେ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପୂରା ପ୍ରସ୍ତୁତ ରହିଛି ବୋଲି ମନ୍ତ୍ରୀ କହିଛନ୍ତ।

**ସେପ୍ଟମ୍ବର ୨୮ ତାରିଖରେ ଦ୍ୱିତୀୟ ମେଡିଏସନ ସମ୍ମିଳନୀ**

# ଯୋଗ ଦେଇପାରନ୍ତି ରାଷ୍ଟ୍ରପତି

ଭୁବନେଶ୍ୱର,୨୨।୮ (ସମିସ): ଆସନ୍ତା ସେପ୍ଟମ୍ବର ୨୮ ତାରିଖରେ ଦ୍ୱିତୀୟ ମେଡିଏସନ ସମ୍ମିଳନୀ ଓଡ଼ିଶାରେ ହେବ। ଏହି ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇପାରନ୍ତି। ଏ ନେଇ ଶୁକ୍ରବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପୂର୍ବ ବର୍ଷ ମେଡିଏସନ ସମ୍ମିଳନୀ ଦିଲ୍ଲୀରେ ଆୟୋଜିତ ହୋଇଥିଲା। ଏହାକୁ ମହାମହିମ ରାଷ୍ଟ୍ରପତି ଉଦଘାଟନ କରିଥିଲେ। ଏହାସହ ସୁପ୍ରିମକୋର୍ଟ ପ୍ରଧାନବିଚାର ପତିଙ୍କ ସମେତ ସମସ୍ତ ରାଜ୍ୟର ଆଡଭୋକେଟ୍ ଜେନେରାଲ ମାନେ ଉପସ୍ଥିତ ଥିଲେ। ଆଇନ ପ୍ରଣୟନ ସହ ସମ୍ପର୍କ ଥିବା ରାଜ୍ୟର ପ୍ରମୁଖ ଲୋକଙ୍କ ସହ ସମ୍ମିଳନୀ ଦିଲ୍ଲୀରେ ଆୟୋଜିତ ହୋଇଥିଲା। ଦ୍ୱିତୀୟ ମେଡିଏସନ ସମ୍ମିଳନୀ ଓଡ଼ିଶାରେ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ସଚିବ ସ୍ତରୀୟ ବୈଠକ ସହ ହାଇକୋର୍ଟ ମଧ୍ୟ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସଫଳତା ସହ ଏହା ଯେମିତି ଅନୁଷ୍ଠିତ ହେବ, ସେଥିପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରଧାନବିଚାରପତିଙ୍କ ଠାରୁ ଆରମ୍ଭ କରି ହାଇକୋର୍ଟ ମୁଖ୍ୟବିଚାରପତି ଓ ବିଚାରପତିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ। ଏଠାରେ ମେଡିଏସନର କେମିତି ପ୍ରକ୍ରିୟା ରହିଛି ସେହିସବୁ ବିଷୟରେ ଆଲୋଚନା ହେବ। ଫଳରେ ଆଗାମୀ ଦିନରେ ବିଭିନ୍ନ କେଶ୍‌ରେ ଲିଟିଗେସନ କମିବ। ସରକାରୀ ସ୍ତରରେ ଆଇନକୁ ନେଇ ଯେଉଁ ପ୍ରକ୍ରିୟା ରହିଛି ଏହି ମେଡିଏସନ ଆମକୁ ନୂଆ ରାସ୍ତା ଦେଖାଇବ। ଏହି କାର୍ଯ୍ୟକ୍ରମକୁ ରାଷ୍ଟ୍ରପତିଙ୍କୁ ଆସିବା ପାଇଁ ଅନୁରୋଧ କରିଛୁ। ମୁଖ୍ୟମନ୍ତ୍ରୀ ମଧ୍ୟ ଅନୁରୋଧ ପତ୍ର ପଠାଇଛନ୍ତି। ସବୁ ରାଜ୍ୟର ନ୍ୟାୟିକ ବ୍ୟବସ୍ଥାର ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ସାମିଲ ହେବା ସହ ପାଖାପାଖି ୨୦୦ ପ୍ରତିନିଧି ଏଥିରେ ଯୋଗ ଦେବେ।

# ୨୦୨୬ ସୁଦ୍ଧା କେମିତି ସଫଳ ହେବ ମାଓମୁକ୍ତ ଅଭିଯାନ

**ଖଣି ମାଲିକ ମାଓବାଦୀଙ୍କୁ ଯୋଗାଉଛନ୍ତି ବିସ୍ଫୋରକ**

**ଓଡ଼ିଶାରୁ ଏକାଧିକ ସ୍ଥାନରୁ ଜବତ ହେବା ପରେ ଚିନ୍ତା ପଶିଲା**

**ବିସ୍ଫୋରକ ଯୋଗାଉଥିବା ସଂସ୍ଥା ସମ୍ପର୍କରେ ସୂଚନା ନେଉଛି ଗୁଇନ୍ଦା**

ଭୁବନେଶ୍ୱର,୨୨।୮ (ସମିସ): ୨୦୨୬ ସୁଦ୍ଧା ଦେଶ ମାଓମୁକ୍ତ ହେବାକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଟାର୍ଗେଟ୍ ଦେଇଛନ୍ତି। କିନ୍ତୁ ଏହି ମିସନ୍ କିଭଳି ଓଡ଼ିଶାରେ ସଫଳ ହେବ ତାହାକୁ ନେଇ ଚିନ୍ତା ବଢ଼ିଛି। କାରଣ ଏଠାରେ ଗୁଇନ୍ଦା ବ୍ୟବସ୍ଥା ଫେଲ୍ ମାରିଛି। ଯାହାର ଫାଇଦା ନେଉଛନ୍ତି ଏକାଧିକ ଖଣି ମାଲିକ। କାରଣ ସେମାନଙ୍କୁ ଯୋଗାଇ ଦିଆଯାଉଥିବା ବିସ୍ଫୋରକ ସାମଗ୍ରୀ ସେମାନେ ମାଓବାଦୀଙ୍କୁ ବିକ୍ରି କରୁଛନ୍ତି। ଯାହାଫଳରେ ମାଓବାଦୀ ଏହି ବିସ୍ଫୋରକକୁ ନେଇ ସେମାନେ ଏକାଧିକ ହିଂସା ଘଟାଉଛନ୍ତି। କେଉଁଠି ଆଦିବାସୀ ଗ୍ରାମରେ ପଶି ଲୋକଙ୍କ ଘର ବିସ୍ଫୋରଣ କରି ଉଡାଉଥିବା ବେଳେ ଆଉ କେଉଁଠି ଜଙ୍ଗଲରେ ପଶି ଯବାନମାନଙ୍କୁ ଟିଫିନ୍ ବୋମା ସାହାର୍ଯ୍ୟରେ ଉଡାଇ ଦେଉଛନ୍ତି। ତେଣୁ ଏଭଳି ହିଂସା ପଛରେ ଖଣି ମାଲିକଙ୍କ ହାତ ରହିଛି। ସେମାନେ ମାଓବାଦୀଙ୍କ ସହ ସମ୍ପର୍କ ରଖିଥିବାରୁ ଏଭଳି ହିଂସା ଘଟୁଛି।

ଓଡ଼ିଶାରେ ଏବେ ଆନ୍ଧ୍ର କ୍ୟାଡର ମାଓବାଦୀ ନିଜର ଦବ୍‌ଦବା ଦେଖାଇ ଷଡ଼ଯନ୍ତ୍ର କରିଛନ୍ତି। ସେମାନେ ପ୍ରଥମତଃ କିଛ ଖଣିମାଲିକଙ୍କ ସହ ସଂପର୍କ ରଖି ବିସ୍ଫୋରକ ହାତେଇବାରେ ସମର୍ଥ ହୋଇଛନ୍ତି। ଓଡ଼ିଶାରୁ ଏକାଧିକ ସ୍ଥାନରେ ଏଭଳି ଘଟଣା ଘଟିବା ପରେ ଗୁଇନ୍ଦା ବିଭାଗ ଏବେ ସକ୍ରିୟ ହୋଇଯାଇଛି। ଏକାଧିକ ଖଣି ମାଲିକଙ୍କ ନିକଟକୁ ବିସ୍ଫୋରଣ ଯୋଗାଉଥିବା ସଂସ୍ଥାର ତାଲିକା ନେଇ ସେମାନଙ୍କ ଉପରେ ନଜର ରଖିଛନ୍ତି। ବିସ୍ଫୋରକ ଯୋଗାଉଥିବା ସଂସ୍ଥାର କର୍ମଚାରୀ ଏବଂ ଉପରିସ୍ଥ ଅଧିକାରୀ ମାଓବାଦୀଙ୍କ ସହ ଲିଙ୍କ୍ ଥିବା ସୂଚନା ମିଳିବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜି କଡା ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଗୁଇନ୍ଦା ବିଭାଗ ପୁରା ଆର୍ଲଟରେ ରଖି କାମ କରୁଛି। ଏଥିସହ ଓଡ଼ିଶା ଗୁଇନ୍ଦା ପୁଲିସ ଛତିଶଗଡ଼, ଝାଡ଼ଖଣ୍ଡ ଓ ତେଲେଙ୍ଗାନା ଅଣ୍ଟାଭିଡ଼ିଛନ୍ତି। ମିଳିତ ଭାବରେ ଜଙ୍ଗଲରେ ଜୋରଦାର ଅପରେସନ କରୁଛନ୍ତି। ନିୟୋଜିତ ହୋଇଥିବା କେନ୍ଦ୍ରୀୟ ସୁରକ୍ଷା ବଳ ସାହାଯ୍ୟରେ ଅପରେସନ୍ କରାଯାଉଛି।

ତେବେ ଏମିତି ସମୟରେ ଗୃହଶତ୍ରୁ ସାଜିଛନ୍ତି କିଛି ଖଣି ମାଲିକ। ସୁନ୍ଦରଗଡ଼ ସରଣ୍ଡା ଜଙ୍ଗଲରୁ ୫ ହଜାର ଟନ୍ ବିସ୍ଫୋରକ ଲୁଟ୍ ଏହି ସଙ୍କେତ ଦେଇଥିଲା। ତଥାପି ଚେତିଲାନି ପୁଲିସ କି ପ୍ରଶାସନ। ପଛକୁ ପଛ କନ୍ଧମାଳ ହୁମ୍ମା ଜଙ୍ଗଲରୁ ମାଟି ତଳୁ ଜବତ ହେଲା ୬୦୦ ଡିଟୋନେଟର। ଗଞ୍ଜାମରୁ ୧୦ ଟନ୍ ବିସ୍ଫୋରକ ବି ପାଇଲା ପୁଲିସ। ଏବେ ଝାଡ଼ଖଣ୍ଡ ସୀମାରୁ ବି ପୁଲିସକୁ ପାଇଛି ବିସ୍ଫୋରକ ସାମଗ୍ରୀ। ଏଭଳି ବିସ୍ଫୋରକ ଜବତ କରାଯାଉଥିବା ଭୟରେ ଥରୁଛନ୍ତି ସ୍ଥାନୀୟ ଆଦିବାସୀ ବାସିନ୍ଦା। କାରଣ ମାଓବାଦୀ ଏହି ବିସ୍ଫୋରକ ପାଇବା ପରେ ଗ୍ରାମବାସୀଙ୍କୁ ଟାର୍ଗେଟ କରୁଛନ୍ତି। ସେମାନେ ପୁଲିସର ଗତିବିଧି ଜାଣିବା ପାଇଁ ସ୍ଥାନୀୟ ଗ୍ରାମର ଲୋକଙ୍କୁ ସୂଚନା ଦେବା ପାଇଁ ସାମିଲ କରଉଛନ୍ତି। ଯେଉଁମାନେ ପୁଲିସ ବିରୋଧରେ ସୂଚନା ଦେଉଛନ୍ତି, ସେମାନଙ୍କୁ ଅର୍ଥ ପୁରସ୍କାର ମଧ୍ୟ ଦେଉଛନ୍ତି। ଯାହାଫଳରେ ଗ୍ରାମରେ ଥିବା ବେକାର ଯୁବକମାନେ ଏହି ମାଓବାଦୀ ସଂଗଠନରେ ସାମିଲ ହୋଇ କାର୍ଯ୍ୟ କରୁଛନ୍ତି। ବଡ଼ କଥା ହେଲା, ମାଓବାଦୀଙ୍କୁ କିଏ ଡିଟୋନେଟର ଦେଉଛି, ସେ ରହସ୍ୟର ମୂଳ ଯାଏଁ ପହଞ୍ଚିପାରୁନି ପୁଲିସ। ନିଷିଦ୍ଧ ଡିଟୋନେଟର ପ୍ରସ୍ତୁତି ପାଇଁ କିଏ ଲାଇସେନ୍ସ ଦେଉଛି ଜାଣିବାକୁ ଚାହୁନାହାନ୍ତି ସରକାର। ପୁଲିସ ଅଧିକାରୀ ଜାଣିଲେଣି ଯେ ମାଓବାଦୀଙ୍କ ସହ ହାତ ମିଳାଇଛନ୍ତି ଖଣି ମାଫିଆ। ହେଲେ ଏମାନେ କିଏ ଏ ନାଁ ସାମ୍ନାକୁ ଆସିପାରୁନି। ଏଠାରେ ପ୍ରଶ୍ନ ଉଠୁଛି, ଦେଶ ସୁରକ୍ଷା ସହ ସାଲିସ୍ କରୁଥିବା ଅପରାଧୀ ତତ୍ତ୍ୱଙ୍କ ସହିତ କିଏ, କାହିଁକି ବୁଝାମଣା କରୁଛି? ମାଓବାଦୀଙ୍କ ପଛର ଚେହେରାଙ୍କୁ ଆଗକୁ ଆଣିବାକୁ ପ୍ରଶାସନ କୁନ୍ଥକୁନ୍ଥ କାହିଁକି ? ଏନେଇ ଏହିଜି ସଞ୍ଜୀବ ପଣ୍ଡା କହିଛନ୍ତି ଯେ କିଛି ଖଣି ମାଲିକ ଏବଂ ବିସ୍ଫୋରକ ଯୋଗାଉଥିବା ସଂସ୍ଥା ଉପରେ ଏବେ ଗୁଇନ୍ଦା ବିଭାଗ ସ୍କାନରରେ ନେଇ ଛାନ୍‌ଭିନ କରୁଛି।

# ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

ବାରିପଦା, ୨୨।୮ (ସମିସ): ମୟୂରଭଞ୍ଜ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକସୋ କୋର୍ଟ ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତ ବୀରସିଂ ହାଁସଦା (୬୦)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏହାସହ ପୀଡ଼ିତା ନାବାଳିକାକୁ ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ସନ୍ତୋଷ କୁମାର ନାୟକ ଏହି ରାୟ ଶୁଣାଇଛନ୍ତି।

ବୀରସିଂର ଘର ବାଦାମପାହାଡ଼ ଥାନା ଅଞ୍ଚଳରେ। ୨୦୨୪ ମେ' ୨୮ ତାରିଖରେ ଜଣେ ଦିବ୍ୟାଙ୍ଗ ନାବାଳିକା ଗ୍ରାମ ନିକଟ ହସ୍ପିଟାଲରୁ ଘରକୁ ଫେରିବା ବେଳେ ବୀରସିଂ ତାଙ୍କୁ ଅପହରଣ କରିନେଇଥିଲା। ନାବାଳିକାକୁ ୨ ଦିନ ଧରି ଅଟକ ରଖିବା ସହ ତାଙ୍କୁ ଦୁଷ୍କର୍ମ କରିଥିଲା। ଘରକୁ ଫେରିବା ପରେ ନାବାଳିକାଜଣଙ୍କ ପରିବାରଲୋକଙ୍କୁ ଏ ସଂପର୍କରେ ଜଣାଇବା ପରେ ବାଦାମପାହାଡ଼ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ପୀଡ଼ିତାର ବୟାନ ରେକର୍ଡ କରିଥିଲେ। ଏହାସହ ଅଭିଯୁକ୍ତ ବୀରସିଂକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

# ୨୫ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୨।୮ (ସମିସ): ଆସନ୍ତା ସୋମବାର ଅଗଷ୍ଟ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ଜିଲ୍ଲା ଅଦାଲତଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଜିଲ୍ଲା ଜଜ୍ ସମ୍ମିଳନୀ ଉଦ୍‌ଘାଟିତ**

କଟକ,୨୨।୮ (ସମିସ): ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ଜିଲ୍ଲା ଅଦାଲତଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥା'ନ୍ତି। ବିଶେଷକରି ମହକିଲମାନଙ୍କୁ ନ୍ୟାୟ ପ୍ରଦାନରେ ବିଚାର ବିଭାଗୀୟ ଅଧିକାରୀମାନଙ୍କ ଉତ୍ତରଦାୟିତ୍ୱ ରହିଛି। ବିଚାର ବିଭାଗ ଅଧିକାରୀମାନେ ନିଜ ମଧ୍ୟରେ ଭାବବିନିମୟ କରିବା ସହ ସମ୍ମୁଖୀନ ହେଉଥିବା ସମସ୍ୟା ଉତ୍‌ଥାପନ ଓ ଏହାର ସମାଧାନ ପନ୍ଥା ବାହାର କରିବାକୁ କହିଛନ୍ତି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ। ଓଡ଼ିଶା ଜୁଡିସିଆଲ ଏକାଡେମି ସମ୍ମିଳନୀ କକ୍ଷଠାରେ ଜିଲ୍ଲା ଜଜ୍ ସମ୍ମିଳନୀ-୨୦୨୫କୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ବିଚାରପତି ଜଷ୍ଟିସ ଟଣ୍ଡନ ଯୋଗଦେଇ ଏହା କହିଛନ୍ତି।

ଏହି ସମ୍ମିଳନୀ ବିଚାର ବ୍ୟବସ୍ଥାକୁ ଆହୁରି ବିକଶିତ କରିବା ପାଇଁ ସହାୟକ ହୋଇପାରିବ। ଏହାଦ୍ୱାରା ପରସ୍ପର ମଧ୍ୟରେ ଭାବ ଓ ଅଭିଜ୍ଞତାର ଆଦାନ ପ୍ରଦାନ ହୋଇପାରିବ ବୋଲି ଜିଲ୍ଲା ଜଜ ମାନଙ୍କୁ ଆହ୍ୱାନ ଦେଇଛନ୍ତି ମୁଖ୍ୟ ବିଚାରପତି। ଏଥିସହ ହାଇକୋର୍ଟର ବାର୍ଷିକ ରିପୋର୍ଟ -୨୦୨୪କୁ ଉନ୍ମୋଚନ କରିଥିଲେ ମୁଖ୍ୟ ବିଚାରପତି। ଏହି ସମ୍ମିଳନୀରେ ବିଚାରପତି ତଥା ଜିଲ୍ଲା ଜଜ୍ ସମ୍ମିଳନୀ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଭୁପ୍ରସାଦ ରାଉତରାୟ, ହାଇକୋର୍ଟ ବାର୍ଷିକ ରିପୋର୍ଟ କମିଟିର ଅଧ୍ୟକ୍ଷ ଜଷ୍ଟିସ କୃଷ୍ଣରାମ ମହାପାତ୍ର, ଜଷ୍ଟିସ ଶଶିକାନ୍ତ ମିଶ୍ର, ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ପ୍ରମୁଖ ଉଦ୍‌ବୋଧନ ଦେଇ ଜିଲ୍ଲାଜଜ୍ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଜଷ୍ଟିସ ସାବିତ୍ରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀ ୩ ଦିନ ଧରି ଚାଲିବାକୁ ଥିବା ବେଳେ ଜିଲ୍ଲା ଜଜ୍‌ମାନେ ବିଚାର ବ୍ୟବସ୍ଥାରେ ଥିବା ବିଭିନ୍ନ ଚାଲେଞ୍ଜ ଓ ସମସ୍ୟା ସମ୍ପର୍କରେ ଅବଗତ ହେବେ। ଏହି ସମ୍ମିଳନୀରେ ୩୦ଟି ଜିଲ୍ଲାର ଜଜ୍‌ମାନେ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀ ଅବସରରେ ଆସନ୍ତା ଦୁଇଦିନ ବିଭିନ୍ନ ସେସନ୍‌ରେ ଜିଲ୍ଲା ଜଜ୍‌ମାନେ ଆଲୋଚନା ପର୍ଯ୍ୟାଲୋଚନା କରିବେ। ଜିଲ୍ଲା ବିଚାର ବ୍ୟବସ୍ଥାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ଫୌଜଦାରୀ ଆଇନର ବିଭିନ୍ନ ଦିଗ, ବିଚାର ବ୍ୟବସ୍ଥାର କାର୍ଯ୍ୟ ପ୍ରଣାଳୀ ଓ ଚାଲେଞ୍ଜ ଓ ନ୍ୟାୟିକ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା ହେବ।

# ଜାତୀୟ ଜଳ ବିଜ୍ଞାନ ପ୍ରତିଷ୍ଠାନ ତରଫରୁ ୫ ଦିନିଆ ମେସିନ ଲର୍ଣ୍ଣିଂ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୨୨।୮ (ସମିସ): ବିଭିନ୍ନ ବିଭାଗରେ କାର୍ଯ୍ୟରତ ଯନ୍ତ୍ରୀ, ଗବେଷକ, ଆଗ୍ରହୀ ଛାତ୍ରଛାତ୍ରୀ ତଥା ଜଳ ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଆଗ୍ରହୀ ବ୍ୟକ୍ତିବିଶେଷଙ୍କୁ ନେଇ ଜାତୀୟ ଜଳ ବିଜ୍ଞାନ ପ୍ରତିଷ୍ଠାନ, ରୁର୍‌କୀ ଦ୍ୱାରା ଆୟୋଜିତ ୫ ଦିନିଆ ମେସିନ ଲର୍ଣ୍ଣିଂ ତାଲିମ୍ ଶିବିର ଅଗଷ୍ଟ ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ରାଜ୍ୟରୁ ୧୨ ଜଣ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶାରୁ ଜଳ ସମ୍ପଦ ବିଭାଗ ଅଧୀନସ୍ଥ ଓଡ଼ିଶା ଉଠାଜଳସେଚନ ନିଗମର ଉପ-ନିର୍ଦ୍ଦେଶକ ଇଂ ଅଜୟ କୁମାର ମହାକୁଡ଼ ଯୋଗଦେଇ ଅତ୍ୟାଧୁନିକ ମେସିନ ଲର୍ଣ୍ଣିଂ ବିଷୟରେ ପ୍ରଶିକ୍ଷଣ ନେଇଥିଲେ। ଓଡ଼ିଶା ଉଠାଜଳସେଚନ ନିଗମ ଉଭୟ ଭୂତଳ ଓ ଭୂପୃଷ୍ଠ ଜଳକୁ ବ୍ୟବହାର କରି ଜଳସେଚନର ବିକାଶ ନିମନ୍ତେ କାର୍ଯ୍ୟ କରୁଥିବା ଯୋଗୁଁ ତାଙ୍କର ଏହି ତାଲିମ୍ ନିଗମ ପାଇଁ ବିଶେଷ ଉପଯୋଗୀ ହେବ ବୋଲି ଶ୍ରୀ ମହାକୁଡ଼ ଆଶା ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ଉଠାଜଳସେଚନ ନିଗମ ଦ୍ୱାରା ପ୍ରାୟ ୧.୫୦ ଲକ୍ଷରୁ ଉର୍ଦ୍ଧ୍ୱ ଗଭୀର ନଳକୂପ ପ୍ରକଳ୍ପ ଓ ୩୮୦୦୦ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ କରାଯାଇ ଜଳସେଚନ କ୍ଷେତ୍ରରେ ନିଗମ ପ୍ରମୁଖ ଭୂମିକା ନିର୍ବାହ କରିଆସୁଛି। ଆଗାମୀ ୫ ବର୍ଷରେ ଆହୁରି ଅଧିକ ୯ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ଯୋଗାଇ ଦେବାକୁ ସରକାରଙ୍କ ତରଫରୁ ଲକ୍ଷ୍ୟ ରଖାଯାଇଛି। ସଂପ୍ରତି ପରିବର୍ତ୍ତିତ ପରିସ୍ଥିତିରେ ଓଡ଼ିଶାର ଯନ୍ତ୍ରୀମାନେ ଏଭଳି ତାଲିମ୍ ନେଇ ବୈଷୟିକ ଜ୍ଞାନକୌଶଳ ଉପଯୋଗ କଲେ ଓଡ଼ିଶାର ଜଳସମ୍ପଦକୁ ଉପଯୁକ୍ତ ଭାବେ ବିନିଯୋଗ ତଥା ପରିଚାଳନା କରାଯାଇ ପାରିବ ବୋଲି ଶ୍ରୀ ମହାକୁଡ଼ ମତ ପ୍ରକାଶ କରିଛନ୍ତି।

**ଅସୁରକ୍ଷିତ ବଡ଼ଦେଉଳ**

# ଶ୍ରୀମନ୍ଦିର ଉପରକୁ ଚଢ଼ିବା ବେଳେ ଧରାପଡ଼ିଲେ ଭକ୍ତ

**ସପ୍ତାହକ ମଧ୍ୟରେ ଦ୍ୱିତୀୟ ଘଟଣା**

**ସମୀକ୍ଷା କଲେ ମୁଖ୍ୟ ପ୍ରଶାସକ ଓ ଏସ୍‌ପି**

**ସଚେତନତା ପାଇଁ ମନ୍ଦିର ବାହାରେ ଲାଗିବ ସାଇନବୋର୍ଡ**

**ଆନନ୍ଦ ବଜାରରେ ହେବ ସ୍ୱତନ୍ତ୍ର ସିସିଟିଭି କଣ୍ଟ୍ରୋଲ ରୁମ୍**

ପୁରୀ, ୨୨।୮ (ସମିସ): ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଛି ପ୍ରଶ୍ନ। ହଜାର ହଜାର ଭକ୍ତଙ୍କ ଭିଡ଼ ମଧ୍ୟରେ ପୁଲିସ କର୍ମୀ ଓ ସେବାୟତଙ୍କ ଆଖିରେ ଧୂଳି ଦେଇ ଶ୍ରୀମନ୍ଦିର ଉପରକୁ ଆଜି ପୁଣି ଜଣେ ଶ୍ରଦ୍ଧାଳୁ ଚଢ଼ିବାକୁ ଚେଷ୍ଟା କରିଛନ୍ତି। ବେହେରଣ ଦ୍ୱାର ଦେଇ ସେ ପାଖାପାଖି ୫ ଫୁଟ୍ ଉପରକୁ ଉଠିଥିବା ବେଳେ ସୁରକ୍ଷାକର୍ମୀ ତାଙ୍କୁ ଅଟକାଇବା ସହ ସୁରକ୍ଷିତ ଭାବେ ତଳକୁ ଓହ୍ଲାଇଥିଲେ। ବ୍ୟକ୍ତିଜଣଙ୍କ ହେଲେ, ଉତ୍ତରପ୍ରଦେଶର ମନୋଜ ସିଂ। ପୁଲିସ୍ ତାଙ୍କୁ ସିଂହଦ୍ୱାର ଥାନାକୁ ନେଇ ପଚରାଉଚରା କରିବା ପରେ ଛାଡ଼ି ଦେଇଛି। ମାନସିକ ପୂରଣ ହୋଇଥିବାରୁ ସେ ମନ୍ଦିର ଉପରକୁ ଚଢୁଥିଲେ ବୋଲି ପୁଲିସ ଆଗରେ କହିଛନ୍ତି। ତେବେ ମନ୍ଦିର ଉପରକୁ ଶ୍ରଦ୍ଧାଳୁ ଚଢ଼ିବା, ସପ୍ତାହକ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ଆଗକୁ ଯେପରି ଏହାର ପୁନରାବୃତ୍ତି ନ ହେବ, ତାହାର ସମୀକ୍ଷା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଏସ୍‌ପି। ଏଥିପାଇଁ କ'ଣ କ'ଣ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ, ତାହା ମଧ୍ୟ ସ୍ଥିର କରିଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ଭିତରେ ଓ ବାହାରେ ଓଡ଼ିଶା ପୁଲିସ, ସ୍ୱତନ୍ତ୍ର ସୁରକ୍ଷା ବାହିନୀ, ଜେଟିପିଙ୍କ ଭଳି ମାଳମାଳ ସୁରକ୍ଷାକର୍ମୀ ନିୟୋଜିତ ଥିବା ବେଳେ ବିଭିନ୍ନ ଜାଗାରେ ସିସିଟିଭି ଲାଗିଛି। ଏହା ସତ୍ତ୍ୱେ ଶ୍ରଦ୍ଧାଳୁ ମନ୍ଦିର ଉପରକୁ ଚଢ଼ିଯାଉଛନ୍ତି। ଏହା ସୁରକ୍ଷା ବ୍ୟବସ୍ଥାରେ ବଡ଼ ତ୍ରୁଟି ବୋଲି କିଛି ସଚେତନ ନାଗରିକ କହିଛନ୍ତି। ଯଦି ସମ୍ପୃକ୍ତର ବ୍ୟକ୍ତିଙ୍କର କିଛି ଅସୁବିଧା ହୋଇଥା'ନ୍ତା, ସେଥିପାଇଁ କି'ଏ ଦାୟୀ ରହିଥାନ୍ତା ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ, ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି ଶ୍ରୀମନ୍ଦିର ଏବଂ ପୁଲିସ ପ୍ରଶାସନ। ଆଗକୁ ଯେପରି ଏହାର ପୁନରାବୃତ୍ତି ନ ହୁଏ, ସେନେଇ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏବଂ ଏସ୍‌ପି ପିନାକ ମିଶ୍ର ମନ୍ଦିର ଭିତରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶ୍ରୀମନ୍ଦିର ଭିତରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଆନନ୍ଦବଜାରରେ ସ୍ୱତନ୍ତ୍ର ସିସି ଟିଭି କଣ୍ଟ୍ରୋଲ ରୁମ୍ କରାଯିବା ସହ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ସୁରକ୍ଷା କର୍ମୀ ନିୟୋଜିତ ହେବେ। ଏଥିସହ ଆହୁରି ଅତିରିକ୍ତ ସୁରକ୍ଷା କର୍ମୀ ମନ୍ଦିର ଭିତରେ ନିୟୋଜିତ କରାଯିବା ନେଇ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ପ୍ରତିକ୍ରିୟା ରଖିଛନ୍ତି।

ଅପରପକ୍ଷେ, ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି ଯେ ଶ୍ରୀମନ୍ଦିରରେ ଅନେକ ସମ୍ବେଦନଶୀଳ ସ୍ଥାନ ରହିଛି, ଯେଉଁ ବାଟଦେଇ ଭକ୍ତମାନେ ଅତି ସହଜରେ ମନ୍ଦିର ଉପରକୁ ଚଢ଼ିପାରୁଛନ୍ତି। ସେହିସବୁ ସ୍ଥାନରେ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ୨୪ ଘଣ୍ଟିଆ ପହରା ଦେବେ। ଏଥିସହ ଶ୍ରୀମନ୍ଦିର ଭିତରେ ପୁଲିସ ଆଉଟ୍‌ପୋଷ୍ଟ କରିବା ନେଇ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଛି। ଭକ୍ତଙ୍କୁ ସଚେତନ କରିବା ଲାଗି ମନ୍ଦିର ବାହାରେ ବିଭିନ୍ନ ସ୍ଥାନରେ ସାଇନ୍ ବୋର୍ଡ ଲଗାଯିବ। ଫଳରେ ଶ୍ରଦ୍ଧାଳୁମାନେ ମନ୍ଦିର ଭିତରକୁ ପ୍ରବେଶ ପୂର୍ବରୁ ବିଭିନ୍ନ କଟକଣା ବାବଦରେ ଅବଗତ ହୋଇପାରିବେ। ଏସବୁ କାମ ପାଇଁ ଏଏସ୍‌ଆଇକୁ ମଧ୍ୟ ଅବଗତ କରାଯିବ। ମନ୍ଦିର ଭିତରେ ଲାଗିଥିବା ସିସିଟିଭିଗୁଡ଼ିକୁ ଆନନ୍ଦବଜାରରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ କରାଯାଇ ସମସ୍ତ ଗତିବିଧି ଉପରେ ନଜର ରଖାଯିବ।

■ ବଢୁଛି ହୀରାକୁଦ ଜଳସ୍ତର

# ପୁଣି ଖୋଲିବ ଗେଟ୍

ସମ୍ବଲପୁର, ୨୨।୮ (ସମିସ): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାର କ୍ରମାଗତ ଫୁଲିବାରେ ଲାଗିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଥିବା ବେଳେ ଆଜି ସଂଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୧୮.୩୯ ଫୁଟ୍ ରହିଛି। ତେବେ ଆଗାମୀ ଦିନରେ ଉପରମୁଣ୍ଡରେ ବର୍ଷାର ପରିମାଣ ବଢ଼ିବା ନେଇ ଆଶଙ୍କା ଥିବାରୁ ଆସନ୍ତାକାଲି ହୀରାକୁଦର ଗେଟ୍ ଖୋଲାଯାଇପାରେ ବୋଲି କୁହାଯାଇଛି। ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୩୫,୮୫୬ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୬୪୧ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚ୍ୟାନେଲ ଦେଇ ୩୧,୫୬୦ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୮୬୭ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅପରପକ୍ଷେ, ନଦୀବନ୍ଧର ଉପରମୁଣ୍ଡରେ ୧୬.୪୪ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୨.୧୪ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦର ଜଳସ୍ତର ୬୨୦.୮୯ ଫୁଟ୍ ରହିଥିଲା।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ବାରିପଦା, ୨୨।୮ (ସମିସ):** ମୟୂରଭଞ୍ଜ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକସୋ କୋର୍ଟରେ ଏକ ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ମାମଲାର ବିଚାର କରି ଅଭିଯୁକ୍ତକୁ ୨୦ ବର୍ଷର କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏହା ସହିତ ପିଡିତା ନାବାଳିକାକୁ ୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସାମୀ ଜଣକ ହେଲେ ଚାନ୍ଦୁଆ ଥାନା ଅନ୍ତର୍ଗତ ଝିନେଇ ଗ୍ରାମର ଶୁକ୍ରା ସିଂ (୬୦)। ସୂଚନାଯୋଗ୍ୟ ଯେ, ଗତ ୨୦୨୩ ମେ ମାସରେ ଜନୈକା ଦିବ୍ୟାଙ୍ଗ ନାବାଳିକା ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଅଭିଯୁକ୍ତ ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲା। ଏ ନେଇ କାହାକୁ ଜଣାଇଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲା। ଯାହାକୁ ନେଇ ପୀଡିତା ନାବାଳିକା ଜଣକ ଭୟଭୀତ ହୋଇ ପରିବାର ଲୋକଙ୍କୁ କିଛି ଜଣାଇ ନ ଥିଲା। ୮ମାସ ପରେ ପୀଡିତା ଜଣକ ଅନ୍ତଃସ୍ୱତ୍ତ୍ୱା ହେବା ପରେ ପରିବାର ଲୋକେ ଘଟଣା ବାବଦରେ ଜାଣିବାକୁ ପାଇଥିଲେ। ପରେ ପରିବାର ଲୋକେ ଚାନ୍ଦୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ପୀଡିତାଙ୍କ ବୟାନ ରେକର୍ଡ କରିବା ସହିତ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।



# ସ୍ନାତକୋତ୍ତର ପରୀକ୍ଷାରେ ଏମ୍‌ସିଏମ୍‌ର ସଫଳତା

**ବାରିପଦା, ୨୨।୮ (ସମିସ):** ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଚତୁର୍ଥ ସେମିଷ୍ଟାର-୨୦୨୫ ପରୀକ୍ଷା ଫଳ ପ୍ରକାଶ ପାଇଛି। ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏମ) ସ୍ନାତକୋତ୍ତର ବିଭାଗର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଇଂରାଜୀରେ ଶୁଭଶ୍ରୀ ପାଣିଗ୍ରାହୀ ୭୮.୬୦%, ସିଜିପିଏ ୮.୪୫%, ରାଜନୀତି ବିଜ୍ଞାନରେ ପ୍ରତୀକ୍ଷା ସାହୁ ୭୧.୮୦%, ସିଜିପିଏ ୭.୬୦, ଶିକ୍ଷା ବିଭାଗରେ ଅଭିଷେକ ଘଡେଇ ୭୯.୧୯%, ସିଜିପିଏ ୮.୪୧, ଓଡିଆ ବିଭାଗରେ ମୋନାଲିସା ବାରିକ ୭୯.୬୦%, ସିଜିପିଏ ୮.୫୬, ପ୍ରାଣୀବିଜ୍ଞାନରେ ବୟଜନ୍ତିମାଳା ଭୋଇ ୭୯.୦୪%, ସିଜିପିଏ ୮.୫୫, ଉଭିଦ ବିଜ୍ଞାନରେ ସ୍ୱସ୍ତିକା ଦାଶ ୭୮.୭୦%, ସିଜିପିଏ ୮.୩୬, ରାସାୟନ ବିଜ୍ଞାନରେ ଅନିମା ରାଉତ ୭୪.୭୦%, ସିଜିପିଏ ୭.୯୮, ପଦାର୍ଥ ବିଜ୍ଞାନରେ ପୁଷ୍ପାଞ୍ଜଳି ବେହେରା ୭୦.୦୪% ସିଜିପିଏ ୮.୩୬ ରଖିଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଇଛନ୍ତି। ଏହି ସଫଳତା ପାଇଁ ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କୁ ସାଧୁବାଦ ଜଣାଇଛନ୍ତି।

# ଏମ୍‌ପିକେ ବିଦ୍ୟାଳୟରେ ଶ୍ରୀମଦ୍ ଭଗବତ୍‌ଗୀତା ପୁସ୍ତକ ବଣ୍ଟନ



**ବାରିପଦା, ୨୨।୮ (ସମିସ):** ବାରିପଦା ପୌର ପରିଷଦ ଅନ୍ତର୍ଗତ ଏମ୍‌ପିକେ ବାଳିକା ଉଚ୍ଚ ବିଦ୍ୟାଳୟରେ ପଶ୍ଚିମବଙ୍ଗ ମାୟାପୁର ଇସ୍କନ ତରଫରୁ ପବିତ୍ର ଭଗବଦ ଗୀତା ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲଳିତ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାୟାପୁର ଧାମରୁ ଆସିଥିବା ଶ୍ରୀପାଦ ଗୌରଧାମ ଦାସ, ମନୋରମ ଗୌର ଦାସ ଓ ବାରିପଦାର ଗୋଲକ ଗୋପୀନାଥ ଦାସ ପ୍ରମୁଖ ଯୋଗ ଦେଇ ପବିତ୍ର ଗ୍ରନ୍ଥ ଗୀତା ଉପରେ ଆଲୋକପାତ କରିଥିଲେ। ନିୟମିତ ଗୀତା ପାଠ ଦ୍ୱାରା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ, ମାନସିକ, ଆଧ୍ୟାତ୍ମିକ ଓ ଶାରୀରିକ ବିକାଶ ସହ ଜଣେ ସୁନାଗରିକ ରୂପେ ଗଢିତୋଳିବାରେ ସହାୟକ ହୋଇଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ନବମ ଓ ୧୦ମ ଶ୍ରେଣୀର ୩୦୦ ଛାତ୍ରୀଙ୍କୁ ଏହି ପୁସ୍ତକ ବଣ୍ଟନ କରାଯାଇଥିଲା। ବାରିପଦାର ଗୋପାଳ ଜିୱେଲାରୀର ଉଦ୍ୟୋକ୍ତା ମନୋଜ କୁମାର ସାଓ, ସଞ୍ଜୀବ କୁମାର ହୋତା, ପଦ୍ମଲାଭ ଦାସ, ଚନ୍ଦ୍ରକାନ୍ତି ଦାସ, ଅମୂଲ୍ୟ ଜେନା, ଗରୁଡ଼ ବାହାନ ଦାସ, ଖୁଣ୍ଟାର ଶିବରାମ ଟୁଡୁ ଓ ମହାରାଷ୍ଟ୍ରର ହରେଶ କଞ୍ଚନୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ କମଳାଂଶୁ ତ୍ରିପାଠୀ, ଶିକ୍ଷୟିତ୍ରୀ ବିଦ୍ୟୁସ୍ମିତା ସାହୁ ଓ କଳ୍ପନା ମହାପାତ୍ର ପରିଚାଳନାରେ ସହାୟତା କରିଥିବାବେଳେ ଶିକ୍ଷକ ବିଶେଶ୍ୱର ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

## 'ନାନୋ' ଗବେଷଣାରେ କୃତିତ୍ୱ



କ୍ଷୁଦ୍ରାତିକ୍ଷୁଦ୍ର ନାନୋ ସେରାମିକ୍ସ ପଦାର୍ଥର ବିବିଧ ପ୍ରୟୋଗ ତଥା ସମ୍ଭାବ୍ୟ ଉପଯୋଗିତା ସମ୍ବନ୍ଧରେ ଦୀର୍ଘ ଛଅ ବର୍ଷ ଗବେଷଣା କରି ଯୁବ ଗବେଷକ ଅର୍ପିତା ପ୍ରିୟଦର୍ଶିନୀ ଦୀକ୍ଷିତ କିଟ୍ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି. ଡିଗ୍ରୀ ଲାଭ କରିଛନ୍ତି। ତାଙ୍କ ଗବେଷଣା ଭୌତିକ ବିଜ୍ଞାନ ଓ ନାନୋ ପ୍ରଯୁକ୍ତିର ଅଭିନବତାକୁ ପ୍ରସାରିତ କରିଛି। ଏହା ପୂର୍ବରୁ ସେ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ, ସରାଙ୍ଗରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ। ଅର୍ପିତାଙ୍କ ସନ୍ଦର୍ଭଟି କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ ଏସ୍.କେ. ଏସ୍. ପରାଶରଙ୍କ ମାର୍ଗ ଦର୍ଶନରେ ପ୍ରସ୍ତୁତ। ଆଇ.ଆଇ.ଟି., ରୁର୍କିର ପ୍ରଫେସର ରମେଶ ଚନ୍ଦ୍ର ସନ୍ଦର୍ଭର ଉଚ୍ଚ ପ୍ରଶଂସା କରିଛନ୍ତି। ଅର୍ପିତା ନେଦରଲ୍ୟାଣ୍ଡର ମାକ୍ସ ପ୍ଲାଙ୍କ ଇନଷ୍ଟିଚ୍ୟୁଟରେ ସୋସିଆଲ ରୋବଟିକ୍ସ ସମ୍ବନ୍ଧରେ ଗବେଷଣା ଜାରି ରଖିଥିବା ଡ ଚିନ୍ମୟ ମିଶ୍ରଙ୍କ ଧର୍ମପତ୍ନୀ। ପୁରୀରେ ଅବସ୍ଥାନ କରୁଥିବା କବି ତଥା ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଡ଼ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ର (ପତି)ଙ୍କ ସେ ପୁତ୍ରବଧୂ ତଥା ସୋର ନିକଟସ୍ଥ ଅଙ୍କବ୍ରହ୍ମପୁର ନିବାସୀ ଶ୍ରୀ ମନୋଜ କୁମାର ଦୀକ୍ଷିତ ଓ ଶ୍ରୀମତୀ ଦୀପିକା ଦୀକ୍ଷିତଙ୍କ ଜ୍ୟେଷ୍ଠା କନ୍ୟା। ସ୍ୱଗ୍ରାମର ପ୍ରଥମ ପିଏଚଡ଼ି ହିସାବରେ ସେ ସମସ୍ତଙ୍କ ପ୍ରଶଂସା ଭାଜନ ହେବା ସହ ଯୁବପିଢୀଙ୍କ ନିମନ୍ତେ ପ୍ରେରଣାମୟ ଉଦାହରଣ ସୃଷ୍ଟି କରିଛନ୍ତି। ଭୌତିକ ବିଜ୍ଞାନ କ୍ଷେତ୍ରରେ ନାନୋ ପ୍ରଯୁକ୍ତିର ଅଧ୍ୟୟନ ତଥା ପରିବେଶ ଅନୁକୂଳ ପ୍ରଦୂଷଣ ମୁକ୍ତ ସେରାମିକ୍ସ ଉପାଦାନ ବିକଶିତ କରି ତାହା ସାହାଯ୍ୟରେ ଯନ୍ତ୍ରାଂଶ ଓ ଉପକରଣ ନିର୍ମାଣ ସମ୍ବନ୍ଧରେ ତାଙ୍କ ଗବେଷଣା ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚିତ ହୋଇଛି।

## ମୟୂରଭଞ୍ଜରେ ୧୪୮ଟି ନୂଆ ଲ୍ୟାମ୍ପ୍ସ କାର୍ଯ୍ୟାରମ୍ଭ ନେଇ ଅନିଶ୍ଚିତତା

# କାର୍ଯ୍ୟାଳୟ ଓ ଗୋଦାମ ଗୃହ ନିର୍ମାଣରେ ବିଳମ୍ବ

**ବାରିପଦା, ୨୨।୮ (ସମିସ)**

କୃଷି ଓ କୃଷକଙ୍କ ସରକାରୀ ସୁବିଧା ସୁଯୋଗ ହାତପାଆନ୍ତାରେ ଯୋଗାଇବା ଲକ୍ଷ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨୦୨୩ ମାର୍ଚ୍ଚରେ ରାଜ୍ୟର ଲ୍ୟାମ୍ପ୍ସ/ପାକ୍ସଗୁଡିକର ସଂଖ୍ୟା ବୃଦ୍ଧି କରିଥିଲେ। ପ୍ରତି ୨ଟି ପଞ୍ଚାୟତକୁ ନେଇ ଗୋଟିଏ ଲେଖାଏଁ ଲ୍ୟାମ୍ପ୍ସ ବା ପାକ୍ସ ଗଠନ କରିଥିଲେ। ଏଥିପାଇଁ ସ୍ଥାନ ଚିହ୍ନଟ ପାଇଁ ଦେବା ନିର୍ଦ୍ଦେଶ ସହିତ ସରକାରୀ ଅନୁଦାନ ମଧ୍ୟ ଯୋଗାଇ ଦିଆଯାଇଥିଲା। ତେବେ ନିର୍ବାଚନ ଆଚରଣବିଧି ଲାଗୁ ପାଇଁ କାର୍ଯ୍ୟ ସ୍ଥଗିତ ଥିଲା ; ପରନ୍ତୁ ନୂତନ ସରକାର ଗଠନ ୧୪ ମାସ ବିତିବା ପରେ ବି ବ୍ୟବସ୍ଥା ଆଗଉ ନାହିଁ। ଅନେକ ସ୍ଥାନରେ ରାଜସ୍ୱ ବିଭାଗ ନୂତନ ଲ୍ୟାମ୍ପ୍ସ/ପାକ୍ସ ପାଇଁ ଜମି ଆବଣ୍ଟନ ପ୍ରକ୍ରିୟା ବିଳମ୍ବ ପାଇଁ ବର୍ତ୍ତମାନ ସେଗୁଡିକର କାର୍ଯ୍ୟାରମ୍ଭରେ ଅନିଶ୍ଚିତତା ଦେଖାଦେଇଛି। ଅନ୍ୟ କିଛି ସ୍ଥାନରେ ଜମି ଆବଣ୍ଟନ ହେଉ ନ ଥିବାରୁ କାର୍ଯ୍ୟାଳୟ ଓ ଗୋଦାମଗୃହ ନିର୍ମାଣ ହୋଇପାରୁନାହିଁ। ଫଳରେ ଚାଷୀ ପୂର୍ବ ଭଳି ମୂଳ ଲ୍ୟାମ୍ପ୍ସ/ପାକ୍ସ ଉପରେ ନିର୍ଭର କରିବାକୁ ପଡୁଛି। ଚାଷୀମାନେ ପୂର୍ବଭଳି ଧାନ ବିକ୍ରି ପାଇଁ ପଞ୍ଜୀକରଣ, ବିହନ ଓ ସାର କିଣିବା, ଧାନ ବିକ୍ରି କରିବା ଓ ସମବାୟ ବ୍ୟାଙ୍କ ସୁବିଧା ଘର ନିକଟରେ ପାଇବାରୁ ବଞ୍ଚିତ ରହୁଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ଥିବା ୫୨ଟି ଲ୍ୟାମ୍ପ୍ସରୁ ଅଧିକ ୧୪୮ଟି ଲ୍ୟାମ୍ପ୍ସ ପ୍ରତିଷ୍ଠା ପାଇଁ ଅନୁମୋଦନ ମିଳିଥିଲା। ବାରିପଦା ସର୍କଲ ପାଇଁ ସର୍ବାଧିକ ୭୧, ରାଇରଙ୍ଗପୁର ପାଇଁ ୨୮, କପ୍ତିପଦା ପାଇଁ ୨୧ ଓ କରଞ୍ଜିଆ ପାଇଁ ୨୮ଟି ନୂତନ ଲ୍ୟାମ୍ପ୍ସ ନିମନ୍ତେ ଅନୁମୋଦନ ମିଳିଥିଲା। ପ୍ରତି ଦୁଇଟି ପଞ୍ଚାୟତର ଚାଷୀଙ୍କୁ ନେଇ ଏହି ଲ୍ୟାମ୍ପ୍ସ ପରିଚାଳନା ପାଇଁ ସମସ୍ତ ପ୍ରକ୍ରିୟା ମଧ୍ୟ ଶେଷ ହୋଇଥିଲା। ସେହିପରି ୧୪୮ଟି ନୂତନ ସମେତ ୫୨ଟି ପୁରୁଣା ଲ୍ୟାମ୍ପ୍ସର ଗୃହ ପାଇଁ ୧୪ଲକ୍ଷ ଓ ୫୦ମେଟ୍ରିକ ଟନ ଶସ୍ୟ ଗୋଦାମଗୃହ ନିର୍ମାଣ ପାଇଁ ୧୬ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ତଦନୁସାରେ ବାରିପଦା ସର୍କଲ ପାଇଁ ୨ଟି ସ୍ଥାନ ପାଇଁ ୩୭ଲକ୍ଷ ୩୪ହଜାର ଟଙ୍କା, ରାଇରଙ୍ଗପୁର ସର୍କଲର ୫ଟି ସ୍ଥାନ ପାଇଁ ୯୩ଲକ୍ଷ ୩୫ହଜାର ଟଙ୍କା, କରଞ୍ଜିଆ ସର୍କଲର ୩ଟି ସ୍ଥାନ ପାଇଁ ୫୬ଲକ୍ଷ ୭ହଜାର ଟଙ୍କା ମଧ୍ୟ ପ୍ରଦାନ ସରିଛି ; ମାତ୍ର ଜମି ଆବଣ୍ଟନ ପ୍ରକ୍ରିୟା ବିଳମ୍ବ ପାଇଁ କୌଣସି ଅଗ୍ରଗତି ହେଉନାହିଁ। କାର୍ଯ୍ୟକାରୀ ହେବାକୁ ଥିବା ନୂତନ ଲ୍ୟାମ୍ପ୍ସ ପାଇଁ କର୍ମଚାରୀ ନିଯୁକ୍ତି ମଧ୍ୟ ହୋଇନାହାନ୍ତି। ଫଳରେ ମୂଳ ଲ୍ୟାମ୍ପ୍ସର କର୍ମଚାରୀ ନୂତନ ଲ୍ୟାମ୍ପ୍ସ ଜମି ଅଧିଗ୍ରହଣ କାର୍ଯ୍ୟ ପାଇଁ ଆଗ୍ରହ ଦେଖାଉ ନ ଥିବାରୁ କାର୍ଯ୍ୟ ଆଗକୁ ଯାଉନାହିଁ। ନୂତନ ସରକାର ଧାନବିକ୍ରି ପାଇଁ ଏମଏସପି ବୃଦ୍ଧି ପରେ ଲ୍ୟାମ୍ପ୍ସ/ପାକ୍ସରେ କାର୍ଯ୍ୟଭାର ବୃଦ୍ଧି ଘଟିଛି। ଏଣୁ ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି ସ୍ୱତନ୍ତ୍ର ନିର୍ଦ୍ଦେଶ ଜାରି କଲେ ଜମି ଅଧିଗ୍ରହଣ ସହିତ ଗୃହ ଓ ଗୋଦାମ ନିର୍ମାଣ ପ୍ରକ୍ରିୟା ଶେଷ ହୋଇପାରନ୍ତା। ଅନ୍ୟଥା ପୂର୍ବ ସରକାରଙ୍କ ଚାଷୀଙ୍କ ପାଇଁ ପ୍ରଣୀତ ଏକ ଲୋକାଭିମୁଖୀ ଯୋଜନା ବାସ୍ତବ ରୂପ ନେବାରେ ବିଳମ୍ବ ଘଟିବ।

**ପୂର୍ବ ସରକାରଙ୍କ ଚାଷୀଙ୍କ ସୁବିଧା ବିକେନ୍ଦ୍ରୀକରଣ ଯୋଜନା ରୂପାୟନରେ ବାଧା**

## ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ମୟୂରଭଞ୍ଜକୁ ୨ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ପଦକ

# ପ୍ରତିଯୋଗୀ ମଧ୍ୟରେ ଡେପୁଟି କଲେକ୍ଟର ଶୁଭଙ୍କରୀ



**ବାରିପଦା/କରଞ୍ଜିଆ, ୨୨।୮ (ସମିସ):** ଝାଡ଼ଖଣ୍ଡର ଜାମସେଦପୁରଠାରେ ଅନୁଷ୍ଠିତ ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ମୟୂରଭଞ୍ଜ ଦଳର ୩ ଜଣ ଖେଳାଳି ୪ଟି ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଗତ ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସତ୍ୟବାନ ଜେନା ୯୩ କିଗ୍ରା ବର୍ଗରେ ସ୍ୱର୍ଣ୍ଣ, ବିକ୍ରମ ବେହେରା ୮୩ କିଗ୍ରା ବର୍ଗରେ ସ୍ୱର୍ଣ୍ଣ ଓ ବେଞ୍ଚ, ପ୍ରେସରେ ବ୍ରୋଞ୍ଜ, ଶୁଭଙ୍କରୀ ସ୍ୱଦେଶନା ଦାଶ ମହିଳା ବର୍ଗ ୬୩ କିଗ୍ରା ବେଞ୍ଚ ପ୍ରେସ ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ପପୁ ବିଶ୍ୱାଳ ଓ ମୋନାଲିସା ପତ୍ର ଯଥା କ୍ରମେ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିଲେ। ବ୍ରୋଞ୍ଜ ପଦକ ହାସଲ କରିଥିବା ଶୁଭଙ୍କରୀ ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ। ବ୍ୟସ୍ତ କର୍ମମୟ ଜୀବନ ଭିତରୁ ସମୟ ବାହାର କରି ନିଜର ଦୃଢ ଇଚ୍ଛାଶକ୍ତି ବଳରେ ଜଣେ ସଫଳ କ୍ରୀଡ଼ାବିତ ଭାବେ ସେ ସୁନାମ ଅର୍ଜନ କରିପାରିଛନ୍ତି। ଏହି ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସଏ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଓ ସମସ୍ତ ସହକାରୀବୃନ୍ଦ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ପୂର୍ବରୁ ମଧ୍ୟ ରାଉରକେଲାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିସାରିଛନ୍ତି। ଏହି ସଫଳତା ପାଇଁ ସେ ନିଜ କୋଚ ବିକ୍ରମ ବେହେରାଙ୍କୁ ସମସ୍ତ ଶ୍ରେୟ ଦେବା ସହ ନିଜ ପରିବାରବର୍ଗଙ୍କ ସମେତ ସମସ୍ତ ସହକାରୀ କର୍ମଚାରୀଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି।

# ଏମ୍‌ପିସି କଲେଜରେ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ




**ବାରିପଦା, ୨୨।୮ (ସମିସ):** ଏମପିସି କଲେଜର ରାଜନୀତି ବିଜ୍ଞାନ ପକ୍ଷରୁ ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର ଶୁକ୍ରବାର ଉଦଘାଟିତ ହୋଇଯାଇଛି। ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପୃଷ୍ଠପୋଷକତାରେ ଆୟୋଜିତ ଆଲୋଚନାଚକ୍ରର ପ୍ରସଙ୍ଗ 'ଡିଜିଟାଲ ଯୁଗରେ ଭାରତୀୟ ଗଣତନ୍ତ୍ର: ସମ୍ଭାବନା ଓ ଆହ୍ୱାନ' ରହିଥିଲା। ବୁଲଗାରିଆର ରାଷ୍ଟ୍ରଦୂତ ଅରୁଣ କୁମାର ସାହୁ ଆଭାସୀ ମାଧ୍ୟମରେ ଆଲୋଚନାଚକ୍ରକୁ ଉଦଘାଟନ କରିଥିଲେ। ଆବାହକ ତଥା କଲେଜର ଅଧ୍ୟକ୍ଷା ଡ. ଆଲବର୍ଟିନା ତିର୍କୀ ଉଦ୍‌ଘାଟନୀ ଉତ୍ସବରେ ପୌରୋହିତ୍ୟ କରି ସ୍ୱାଗତ ଅଭିଭାଷଣ ରଖିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟଅତିଥି ଭାବେ ଜେଏନୟୁ ବିଶ୍ୱବିଦ୍ୟାଳୟର ନରେନ୍ଦ୍ର କୁମାର ଗଣତନ୍ତ୍ରରେ ଡିଜିଟାଲ ପ୍ଲାଟଫର୍ମର ବ୍ୟବହାର ଯେତିକି ଉପଯୋଗିତା ରହିଛି ତା'ଠାରୁ ସମସ୍ୟା ବହୁଳ ରହିଛି ବୋଲି କହିଥିଲେ। ଅତିଥି ବକ୍ତା ଭାବରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ଆରଏନ ଭଟ୍ଟାଚାର୍ଯ୍ୟ, ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଜୟ ଘୋଷ ସୋସିଆଲ ମିଡିଆରେ ଘଟୁଥିବା ବିଭିନ୍ନ ରାଜନୈତିକ କ୍ରିୟାକଳାପ ଓ ତାର ପରିଣାମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ଡ. ସଦାନନ୍ଦ ମେହେର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଓ ଆୟୋଜକ ସମ୍ପାଦକ ଡ. ଅରୁଣ ରାୟ ବିଷୟ ନିଷ୍କର୍ଷ ଉପସ୍ଥାପନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନର ଆଲୋଚକ ଭବରେ ନ୍ୟାସନାଲ ଆଇନ ବିଶ୍ୱବିଦ୍ୟାଳୟ, ଭୋପାଳର ପ୍ର. ତପନ ରଞ୍ଜନ ମହାନ୍ତି, ଏଫଏମ୍ ବିଶ୍ୱବିଦ୍ୟାଳୟର ଅନିଲ କୁମାର ମହାପାତ୍ର ବିଷୟ ବିଶାରଦ ଭବରେ ଯୋଗଦେଇ ପ୍ରସଙ୍ଗର ବିଭିନ୍ନ ଦିଗ ସମ୍ପର୍କରେ ଚର୍ଚ୍ଚା କରିଥିଲେ। ପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଘରୋଇ ମେସ୍‌ରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

# ସବୁ ପିଲାଙ୍କୁ ନେଇଗଲେ ଅଭିଭାବକ

**ଉଦଳା, ୨୨।୮ (ସମିସ):** ଏକ ଘରୋଇ ମେସର ମାଲିକ ଛାତ୍ରୀମାନଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଛାତ୍ରୀମାନେ କାନ୍ଦି କାନ୍ଦି ପରିବାର ଲୋକଙ୍କୁ କହିବା ପରେ ମେସରେ ପହଞ୍ଚି ଘେରିଛନ୍ତି। ଏଭଳି ଏକ ସାଙ୍ଘାତିକ ଅଭିଯୋଗ ଆସିଛି ଉଦଳା ସ୍ଥିତ ମୋନାଲିସା ଏକାଡେମୀ ନାମରେ। ଏକାଡେମୀର ମାଲିକ ବିସିକେଶନ ଗୋଚ୍ଛାୟତ ମେସରେ ରହୁଥିବା ଛାତ୍ରୀମାନଙ୍କୁ ବିଭିନ୍ନ ସମୟରେ ପାଖକୁ ଡାକି ଅସଦାଚରଣ କରିଥାନ୍ତି। ଏ ନେଇ ଛାତ୍ରୀମାନେ କାନ୍ଦି କାନ୍ଦି ପରିବାର ଲୋକଙ୍କୁ ଫୋନରେ କହିଥିଲେ। ଛାତ୍ରୀମାନଙ୍କ ପରିବାର ପହଞ୍ଚି ମାଲିକ ଶ୍ରୀ ଗୋଚ୍ଛାୟତଙ୍କ ସହିତ ଆଲୋଚନା କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେ ଲୁଚିକରି ଘରେ ଭିତରେ ରହି ବାହାରକୁ ଆସିନଥିଲେ। ଫଳରେ ଅଭିଭାବକମାନେ ନିଜ ନିଜ ପିଲାଙ୍କୁ ମେସରୁ ନେଇ ଯାଇଛନ୍ତି। ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିବା ବେଳେ ମେସ ମାଲିକ କବାଟ ବନ୍ଦ କରି ଘର ଭିତରେ ରହିଛନ୍ତି। ଏଭଳି ଅଭିଯୋଗ ସମସ୍ତ ଛାତ୍ରୀ କରିଛନ୍ତି। ପୂର୍ବରୁ ମଧ୍ୟ ଆତ୍ମହତ୍ୟା ଭଳି ଘଟଣା ମଧ୍ୟ ଘଟିଯାଇଛି। ଏ ନେଇ ମାଲିକ ଶ୍ରୀ ଗୋଚ୍ଛାୟତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ବିବାହର ପ୍ରତିଶ୍ରୁତି ଦେଇ ବିଧବାଙ୍କୁ ପ୍ରତାରଣା; ଯୁବକ ଗିରଫ

**ସାରସକଣା, ୨୧।୮ (ସମିସ):** ରାଜ୍ୟରେ ଦିନକୁଦିନ ପ୍ରେମ ଓ ପ୍ରତାରଣା ମାମଲା ବଢ଼ିବାରେ ଲାଗିଥିବାବେଳେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସାରସକଣା ବ୍ଲକ ଝାରପୋଖରିଆ ଥାନା ଅଞ୍ଚଳରେ ବୁଧବାର ଜଣେ ବିଧବାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବକ ଶାରୀରିକ ସମ୍ପର୍କ ରଖିଥିବା ନେଇ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଲିଖିତ ଅଭିଯୋଗ ମୁତାବକ, ଝାରପୋଖରିଆ ଥାନା ଅନ୍ତର୍ଗତ ପୋଖରଡିହା ପଞ୍ଚାୟତ ଜାମକୁଣ୍ଡା ଗାଁର ଶୁକ୍ଲାଲ ସିଂ ଜଣେ ବିଧବାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୀର୍ଘଦିନ ହେଲା ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ତେବେ ସେ ଏବେ ଗର୍ଭବତୀ ଥିବା ନେଇ ଯୁବକ ଜାଣିବା ପରେ ଧୋକାଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏବେ ତାଙ୍କୁ ଗର୍ଭପାତ କରାଇବାକୁ ଔଷଧ ଦେବା, ଔଷଧ ନ ଖାଇଲେ ଜୀବନରୁ ମାରି ଦେବାକୁ ଶୁକ୍ଲାଲ ଧମକ ଦେଉଥିବା ଏତଲାରେ ଉଲ୍ଲେଖ ରହିଛି। ମହିଳାଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ଶୁକ୍ଲାଲକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।






## ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ବଡ଼ସାହି ଅବହେଳିତ ଓ ଉପେକ୍ଷିତ

# ଏନ୍‌ଏସି ମାନ୍ୟତା ଓ ସବ୍‌ଟ୍ରେଜେରୀ ପ୍ରତିଷ୍ଠା ଦାବି

**ବଡସାହି, ୨୧।୮ (ସମିସ)**



ଗାଆଁର ନାଁ ବଡ଼ସାହି। ଗ୍ରାମ ପଞ୍ଚାୟତର ନାମ ବଡ଼ସାହି। ଏପରିକି ବ୍ଲକ, ତହସିଲ୍, ବିଧାନସଭା ନିର୍ବାଚନ ମଣ୍ଡଳୀର ନାଁ ମଧ୍ୟ ବଡ଼ସାହି। ମୟୂରଭଞ୍ଜ ଜିଲ୍ଲାର ସର୍ବବୃହତ ବ୍ଲକ ହେଉଛି ବଡସାହି। ସବୁ ବଡ ବିଶେଷଣ ଭିତରେ ରାଜନୈତିକ ବା ସରକାରୀ କରୁଣା ଦୃଷ୍ଟିରୁ କାଣିଚାଏ ବି ବଡ଼ସାହିଠାରେ ଦେଖିବାକୁ ମିଳୁନି। ସବୁ କ୍ଷେତ୍ରରେ ଅବହେଳିତ, ବଞ୍ଚିତ ଓ ଉପେକ୍ଷିତ। ସମସ୍ତ ପ୍ରକାରର ଭିତ୍ତିଭୂମି ଥାଇ ବି ବହୁ ପଛରେ ରହିଛି ବଡସାହି। ଶିକ୍ଷା, ସ୍ୱାସ୍ଥ୍ୟଠୁ ଆରମ୍ଭ କରି ସବୁ କ୍ଷେତ୍ରରେ ଅବହେଳିତ। ରାଜନୈତି ଇଚ୍ଛାଶକ୍ତିର ଅଭାବ ଯୋଗୁଁ ବଡ଼ସାହିର ବଡ଼ ହେବାର ଯଥାର୍ଥତା ପ୍ରତିପାଦିତ ହୋଇ ପାରିନି। ନାହିଁ ନାହିଁରେ ଚାଲିଛି ଏହି ବ୍ଲକ। ଅନ୍ୟ ସ୍ଥାନଠାରୁ ଯୋଗ୍ୟତା ଦୃଷ୍ଟିକୋଣରୁ ବହୁ ଆଗରେ ଥାଇ ମଧ୍ୟ ଏଯାଏଁ ସବ୍ ଟ୍ରେଜରୀଟିଏ ଖୋଲିପାରିଲା ନାହିଁ। ଏପରିକି ବଡସାହିରେ ଏଯାଏଁ ବସଷ୍ଟାଣ୍ଡଟିଏ ହୋଇପାରିଲା ନାହିଁ। ଜେଏମ୍‌ଏଫ୍‌ସି କୋର୍ଟ ହେବାର ସରକାରୀ ଘୋଷଣା ହୋଇଛି; ଯାହାକି ପୂର୍ବତନ ବିଜେଡି ସରକାରଙ୍କ ଶାସନ କାଳରେ ମଧ୍ୟ ଘୋଷଣା କରାଯାଇ କୋଠା ନିର୍ମାଣ ପାଇଁ ସ୍ଥାନ ନିରୂପଣ ହୋଇସାରିଛି। ମାତ୍ର ଅସ୍ଥାୟୀ ଭାବେ ତୁରନ୍ତ କାର୍ଯ୍ୟକାରିତା ପାଇଁ ପୁରୁଣା ବ୍ଲକ କାର୍ଯ୍ୟାଳୟ ଗୃହ ଅଥବା ପୁରୁଣା ଥାନା କାର୍ଯ୍ୟାଳୟ ଗୃହ ବ୍ୟବହାର ଉପଯୋଗୀ ଅବସ୍ଥାରେ ଥିଲେ ମଧ୍ୟ ସେଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଏବେ ପର୍ଯ୍ୟାୟକ୍ରମେ ରାଜ୍ୟ ସରକାର ବିଭିନ୍ନ ସ୍ଥାନକୁ ଏନ୍‌ଏସି ଘୋଷଣା କରୁଛନ୍ତି; କିନ୍ତୁ ସାମଗ୍ରିକ ଦୃଷ୍ଟିକୋଣରୁ ବଡ଼ସାହି ଯୋଗ୍ୟ ହୋଇଥିଲେ ମଧ୍ୟ ବଡ଼ସାହିର ନାମ ବିଚାରକୁ ନିଆଯାଇନାହିଁ। ଏଥିପାଇଁ ଓଡ଼ିଶାର କୋଣ ଅନୁକୋଣରୁ ବିଭିନ୍ନ ସ୍ଥାନରେ ଏନ୍‌ଏସି ମାନ୍ୟତା ପାଇଁ ସରକାରୀ ସ୍ତରରେ ଘୋଷଣା ନିମନ୍ତେ ଚାପ ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ ଆନ୍ଦୋଳନ ଚାଲିଛି। ସରକାର ବି କିଛି ଅଞ୍ଚଳର ଦାବିକୁ ମାନିନେଲେଣି; ହେଲେ ବୋଧହୁଏ ବଡ଼ସାହିବାସୀଙ୍କ କୁମ୍ଭକର୍ଣ୍ଣ ନିଦ ଏଯାଏଁ ଭାଙ୍ଗି ନାହିଁ। ଏହି ଶିଥିଳତା ପ୍ରଶାସନ ଓ ରାଜନୈତିକ ଶକ୍ତିକୁ ବେଶ୍ ସୁହାଉଛି। ନିଜର ହକ୍ ବା ଅଧିକାରକୁ ସାବ୍ୟସ୍ତ ନ କଲେ ତାହା ମିଳିବ ନାହିଁ। କଥାରେ କହନ୍ତି, 'ଶୋଇଲା ପୁଅକୁ ଭାଗ ମିଳେନାହିଁ' ବଡ଼ସାହି କ୍ଷେତ୍ରରେ ଏହି କଥା ହିଁ ପରିଲକ୍ଷିତ ହେଉଛି। ବାହାରକୁ ନ ବାହାରି ବହୁ ସ୍ଥାନୀୟ ବୁଦ୍ଧିଜୀବୀ ବଡ଼ସାହି ପ୍ରତି କରାଯାଉଥିବା ଏହି ଅବହେଳା ଓ ଉପେକ୍ଷା ପାଇଁ ସରକାରଙ୍କ ବିରୋଧରେ ପ୍ରତିକୂଳ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ଏଭଳି ଅବିଚାରକୁ ଆଉ ଭବିଷ୍ୟତରେ ବରଦାସ୍ତ କରାଯିବ ନାହିଁ। ଦରକାର ପଡ଼ିଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ପଡ଼ିବ ବୋଲି ମତପ୍ରକାଶ କରିଛନ୍ତି। ଉଭୟ ପ୍ରଶାସନିକ ଓ ରାଜନୈତିକ ବିଚାରରୁ ବଡ଼ସାହିକୁ ଉପେକ୍ଷିତ ନ ରଖି ତାକୁ କେବେ ଉଚିତ ନ୍ୟାୟ ମିଳିବ ? ଏହି କଥା ଶୁଣିବାକୁ ଓ ଦେଖିବାକୁ ବଡ଼ସାହିର ଜନ ସାଧାରଣ ଆଶା ଓ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଛନ୍ତି। ସରକାର, ମନ୍ତ୍ରୀ, ସାଂସଦ ଓ ବିଧାୟକ ଦୃଷ୍ଟି ଦେବାକୁ ଦାବି ହୋଇଛି।




## ୨୭ ରୁ ବାରିପଦାରେ ଅଗ୍ନିବୀର ବାୟୁ ନିଯୁକ୍ତି ରାଲି; ୩ ସେପ୍ଟେମ୍ବର ଯାଏ ଚାଲିବ

# ଭାଗନେବେ ୧୨ ରାଜ୍ୟର ଆଶାୟୀ ପ୍ରାର୍ଥୀ

ବାରିପଦା, ୨୨।୮(ସମିସ): ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ଭୁବନେଶ୍ୱର ଭାରତୀୟ ବାୟୁ ସେନା ତରଫରୁ ୯-ଏଆରମେନ ଚୟନ କେନ୍ଦ୍ରଙ୍କ ମିଳିତ ଆନୁକୂଲ୍ୟରେ ଆସନ୍ତା ୨୭ତାରିଖରୁ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ବାରିପଦାସ୍ଥିତ ଛଉ ପଡ଼ିଆରେ ଅଗ୍ନିବୀର ବାୟୁ ପଦବୀ ନିଯୁକ୍ତି ରାଲିରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏହି ନିଯୁକ୍ତି ରାଲି ପୁରୁଷ ଓ ମହିଳା ଆଶାୟୀ ପ୍ରାର୍ଥୀଙ୍କ ନିମନ୍ତେ ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏଥିରେ ଆସାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରା, ମେଘାଳୟ, ମଣିପୁର, ମିଜୋରାମ, ନାଗାଲ୍ୟାଣ୍ଡ, ସିକ୍କିମ, ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଝାରଖଣ୍ଡ ସମେତ ଓଡ଼ିଶାର ସମସ୍ତ ଜିଲ୍ଲାର ଅବିବାହିତ ପୁରୁଷ ଓ ମହିଳା ଚୟନ ପାଇଁ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଆଶାୟୀମାନେ ଅଂଶ ଗ୍ରହଣ କରିପାରିବେ। ଚୟନ ପ୍ରକ୍ରିୟାରେ ଯୋଗଦାନ ପାଇଁ ପୂର୍ବରୁ ନାମ ପଞ୍ଜୀକରଣ କରିବା ଆବଶ୍ୟକ ନାହିଁ। ପ୍ରାର୍ଥୀମାନେ ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ନାମ ପଞ୍ଜୀକରଣ କରିପାରିବେ। ପ୍ରାର୍ଥୀମାନଙ୍କ ପାଇଁ ଶାରୀରିକ ଫିଟନେସ, ଲିଖିତ ପରୀକ୍ଷା, ଅନୁକୂଳନ କ୍ଷମତା ୧ ଓ ୨ ଏବଂ ମେଡିକାଲ ଆପଏଣ୍ଟମେଣ୍ଟ ହେବ। ଚୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ପ୍ରାର୍ଥୀମାନେ ୧ ଜାନୁଆରୀ ୨୦୦୫ରୁ ୧ ଜୁଲାଇ ୨୦୦୮ ମଧ୍ୟରେ ଜନ୍ମ ଗ୍ରହଣ କରିଥିବେ। (ଯେଉଁମାନଙ୍କ ବୟସ ସାଢେ ୧୭ରୁ ୨୧ ବର୍ଷ ଭିତରେ ହୋଇଥବ)। ଯୁକ୍ତ ୨ କଳା ବାଣିଜ୍ୟ, ବିଜ୍ଞାନ ବା ଯେକୌଣସି ବିଷୟ ସହିତ ସମସ୍ତ ବିଷୟରେ ସାମୂହିକ ସର୍ବନିମ୍ନ ୫୦ ଶତକଡା ଏବଂ ଇଂରାଜୀ ବିଷୟରେ ସର୍ବନିମ୍ନ ୫୦ ଶତକଡା ନମ୍ବର ରଖିଥିବା ଆବଶ୍ୟକ। ୨ ବର୍ଷର ଭୋକେସନାଲ ପାଠ୍ୟକ୍ରମ/ ଆଇଟିଆଇ/୩ ବର୍ଷର ଡିପ୍ଲୋମା (ମେକାନିକାଲ/ ଇଲେକ୍ଟ୍ରିକଲ/ ଇଲେକ୍ଟ୍ରୋନିକସ/ଅଟମୋବାଇଲ/ କମ୍ପୁଟର ସାଇନ୍ସ/ଇନଷ୍ଟ୍ରୁମେଣ୍ଟେସନ/ଆଇଟି) ସମସ୍ତ ବିଷୟରେ ସର୍ବନିମ୍ନ ୫୦ ଶତକଡା ଏବଂ ଇଂରାଜୀରେ ସର୍ବନିମ୍ନ ୫୦ ଶତକଡା ନମ୍ବର ଥିବା ଦରକାର। ଯଦି ଏହିସବୁ ପାଠ୍ୟକ୍ରମରେ ଇଂରାଜୀ ବିଷୟ ନ ଥିବ, ମାଟ୍ରିକରେ ଇଂରାଜୀରେ ସର୍ବନିମ୍ନ ୫୦ ଶତକଡା ନମ୍ବର ଥିବା ଦରକାର।

ଶାରୀରିକ ଗଠନ ଯୋଗ୍ୟତା ଅନୁସାରେ ପୁରୁଷ ଓ ମହିଳା ଉଭୟ ପ୍ରାର୍ଥୀଙ୍କ ପାଇଁ ସର୍ବନିମ୍ନ ଉଚ୍ଚତା ୧୫୨ ସେଣ୍ଟିମିଟର ହୋଇଥିବ ଏବଂ ଓଜନ (ଉଚ୍ଚତା ଓ ବୟସ ) ଅନୁପାତରେ ହୋଇଥିବା ଆବଶ୍ୟକ। ସେହିପରି ଛାତି ଚଉଡା ପୁରୁଷଙ୍କ ପାଇଁ ନ୍ୟୁନତମ ୭୭ ସେମି ଓ ବିସ୍ତାର ୫ ସେମି ହେବା ଆବଶ୍ୟକ ଏବଂ ମହିଳା ପ୍ରାର୍ଥୀଙ୍କ ପାଇଁ ଛାତି ବିସ୍ତାର ୫ ସେମି ହେବା ଆବଶ୍ୟକ। ଇଚ୍ଛୁକ ପ୍ରାର୍ଥୀମାନେ ସାଙ୍ଗରେ ସମସ୍ତ ପାଠ୍ୟକ୍ରମର ଅସଲି ମାର୍କସିଟ ଓ ପାସ ସାର୍ଟିଫିକେଟ ସହିତ ଏକକିତା ନକଲ, ଏନସିସି ଏ, ବି, କିମ୍ବା ସି ସାର୍ଟିଫିକେଟ, ବାୟୁସେନାଙ୍କ ସନ୍ତାନ ନିମିତ୍ତ ପ୍ରମାଣ ପତ୍ର, ଆଧାରକାର୍ଡ, ବାସିନ୍ଦା ସାର୍ଟିଫିକେଟ, ଜାତିଗତ ପ୍ରମାଣ ପତ୍ର, ବର୍ତ୍ତମାନର ପାସପୋର୍ଟ ସାଇଜର ରଙ୍ଗୀନ ଫଟୋ ୨୦ କପି ଆଣିବା ଆବଶ୍ୟକ। ପ୍ରାର୍ଥୀମାନେ ନିର୍ଦ୍ଧାରିତ ଟେଷ୍ଟ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି କୃତକାର୍ଯ୍ୟ ହେଲେ ଅଗ୍ନିବୀର ବାୟୁ ପଦବୀରେ ଯୋଗଦାନ କରିପାରିବେ। ଆଗ୍ରହୀ ପ୍ରାର୍ଥୀମାନେ ଏହି ନିଯୁକ୍ତି ରାଲିରେ ଯୋଗଦେଇ ଏହାର ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି। ଏ ସଂକ୍ରାନ୍ତରେ ସବିଶେଷ ତଥ୍ୟ ଆଗ୍ରହୀ ପ୍ରାର୍ଥୀମାନେ ସେମାନଙ୍କ ସମ୍ପୃକ୍ତ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟଠାରୁ ମଧ୍ୟ ପାଇପାରିବେ।

## ୨୨ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା




କୁଆମରା, ୨୨।୮(ସମିସ): ଖୁଣ୍ଟା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଗୋପବନ୍ଧୁ ନଗର ଓ ଖୁଣ୍ଟା ଦୁଇ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୨ ଜଣ ସ୍ୱଳ୍ପ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଉକ୍ତ ଶିବିରକୁ ଖୁଣ୍ଟା ବ୍ଲକ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମ ଉଦଘାଟନ କରିଥିଲେ। ରାସଗୋବିନ୍ଦପୁର ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ଡାକ୍ତର ରାଜେଶ ପାଲ ଓ କର୍ମଚାରୀ ଚକ୍ଷୁ ପରୀକ୍ଷା କରିବା ସହ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ବିଆରପି ପ୍ରତିମା ମହାପାତ୍ର, ପ୍ରମୋଦ କୁମାର ପ୍ରଧାନ, ଫକିର କୁମାର ବେହେରା, ତାପସ କୁମାର ଦେ ପ୍ରମୁଖ ସହଯୋଗ କରିଥିଲେ।

## ବଜ୍ରପାତ ଜନିତ ବିପଦରୁ ରକ୍ଷା ପାଇବା ପାଇଁ ଗଡ଼ିଲା ସଚେତନ ରଥ



ସାରସକଣା, ୨୨।୮(ସମିସ): ସାରସକଣା ବ୍ଲକରେ ବିପର୍ଯ୍ୟୟ ପରିଚାଳନା ପାଇଁ ବଜ୍ରପାତ ଜନିତ ଆକସ୍ମିକ ବିପଦରୁ ରକ୍ଷା ପାଇବା ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ରଥକୁ ଏବିଡିଓ ଦେବାଶିଷ ସାହୁ, ବ୍ଲକ ଫାଇନାସ ଅଧିକାରୀ ଦୁର୍ଗାପ୍ରସାଦ ମାହାଲି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ବ୍ଲକର ୧୭ଟି ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ସଚେତନ କରିବ। ବଜ୍ରପାତରୁ ଘରକୁ ରକ୍ଷା କରିବା ପାଇଁ ପ୍ରତିରୋଧକ କଣ୍ଡକ୍ଟର ଲଗାଇବା ଘଡଘଡି ଶବ୍ଦ ଶୁଣିଲେ ଖୋଲା ସ୍ଥାନରୁ ଯଥାଶୀଘ୍ର କୌଣସି ପକ୍କାଘର ଭିତରକୁ ଚାଲି ଆସିବା, ମୋଟା ଚଦର ଛାତ ଥିବା ଗାଡ଼ି ଯଥା କାର୍, ବସ୍ ଆଦି ଯାନ ମଧ୍ୟ ନିରାପଦ ସ୍ଥାନକୁ ଚାଲିଯିବା, ଘର ଭିତରେ ଥିବାବେଳେ ଝରକା, କବାଟ ଏବଂ କାନ୍ଥଠାରୁ ଛାଡ଼ିକରି ରହିବା, ବିଦ୍ୟୁତ୍ ସୁପରିବାହୀ ବସ୍ତୁଠାରୁ ଦୂରରେ ରହିବା, ନିରାପଦ ଆଶ୍ରୟସ୍ଥଳଠାରୁ ଦୂରରେ ରହିବା ଆଦି ବାର୍ତ୍ତା ପ୍ରଚାର କରିବ ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ଗଛକୁ ଧକ୍କା ଦେଇ ବାଇକ୍ ଆରୋହୀ ମୃତ

ଖୁଣ୍ଟା, ୨୨।୮(ସମିସ): ଶୁକ୍ରବାର ବିସିପୁର ନିକଟସ୍ଥ ଗଞ୍ଜାମ ଛକଠାରେ ରାସ୍ତା ପାର୍ଶ୍ୱସ୍ଥ ଏକ ଶାଗୁଆନ ଗଛକୁ ଧକ୍କା ଦେଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ଖୁଣ୍ଟା ଥାନା ବିସିପୁର ଗ୍ରାମ ପଞ୍ଚାୟତ ଅଧୀନ ଆଠପଡ଼ା ଗ୍ରାମ ନିବାସୀ ସନାତନ ପଧୁରିଆଙ୍କ ପୁତ୍ର ଇନ୍ଦ୍ରଜିତ ପଧୁରିଆ ବିସିପୁର ଲ୍ୟାମ୍ପ୍ସକୁ ବାଇକରେ ଯାଇଥିଲେ। ନିଜର କାର୍ଡ ଲ୍ୟାମ୍ପ୍ସରେ ଦେଇ କୌଣସି କାମ ପାଇଁ ନିକଟସ୍ଥ କହେଁଇବନ୍ଧ ଗ୍ରାମକୁ ଯାଇଥିଲେ। ବର୍ଷା ଯୋଗୁଁ ଦ୍ରୁତଗତିରେ ଫେରିବା ସମୟରେ ଭାରସାମ୍ୟ ହରାଇ ଗଞ୍ଜାମ ଛକ ନିକଟରେ ରାସ୍ତା ପାର୍ଶ୍ୱସ୍ଥ ଏକ ଶାଗୁଆନ ଗଛକୁ ଧକ୍କା ଦେଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଉଦଳା ଥାନା ଅଧିକାରୀ ପହଞ୍ଚି ଶବକୁ ଜବତ କରି ତଦନ୍ତ ଚଳାଇଛନ୍ତି।

## ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

କୁଆମରା, ୨୨।୮ (ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ନଛିପୁର ଗ୍ରାମର ଜଣେ ବୃଦ୍ଧଙ୍କୁ ସାପ କାମୁଡି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଡାଲମା ହେମ୍ବ୍ରମ (୬୦)। ସେ ଗତ ୧୨ ତାରିଖ ରାତିରେ ଶୌଚ ହେବାକୁ ଯାଇଥିବା ବେଳେ ତାଙ୍କ ଗୋଡକୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ତାଙ୍କୁ ତୁରନ୍ତ ପ୍ରଥମେ ଖୁଣ୍ଟା ଓ ପରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା; ହେଲେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି।

## ମୋବାଇଲ ଟାୱାରରୁ ଲକ୍ଷାଧିକ ଟଙ୍କାର ବ୍ୟାଟେରୀ ଚୋରି

ବାରିପଦା, ୨୨।୮(ସମିସ): ନିତୁଆପଦା ଅଞ୍ଚଳରେ ମୋବାଇଲ ଟାୱାରରୁ ଲକ୍ଷାଧିକ ଟଙ୍କାର ବ୍ୟାଟେରୀ ଚୋରି ହୋଇଛି। ଏନେଇ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି। ଟାୱାର ଠିକ ଭାବେ କାର୍ଯ୍ୟ କରୁନଥିବାରୁ ଯାଞ୍ଚ କରିଥିଲେ। ହେଲେ ଟାୱାରରେ ବ୍ୟାଟେରୀ ନଥିବା ଜଣାପଡ଼ିଥିଲା। ଦୁର୍ବୃତ୍ତମାନେ ୪୩ଟି ବଡ଼ ବ୍ୟାଟେରୀ ଚୋରି କରିଥିବା ବାବଦରେ ଥାନାରେ ଅଭିଯୋଗ ହୋଇଛି। ଚୋରି ବ୍ୟାଟେରୀର ମୂଲ୍ୟ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ।

## ସଂସ୍କୃତ ବିଦ୍ୟାର୍ଥୀ ମହାସଂଘ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର



ବୈଶିଙ୍ଗା, ୨୨।୮(ସମିସ): ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘ ପକ୍ଷରୁ ସଂସ୍କୃତ ଭାଷାର ସୁରକ୍ଷା ପାଇଁ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଡ଼ିଶାରେ ତୃତୀୟ ଭାଷା ସଂସ୍କୃତରେ ଧନ୍ଦାମୂଳକ ଶିକ୍ଷାକୁ ୪୩୧ ବିଦ୍ୟାଳୟରେ ଅଗ୍ରାଧିକାର ଦେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଫଳରେ ଦେବ ଭାଷା ସଂସ୍କୃତର ବିଲୟ ହେବାସହ ସଂସ୍କୃତ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଅନ୍ଧକାର ଅଭିମୁଖି ହେବ। ତେଣୁ ଏହାକୁ ବିରୋଧ କରି ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘ ସଂସ୍କୃତ ଭାଷାର ସୁରକ୍ଷା ନେଇ ବିଧାୟକ ଶ୍ରୀ ବିଜୁଳିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିକାଶ ଓ ସଂସ୍କୃତ ଏକାଡେମୀ ସ୍ଥାପନ, ସଂସ୍କୃତର ସ୍ୱତନ୍ତ୍ର ଅନୁଷ୍ଠାନ ପ୍ରଥମା ଓ ମଧ୍ୟମାର ପୁନରୁଦ୍ଧାର, ପ୍ରଥମ ଶ୍ରେଣୀରୁ ସଂସ୍କୃତ ଅଧ୍ୟୟନ, ଶ୍ରୀମଦ୍ ଭାଗବତ ଗୀତାକୁ ନବମ ଶ୍ରେଣୀରୁ ପାଠ୍ୟ ଖସଡ଼ାରେ ସ୍ଥାନିତ କରିବା ଓ ସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷକ ନିଯୁକ୍ତି ଓ ନୂତନ ଶିକ୍ଷକ ପଦବୀ ସୃଷ୍ଟି ଆଦି ନେଇ ମୁଖ୍ୟ ଆବାହକ ଦେବେନ୍ଦ୍ର ଆଚାର୍ଯ୍ୟ ଶୁକ୍ରବାର ବିଧାୟକ ଶ୍ରୀ ବିଜୁଳିଙ୍କୁ ଭେଟି ଦାବି ପ୍ରଦାନ କରିବା ସହ ଆଗାମୀ ବିଧାନସଭା ଅଧିବେଶନରେ ଏହା ଉପରେ ଆଲୋଚନା କରିବା ପାଇଁ ନିବେଦନ କରିଛନ୍ତି। ପୂର୍ବରୁ ମାର୍ଗଦର୍ଶିକା ପ୍ରଧାପିକା ଡ଼ ସିପ୍ରା ମଲ୍ଲିକଙ୍କ ନେତୃତ୍ୱରେ ମହାସଂଘ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଂସଦୀୟ ବ୍ୟାପାର ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଓ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଏକ ଦାବିପତ୍ର ଦେଇଥିଲେ।

## ହଜାରେ ଲିଟର ଦେଶୀମଦ ଓ ସରଞ୍ଜାମ ଜବତ



ବୈଶିଙ୍ଗା, ୨୨।୮ (ସମିସ): ବେତନଟୀ ବ୍ଲକ କେନ୍ଦୁଆ ପଞ୍ଚାୟତ ଅଧୀନ ଭିତରଶୋଳ ଏବଂ ଭାଲିଆଡିହା ସଂରକ୍ଷିତ ଜଙ୍ଗଲରେ ଚୋରା ଦେଶୀମଦ କାରଖାନା ଚାଲିଥିବା ଖବରପାଇ ଅବକାର ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା ସଶସ୍ତ୍ର ପୁଲିସ ଫୋର୍ସ ସହାୟତାରେ ଗୁରୁବାର ଚଢଉକରି ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ସମେତ ମଦପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମକୁ ଜବତ କରିଛନ୍ତି। ସୂଚନା ମୁତାବକ ଭାଲିଆଡିହା ଏବଂ ଏବଂ ଭିତରଶୋଳରେ ମଦ ପ୍ରସ୍ତୁତି କରାଯାଇ ଏଠାରେ ଜିଲ୍ଲାର ବିଭିନ୍ନ ସ୍ଥାନ ସମେତ ଜିଲ୍ଲାବାହାରକୁ ମଧ୍ୟ ଚାଲାଣ ହେଉଛି। ଏହି ଖବର ପାଇ ଶ୍ରୀ ବେହେରା ସଦଳବଳ ଅତର୍କିତ ଚଢଉ କରିଥିଲେ। ଚଢଉ ସମୟରେ ୯ହଜାର କେଜି ମହୁଲପୋଚ ସମେତ ୧ହଜାର ଲିଟର ଚୋରା ଦେଶୀ ମଦ ଏବଂ ବ୍ୟାପକ ସରଞ୍ଜାମକୁ ଜବତ କରିଥିଲେ। ଏଥି ସହିତ ଘଟଣାସ୍ଥଳରୁ ଚୋରାମଦ ପ୍ରସ୍ତୁତିରେ ବ୍ୟବହୃତ ପ୍ଲାଷ୍ଟିକ ଡ୍ରମ ଆଦି ମଧ୍ୟ ଜବତ କରାଯାଇଥିଲା। ଏ ନେଇ ବେତନଟୀ ଅବକାରୀ ଥାନା ପକ୍ଷରୁ ପୃଥକ ମାମଲା ରୁଜୁ କରାଯାଇଛି।

## ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ

ବୈଶିଙ୍ଗା, ୨୨।୮ (ସମିସ): ରକ୍ତର ଅଭାବକୁ ଦୃଷ୍ଟିରେ ରଖି ଆସନ୍ତା ସେପ୍ଟେମ୍ବର ୨ ତାରିଖରେ ବେତନଟୀ ବ୍ଲକ ଅଧୀନ ପାଟୁଳିପୁରା ପଞ୍ଚାୟତ ବେଲାଣପୁରା ବନ୍ୟା ଆଶ୍ରୟସ୍ଥଳୀରେ ବିଧାୟକ ସନାତନ ବିଜୁଳିଙ୍କ ଆହ୍ୱାନକ୍ରମେ ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଶିଙ୍ଗା ମଣ୍ଡଳ ସଭାପତି ରାଜୀବ କୁମାର ନନ୍ଦୀ ଓ ବୈଶିଙ୍ଗା ପ୍ରେସ କ୍ଲବ ସଭାପତି ସାମ୍ବାଦିକ ଦୀପକ କୁମାର ସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ମଣ୍ଡଳ ସାଧାରଣ ସମ୍ପାଦକ ବିକାଶ କୁମାର ଦାସ ସମେତ ଏକାଧିକ କାର୍ଯ୍ୟକର୍ତ୍ତା ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ବିଧାୟକ ସନାତନ ବିଜୁଳି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଶିବିରରେ ୧୦୦ରୁ ଅଧିକ ୟୁନିଟ ରକ୍ତ ସଂଗ୍ରହ ନେଇ ଆଲୋଚନା କରାଯାଇଥିଲା। ଶେଷରେ ବୈଶିଙ୍ଗା ମଣ୍ଡଳ ସାଧାରଣ ସମ୍ପାଦକ ଶାନ୍ତନୁ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଟଳିପୁରା ସ୍କୁଲରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ

ବୈଶିଙ୍ଗା, ୨୨।୮(ସମିସ): ପାଟଳିପୁରା କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡ଼କ୍ରସ ପକ୍ଷରୁ ଏବଂ ଇଣ୍ଟରନ୍ୟାସନାଲ ନେଚରପ୍ୟାଥି ଅର୍ଗାନାଇଜେସନର ସହଯୋଗରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଗଠନର ବେତନଟୀ ବ୍ଲକର ସଭାପତି ଶିଶିର କୁମାର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାସ୍କରଚନ୍ଦ୍ର ଦୁର୍ଗା ଯୋଗଦେଇ ଆଜୀବନ ସୁସ୍ଥ ସବଳ ନିରାମୟ ଜୀବନ ଲାଭ ପାଇଁ ସମସ୍ତେ ପ୍ରାକୃତିକ ଜୀବନଶୈଳୀକୁ ଅଙ୍ଗୀକାର କରିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଇଣ୍ଟରନ୍ୟାସନାଲ ନେଚରପ୍ୟାଥି ଅର୍ଗାନାଇଜେସନର ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତ ଛାତ୍ରଛାତ୍ରୀଙ୍କୁ ଆଦର୍ଶ ପୁତ୍ରର ପ୍ରତୀକ ଶ୍ରବଣ କୁମାର ଦୃଷ୍ଟାନ୍ତଦେଇ ପିତାମାତା ଗୁରୁଜନ ଏବଂ ସମସ୍ତ ବରିଷ୍ଠନାଗରିକଙ୍କୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ମହାପାତ୍ର ଏବଂ ସମ୍ମାନିତ ବକ୍ତା ଭାବରେ ବିଦ୍ୟାଳୟର ଆଲୁମିନି ସଭାପତି ସର୍ବେଶ୍ୱର ମହାନ୍ତି ଯୋଗଦେଇ ଜଣେ ବରିଷ୍ଠ ନାଗରିକଙ୍କ ପରାମର୍ଶରେ କିପରି ଗୋଟିଏ ଦେଶ ଉଦ୍ଧାର ପାଇପାରିଥିଲା ତାହା ବର୍ଣ୍ଣନା କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଭାସ୍କର ଚନ୍ଦ୍ର ଦୁର୍ଗା ଓ ପ୍ରଭାକର ମହାପାତ୍ରଙ୍କୁ ଇଣ୍ଟରନ୍ୟାସନାଲ ନେଚରପ୍ୟାଥି ସଂଗଠନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶିଶିର କୁମାର ନାୟକ ବକ୍ତବ୍ୟ ପ୍ରଦାନ କରି ଭାରତୀୟ ସଂସ୍କୃତି ପରମ୍ପରାରେ ବରିଷ୍ଠଙ୍କୁ ସମ୍ମାନ ଦେବାର ଅନେକ ଉଦାହରଣ ଦେଇଥିଲେ। ଶେଷରେ କ୍ରୀଡା ଶିକ୍ଷକ ଗିରିଜା ଶଙ୍କର ମାହାର୍ଣ୍ଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ସଂକ୍ରାନ୍ତ ସଚେତନତା କର୍ମଶାଳା

ବୈଶିଙ୍ଗା, ୨୨। ୮(ସମିସ): ବେତନଟୀ ବ୍ଲକ ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ଛାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ତଥା କାର୍ଯ୍ୟସ୍ଥଳୀରେ ମହିଳାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ ଏବଂ ମୁଖ୍ୟବକ୍ତା ଭାବେ ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ଜେନା ଏବଂ ସମ୍ମାନିତ ଅତିଥି ଭାବେ ଖଇରବଣି ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ବିନିତା ଦାଶ, ପ୍ରଧାନଶିକ୍ଷକ, କୋଠବାଡି ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁମତି ମୁର୍ମୁ, ପ୍ରଣତି ଆଚାର୍ଯ୍ୟ ଆମ୍ବଗଡ଼ିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପ୍ରଣତି ଆଚାର୍ଯ୍ୟ, ଖଡିକାପଦା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନସ କୁମାର ପରିଡ଼ା ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କ ସୁରକ୍ଷା ଦିଗରେ ବିଭିନ୍ନ ବାର୍ତ୍ତା ଦେଇଥିଲେ। ବେତନଟୀ ବ୍ଲକ ଅଧୀନର ୬ଟି ବିଦ୍ୟାଳୟର ଛାତ୍ରୀ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ରାଇକମା ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଜତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




## 'ସଂସ୍କୃତ ଭାଷାର ମହତ୍ୱ' ସମ୍ପର୍କିତ ଆଲୋଚନାଚକ୍ର




ବୈଶିଙ୍ଗା, ୨୨।୮(ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଜାତୀୟ ସଂସ୍କୃତ ଦିବସ ପାଳନ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତୋଟାପଡ଼ା ବାସୁଦେବ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ 'ସଂସ୍କୃତ ଭାଷାର ମହତ୍ୱ' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ର, ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରାଜକିଶୋର ଦାଶ, ସଂସ୍କୃତ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର, ନିରଞ୍ଜନ ବାରିକ୍, ବଂଶୀଧର ଗିରି, ହରେକୃଷ୍ଣ ମହାନ୍ତ, ତରିଣୀ କାନ୍ତ ମହାନ୍ତ, ଶୁଭାଶିଷ ପଣ୍ଡା ଓ ଶୁଭବନ୍ତ ନାୟକ ଯୋଗ ଦେଇ ସଂସ୍କୃତ ଭାଷା ସବୁ ଭାଷାର ଜନନୀ ବୋଲି ମତବ୍ୟକ୍ତ କରିଥିଲେ। ଦଶମ ଶ୍ରେଣୀ ଛାତ୍ର ସୌମ୍ୟ ରଞ୍ଜନ ରାଉତ୍‌ଙ୍କ ସଂଯୋଜନାରେ ଆୟୋଜିତ ଏହି ବର୍ଣ୍ଣାଢ଼୍ୟ ଉତ୍ସବରେ ବହୁ ଛାତ୍ରଛାତ୍ରୀ ବିଭିନ୍ନ ସଂସ୍କୃତ ଶ୍ଲୋକ ତଥା ଗୀତା ଶ୍ଲୋକ ଗାନ କରି ସଭିଙ୍କୁ ଅଭିଭୂତ କରିଥିଲେ। ଏହି ଉପଲକ୍ଷେ ମୁଖ୍ୟ ଅତିଥି ଶ୍ରୀ ମହାପାତ୍ରଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ରଙ୍କୁ ସଂସ୍କୃତ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉତ୍ତରୀୟ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀ ପ୍ରୀତି ପ୍ରତିକ୍ଷା ବାରିକ୍ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସିପିଆଇର ୨୨ତମ ଜିଲ୍ଲା ସମ୍ମିଳନୀ ଉଦ୍‌ଯାପିତ

### ସାଥୀ ଜଗବନ୍ଧୁ ମିଶ୍ର ଜିଲ୍ଲା ସମ୍ପାଦକ ନିର୍ବାଚିତ

ଝାରପୋଖରିଆ/ସାରସକଣା, ୨୨।୮(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ତ୍ୟାଗ, ବଳିଦାନ ଓ ଗଣସଂଗ୍ରାମର ଶତବାର୍ଷିକୀ ଅବସରରେ ଅଗଷ୍ଟ ୨୧ ଓ ୨୨ ତାରିଖରେ ୨୨ତମ ସମ୍ମିଳନୀ ଝାରପୋଖରିଆ, (ବମ୍ବେ ଛକ)ଠାରେ ରଥ ସିଂ ନଗରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶତାଧିକ ମହିଳା ପୁରୁଷ ଏକ ଶୋଭାଯାତ୍ରାରେ ଲୋକନାଥ ମନ୍ଦିର ଠାରୁ ବାହାରି ବଜାର ପରିକ୍ରମା କରିଥିଲେ। ଜଗବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ରାଜ୍ୟ ପାର୍ଟିର ସମ୍ପାଦକ ମଣ୍ଡଳୀ ସଭ୍ୟ ତଥା ଓଡ଼ିଶା ହାଇକୋର୍ଟର ଆଇନଜୀବି ଡା. ପ୍ରଶାନ୍ତ କୁମାର ମିଶ୍ର, ଜୟନ୍ତ ଦାସ, ଜିଲ୍ଲା ପାର୍ଟିର ବର୍ଷୀୟାନ ନେତା ତ୍ରିନାଥ ପାତ୍ର, ହୃଷିକେଶ ସାହୁ, ପରମେଶ୍ୱର ମହାନ୍ତ, ବଳରାମ ମୁର୍ମୁ, ପାରାଓ ହାଁସଦା, ଚିତ୍ରମଣି ସିଂ, ମହେଶ୍ୱର ବେହେରା, ନାରାୟଣ ଟୁଡ୍ଡୁ ପ୍ରମୁଖ ଯୋଗଦେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶହେ ବର୍ଷର ଇତିହାସ ଉପରେ ଆଲୋକପାତ କରିବା ସହ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାରଙ୍କୁ ସମାଲୋଚନା କରିଥିଲେ। କୃଷକ, ଶ୍ରମିକ, ମହିଳାଙ୍କ ଉପରେ ଆକ୍ରମଣକୁ ବରଦାସ୍ତ କରାଯାଇପାରିବ ନାହିଁ। ଏହା ବିରୋଧରେ ଜନ ଆନ୍ଦୋଳନକୁ ଅହୁରି ତୀବ୍ରତର କରିବାକୁ ଆହ୍ୱାନ ଦେଇଛନ୍ତି। ଅପରାହ୍ନରେ ଜିଲ୍ଲାର ପ୍ରତ୍ୟେକ ଶାଖା ଓ ଜୋନ୍‌ରୁ ନିର୍ବାଚିତ ହୋଇ ଆସିଥିବା ପ୍ରତିନିଧିଙ୍କ ଖୋଲା ଅଧିବେଶନକୁ ଡା. ପ୍ରଶାନ୍ତ କୁମାର ମିଶ୍ର ଉଦଘାଟନ କରିଥିଲେ। ଜିଲା ସମ୍ପାଦକ ଆଗତ କରିଥିବା ସାଂଗଠନିକ ରିପୋର୍ଟ ଉପରେ ବିସ୍ତୃତ ଆଲୋଚନା କରାଯାଇ ବିଭିନ୍ନ ଜନସ୍ୱାର୍ଥ ସମ୍ବଳିତ ପ୍ରସ୍ତାବକୁ ମଞ୍ଜୁରୀ ଦେବା ସହ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ବିରାମ ହୀନ ଆନ୍ଦୋଳନକୁ ଚଳାଇ ରଖିବାକୁ ପରାମର୍ଶ ଦେଇଥିଲେ। ଜୟନ୍ତ ଦାସ ଆଗାମୀ ରାଜ୍ୟ ସମ୍ମିଳନୀ ସେପ୍ଟେମ୍ବର ୪, ୫, ଓ ୬ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ପରିପ୍ରେକ୍ଷୀରେ ଜିଲ୍ଲାରୁ ଏକହଜାର ସାଥୀ, ଶୁଭେଚ୍ଛୁ ସଂଗ୍ରାମୀ ସଂକଳ୍ପ ସମାବେଶରେ ଯୋଗଦେବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଅବସରରେ ଆଗାମୀ ୩ ବର୍ଷ ପାଇଁ ଏକ ୨୧ ଜଣିଆ ଜିଲ୍ଲା ପରିଷଦ ନିର୍ବାଚିତ କରାଯାଇ ଜିଲ୍ଲା ସମ୍ପାଦକ ଭାବେ ଜଗବନ୍ଧୁ ମିଶ୍ର, ସହ ସମ୍ପାଦକ ଭାବେ ପରମେଶ୍ୱର ମହାନ୍ତ, କୋଷାଧ୍ୟକ୍ଷ ଭାବେ ସାଥୀ ହୃଷିକେଶ ସାହୁଙ୍କୁ ନିର୍ବାଚିତ କରାଯାଇଛି।




Institute of Medical Science and Research
IMSR ESTD. 2020
Affiliated by : Odisha University of Health Science
Approved by : ONMRC, DMET &Department of Health & Family Welfare Govt. of Odisha
Announcing Admission for
• B.Sc. Nursing
• ANM • GNM
Contact : 9178 69 8272 / 7381 45 9965 / 7978 01 7254
Kalidaspur, Near Utkal Vani, Opposite of Hotel Chandravaga
Balasore-756 003, Odisha
Email : imsrodisha@gmail.com, Visit : www.imsr.co.in

# ସମ୍ପାଦକୀୟ



ସରଳତାରେ ହିଁ ସତ୍ୟ ଲୁଚି ରହିଥାଏ।
-ନିଉଟନ୍

ସକାଳ
THE SAKALA

## ଓଡ଼ିଶାରେ ଗାଲିୟମ ଆଶା

ନିକଟରେ କେନ୍ଦ୍ର କ୍ୟାବିନେଟ ୪ଟି ସେମିକଣ୍ଡକ୍ଟର ୟୁନିଟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେଥିମଧ୍ୟରୁ ଓଡ଼ିଶାରେ ଦୁଇଟି ୟୁନିଟ ପ୍ରତିଷ୍ଠା ହେବ। ଅନ୍ୟ ଦୁଇଟି ଆନ୍ଧ୍ର ଓ ପଞ୍ଜାବକୁ ମିଳିଛି। ଏଥିଲାଗି ସରକାର ୪୫୫୯୪ କୋଟି ଟଙ୍କା ବିନିଯୋଗ କରିବେ। ସମୟର ଆବଶ୍ୟକତା ଓ ଚାହିଦା ଦୃଷ୍ଟିରୁ ସେମିକଣ୍ଡକ୍ଟରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଆତ୍ମନିର୍ଭରଶୀଳ ଭାରତ ଯୋଜନାରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ବ୍ରିଟେନର କ୍ଲାସ-ସିକ ୱାଫେର ଫାବ୍ ଲିମିଟେଡ ସହ ମିଳିତ ଉଦ୍ୟମରେ ସିକ୍ସେମ୍ ପ୍ରାଇଭେଟ ଲିମିଟେଡ ଓଡ଼ିଶାର ଏଡି ପ୍ରକଳ୍ପ ହାତକୁ ନେଇଛି। ଏହା ସିଲିକନ କାର୍ବାଇଡ ଉପକରଣ ଉତ୍ପାଦକ କରିବ। ସଂପୂର୍ଣ୍ଣ ବ୍ୟବସାୟିକ ଆଭିମୁଖ୍ୟ ରଖି ପ୍ରକଳ୍ପ ହାତକୁ ନିଆଯାଇଛି। ଭୁବନେଶ୍ୱରସ୍ଥ ଇନଫୋସିସ ଭ୍ୟାଲିକୁ ହିଁ ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଚିହ୍ନଟ କରାଯାଇଛି। ୪ଟି ସେମକଣ୍ଡକ୍ଟର ପ୍ରକଳ୍ପ ମଧ୍ୟରୁ ଓଡ଼ିଶାକୁ କାହିଁକି ଦୁଇଟି ମିଳିଛି ଏଭଳି ଏକ ପ୍ରଶ୍ନ ମନରେ ଉଙ୍କି ମାରିପାରେ। ଏଥିଲାଗି ଆବଶ୍ୟକ ଓ ଉପଯୋଗୀ ବିରଳ ଗାଲିୟମ୍ ଧାତବ ଆସନ୍ତା ୨ବର୍ଷ ମଧ୍ୟରେ ଓଡ଼ିଶାରୁ ଉତ୍ପାଦିତ ହେବ। ଏଥିଲାଗି ନୂଆ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ନାଲକୋ ଦାମନଯୋଡ଼ିରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିସାରିଛି। ସମଗ୍ର ଦେଶରେ ପ୍ରଥମ କରି ଗାଲିୟମ ଓଡ଼ିଶା ହିଁ ଉତ୍ପାଦନ କରିବାକୁ ଯାଉଛି। ଏହାକୁ କେବଳ ଏକ ସଂଯୋଗ କହିଲେ ଠିକ ହେବ ନାହିଁ। ପରସ୍ପର ଉପରେ ନିର୍ଭରଶୀଳ ଏହି ଦୁଇଟି ପ୍ରକଳ୍ପ ପାଇଁ ଯଥେଷ୍ଟ ପୂର୍ବରୁ କ୍ଷେତ୍ର ପ୍ରସ୍ତୁତ କରାଯାଇଛି।

ଦେଶରେ ୧୦ଟି ସେମିକଣ୍ଡକ୍ଟର ପ୍ରକଳ୍ପ ପ୍ରତିଷ୍ଠା କରି ବିଶ୍ୱରେ ନିଜର ପ୍ରାଧାନ୍ୟ ଜାହିର କରିବାକୁ ଭାରତ ସରକାର ଯେଉଁ ପ୍ରୟାସ ଆରମ୍ଭ କରିଛନ୍ତି ତାହାକୁ ରୋକିବା ସକାଶେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଗୁଆ ୩ଶହ ପ୍ରତିଶତ ଶୁଳ୍କ ଲାଗୁ କରିବାର ଯେଉଁ ଇଙ୍ଗିତ ଦେଇଛନ୍ତି ତାହା ଯେ ଅର୍ଥହୀନ ଓ ଅବାସ୍ତବ ଏକଥା ବୁଝିବାକୁ ବାକି ନାହିଁ। ତାଙ୍କର ଏହି ନାଲି ଆଖିରେ ଭାରତର ସେମିକଣ୍ଡକ୍ଟର ପ୍ରକଳ୍ପ ଯେ ବନ୍ଦ ହୋଇଯିବ ଏକଥା ନୁହେଁ। ଆମେରିକାକୁ ବାଦଦେଲେ ମଧ୍ୟ ଭାରତ ପାଇଁ ବିଶ୍ୱରେ ସେମିକଣ୍ଡକ୍ଟରର ବଜାରର ଅଭାବ ନାହିଁ। ଯେମିତି ଚୀନର ବିରଳ ମୃତ୍ତିକାକୁ ବାଦଦେଲେ ଆମେରିକାର ଏକାଧିକ ପ୍ରକଳ୍ପ କାର୍ଯ୍ୟ କ୍ଷମତା ହରାଇବ। ସେଥିସକାଶେ ଟ୍ରମ୍ପ ଚୀନ୍ ସହ ସାଲିସ କରିବାର ବାଧ୍ୟବାଧକତା ରହିଛି। ନାଲକୋର ଗାଲିୟମ ଧାତବ ଉତ୍ପାଦନ କ୍ଷମତାର ମଧ୍ୟ ସୁଦୂରପ୍ରସାରୀ ପ୍ରଭାବ ରହିଛି। ଏହା କେବଳ ସେମିକଣ୍ଡକ୍ଟର ନୁହେଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଇଲୋକ୍ଟ୍ରୋନିକ ସାମଗ୍ରୀ, ଲେନ୍ସ, ଲେଜର ଓ ମେଡିକାଲ ଇମେଜିଂ ଭଳି ଆବଶ୍ୟକତା ମେଣ୍ଟାଇବାକୁ ସମର୍ଥ। ଏଭଳି ଉପଯୋଗୀ ବିରଳ ଧାତବ ସାମଗ୍ରୀ ଉତ୍ପାଦନ କରି ନବରତ୍ନ ରାଷ୍ଟ୍ରୀୟ ଉଦ୍ୟୋଗ ସ୍ତରରୁ ଉର୍ଦ୍ଧ୍ୱରେ ନିଜର ସ୍ଥିତି ଜାହିର କରିବାକୁ ଯାଉଛି ନାଲକୋ।

ନାଲକୋ ମଙ୍ଗଳବାର ବିରଳ ଧାତବ ସାମଗ୍ରୀ ଗାଲିୟମ ଉତ୍ପାଦନ ସଂପର୍କରେ ସୂଚନା ଦେଇ କହିଛି ଯେ ଏହି ପ୍ରକଳ୍ପ ଏଥିମଧ୍ୟରେ ବେଶ ଅଗ୍ରଗତି ହାସଲ କରିସାରିଛି ଏବଂ ଯେତେଦୂର ସମ୍ଭବ ଆସନ୍ତା ଦୁଇବର୍ଷ ମଧ୍ୟରେ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିବ। ଭାବା ଆଣବିକ ଗବେଷଣା କେନ୍ଦ୍ର (ବାର୍କ) ଓ ଭାରି ଜଳ ବୋର୍ଡ(ଏଚ୍‌ଡବ୍ଲୁବି) ଏବଂ ଗବେଷଣା ଓ ଉନ୍ନୟନ ସଂସ୍ଥା ସହଯୋଗରେ ନାଲକୋ ଗାଲିୟମ ଧାତବ ନିଷ୍କାସନ ଏବଂ ଭାରିଜଳର ଅଣ ଆଣବିକ ପ୍ରୟୋଗ ନେଇ ଜାରି ରଖିଥିବା ଗବେଷଣାର ସୁଫଳ ମିଳିଛି। ବକ୍ସାଇଟରୁ ଆଲୁମିନା ଉତ୍ପାଦନର ଉପଜାତ ଦ୍ରବ୍ୟ ରୂପେ ଗାଲିୟମ ଧାତବ ସଂଗ୍ରହ କରାଯାପାରିବ। ଏଦିଗରେ ନିଜସ୍ୱ ଜ୍ଞାନକୌଶଳ ଉପଯୋଗ କରାଯାଉଛି। କୋରାପୁଟର ଦାମନଯୋଡ଼ିରେ ଥିବା ଆଲୁମିନା ରିଫାଇନାରୀ ନିକଟରେ ଗାଲିୟମ ଧାତବ ନିଷ୍କାସନ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ବାର୍ଷିକ ୧୫ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ପ୍ଲାଣ୍ଟରୁ ପରୀକ୍ଷାମୂଳକ ଭାବେ ୮/୯ ମାସ କାର୍ଯ୍ୟ ପରେ ଦୁଇବର୍ଷ ମଧ୍ୟରେ ବ୍ୟାବସାୟିକ ଉତ୍ପାଦନ ହେବ। ସୂଚନା ଯୋଗ୍ୟ କି ଏପର୍ଯ୍ୟନ୍ତ ଚୀନ ବିଶ୍ୱବଜାରରେ ଗାଲିୟମ ଯୋଗାଣରେ ପ୍ରାଧାନ୍ୟ ହାସଲ କରିଆସିଥିବା ବେଳେ ଭାରତରେ ଗାଲିୟମ ଧାତବ ଉତ୍ପାଦନ ପାଇଁ ନାଲକୋକୁ ହିଁ ନିରଙ୍କୁଶ ଅଧିକାର ମିଳିଛି।

ନାଲକୋ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ ଆଲୁମିନିୟମ ଉତ୍ପାଦନ ବୃଦ୍ଧି ସକାଶେ ୩୫,୦୦୦ କୋଟି ଟଙ୍କା ନିବେଶର ସୂଚନା ଦେବା ଯେତେ ବଡ଼କଥା ନୁହେଁ, ବିରଳ ଖଣିଜ ସାମଗ୍ରୀ ଓ ମୃତ୍ତିକାର ଉପଯୋଗିତାକୁ ଦୃଷ୍ଟିରେ ରଖି ବିଦେଶରେ ବିପୁଳ ବିନିଯୋଗର ଯେଉଁ ତଥ୍ୟ ପ୍ରଦାନ କରିଛନ୍ତି ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଦେଶର ଅନ୍ୟ ଉପରେ ନିର୍ଭରଶୀଳତା ହ୍ରାସ ଓ ପ୍ରଗତିର ମାର୍ଗକୁ ଗତି ଦେବା ସକାଶେ କେନ୍ଦ୍ର ସରକାରଙ୍କ ପରାମର୍ଶ କ୍ରମେ ଆର୍ଜେଣ୍ଟିନାରେ ୫ଟି ଖଣି ନାଲ୍‌କୋ କିଣିଛି। ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ (କାବିଲ) ସହ ନାଲକୋ ସହଭାଗିତାରେଏହି ପଦକ୍ଷେପ ଗ୍ରହଣ କରିଛି। ସଂସ୍ଥା ଖୁବ୍‌ଶୀଘ୍ର ମାଇନିଂ ଆରମ୍ଭ ସକାଶେ କାର୍ଯ୍ୟ ପରିଚାଳନା ଏଜେନ୍ସି ସହ ଯୋଗାଯୋଗ ରକ୍ଷା କରି ଆବଶ୍ୟକ ପଦକ୍ଷେପ ନେବ। ଯଦି ବ୍ୟବସ୍ଥିତ ଢଙ୍ଗରେ କାମ ଠିକ୍‌ଠାକ୍ ଚାଲେ ତେବେ ୨୦୨୭ ସୁଦ୍ଧା ମାଇନିଂ ଆରମ୍ଭ ହୋଇଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଅଷ୍ଟ୍ରେଲିଆରେ ଲିଥିୟମ ମାଇନର ଅଂଶୀଦାର ହେବ ନାଲକୋ। ବିଦ୍ୟୁତ୍ ଚାଳିତ ଯାନବାହନର ବ୍ୟାଟେରି ପ୍ରସ୍ତୁତି ଓ ଶକ୍ତି ସଞ୍ଚୟ କ୍ଷେତ୍ରରେ ଲିଥିୟମର ଉପଯୋଗିତାକୁ ଦୃଷ୍ଟିରେ ରଖି ନାଲକୋ ଏହି ପଦକ୍ଷେପ ଗ୍ରହଣ କରୁଛି। କାବିଲ ସହଯୋଗରେ ଚିଲିରେ ଅନୁରୂପ ପଦକ୍ଷେପ ଗ୍ରହଣ କରାଯିବାର ସୂଚନା ମଧ୍ୟ ସେ ଦେଇଛନ୍ତି। ଯଦି ଏହି ପ୍ରୟାସ ସଫଳ ହୁଏ ତେବେ ଭାରତର ଅନ୍ୟ ଉପରେ ନିର୍ଭରଶୀଳତା ହ୍ରାସ ପାଇବ।

ଟ୍ରମ୍ପଙ୍କ ୫୦ ପ୍ରତିଶତ ରପ୍ତାନି ଶୁଳ୍କ ବୃଦ୍ଧିର ପ୍ରତିକୂଳ ପ୍ରଭାବ ନାଲକୋର ବର୍ଦ୍ଧିତ ଆଲୁମିନିୟମ ଉତ୍ପାଦନ ଉପରେ ପ୍ରତିଫଳିତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ତେବେ ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ କହିବା କଥା ହେଲା, ବ୍ରିଟେନର ଆବଶ୍ୟକତା ପୂରଣ ପାଇଁ ନାଲକୋ ଆଲୁମିନିୟମ ରପ୍ତାନି କରିପାରିବ। ମୁକ୍ତ ବାଣିଜ୍ୟ ଜୋନ୍ ସୁଯୋଗ ନେଇ ନିଃଶୁଳ୍କ ରାପ୍ତାନିରୁ ସଂସ୍ଥା ଲାଭବାନ ହେବ। ବିଦ୍ୟୁତ୍ ଚାଳିତ ଯାନ ଓ ସୋଲାର ପ୍ୟାନେଲର ବର୍ଦ୍ଧିତ ବଜାର ଦୃଷ୍ଟିରୁ ବ୍ରିଟେନର ଆଲୁମିନିୟମ ଚାହିଦା ବୃଦ୍ଧିପାଇଛି। ସେ ଦୃଷ୍ଟିରୁ ଆମେରିକା ଅପେକ୍ଷା ବ୍ରିଟେନ ବଜାର ଉପରେ ଅଧିକ ପ୍ରାଧାନ୍ୟ ଦିଆଯିବ। ସବୁଠାରୁ ବଡ଼ କଥା ହେଲା, ସମୟରେ ଆବଶ୍ୟକତା ପ୍ରତି ଧ୍ୟାନ ଦେଇ ନାଲକୋ ନିବେଶର ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ କରିବା। ଏହା ନିଶ୍ଚୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

# ମଧ୍ୟବିତ୍ତ ପରିବାରରେ 'ଅର୍ଜୁନଙ୍କ ଦ୍ୱନ୍ଦ୍ୱ'

**ଡକ୍ଟର ଅବଶ ପରିଡ଼ା**

ମହାଭାରତର ଅର୍ଜୁନ କେବଳ ଜଣେ ପୌରାଣିକ ନାୟକ ନୁହନ୍ତି, ସେ ଏକ ଆଦର୍ଶ। ଭାରତୀୟ ମଧ୍ୟବିତ୍ତ ବର୍ଗର ପ୍ରତ୍ୟେକ ପିତାମାତା ନିଜ ପିଲାକୁ ଅର୍ଜୁନଙ୍କ ଭଳି ଦକ୍ଷ, ସଫଳ ଓ ସ୍ଥିର କରିବାକୁ ଚାହାନ୍ତି। ଅର୍ଜୁନଙ୍କ ସମାନ ମଧ୍ୟବିତ୍ତ ବର୍ଗ ମଧ୍ୟ ପ୍ରତିଯୋଗିତା, ଭୟ ଓ ନୈତିକ ଦ୍ୱନ୍ଦ୍ୱର ଏକ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ। ଯେଉଁଠି ସଫଳତା ହେଉଛି ମୂଲ୍ୟର ଚୂଡ଼ାନ୍ତ ମାପକାଠି। କୁରୁକ୍ଷେତ୍ରରେ ଅର୍ଜୁନଙ୍କ ଦ୍ୱନ୍ଦ୍ୱ ଓ ମଧ୍ୟବିତ୍ତ ଶ୍ରେଣୀର ବିବେକ ସହିତ ହେଉଥିବା ସଂଘର୍ଷର ଅନେକ ସମାନତା ଅଛି। ଶ୍ରୀକୃଷ୍ଣଙ୍କ ଜ୍ଞାନ ଦ୍ୱାରା ଅର୍ଜୁନ ପରିଚାଳିତ ହୋଇ ଧର୍ମର ସ୍ୱଚ୍ଛତା ଓ ଦ୍ୱନ୍ଦ୍ୱର ସମାଧାନ ଆଣିପାରିଥିଲେ। ସେହିପରି ମଧ୍ୟବିତ୍ତ ବର୍ଗ ମଧ୍ୟ ନିଜ ବିବେକ, ସ୍ଥିରତା, କର୍ତ୍ତବ୍ୟ ଓ ନୈତିକ ସନ୍ତୁଳନ ମାଧ୍ୟମରେ ନିଜ ଦ୍ୱନ୍ଦ୍ୱର ସମାଧାନ ଖୋଜୁଛନ୍ତି।

ସଫଳତାର ପରିଭାଷା କ'ଣ ହେବ ତାହା ମଧ୍ୟବିତ୍ତ ଶ୍ରେଣୀ ନିଜେ ସ୍ଥିର କରିଛି। ଆର୍ଥିକ ସ୍ଥିରତା, ସାମାଜିକ ଗତିଶୀଳତା, ସାଂସ୍କୃତିକ ଆକାଂକ୍ଷା ସହ ପରିବାରର ଆଶା ଦ୍ୱାରା ଏହା ଆକୃତିପ୍ରାପ୍ତ। ଏହାମଧ୍ୟରୁ ଆର୍ଥିକ ସ୍ଥିରତା ହେଉଛି ମଧ୍ୟବିତ୍ତ ପରିବାରର ସଫଳତା ମାପିବା ପାଇଁ ସବୁଠାରୁ ଶକ୍ତିଶାଳୀ ଏବଂ ବହୁଳ ଭାବରେ ବ୍ୟବହୃତ ମାନଦଣ୍ଡ। ନିଜସ୍ୱ ଘର, ମାଲିକାନା, ସ୍ଥିର ଆୟ ଏବଂ ପିଲାମାନଙ୍କ ପାଇଁ ଶିକ୍ଷାଗତ ସୁଯୋଗ ହେଉଛି ଆମ ପାଇଁ ଆର୍ଥିକ ସ୍ଥିରତା। କିଛିଦିନ ତଳେ ହୋଇଥିବା ଏକ ସର୍ବେକ୍ଷଣର ତଥ୍ୟ କୁହେ ଯେ ସତୁରି ପ୍ରତିଶତରୁ ଅଧିକ ଭାରତୀୟ ମଧ୍ୟବିତ୍ତ ପରିବାର ବ୍ୟକ୍ତିଗତ କ୍ୟାରିଅର ଅଭିବୃଦ୍ଧି ଅପେକ୍ଷା ପିଲାମାନଙ୍କ ଗୁଣାତ୍ମକ ଶିକ୍ଷାକୁ ସଫଳତାର ମାପକାଠି ବୋଲି ବିବେଚନା କରନ୍ତି। ସେହିପରି ଅକ୍ସଫାମ୍ ଅଧ୍ୟୟନରୁ ଜଣାପଡ଼ିଛି ଯେ ମଧ୍ୟବିତ୍ତ ଶ୍ରେଣୀର ଅଭିଭାବକମାନେ ଅତିରିକ୍ତ କୋଚିଂ, ଘରୋଇ ବିଦ୍ୟାଳୟ ଓ ଡିଜିଟାଲ୍ ଉପକରଣ ଯଥା ମୋବାଇଲ, ଟାବଲେଟ, ଲାପଟପରେ ବିନିଯୋଗ କରିବା ପାଇଁ ନିଜର ଅବସର ଏବଂ ସ୍ୱାସ୍ଥ୍ୟ ଖର୍ଚ୍ଚକୁ ହ୍ରାସ କରନ୍ତି। ଏହା ହେଉଛି ଭାରତୀୟ ମଧ୍ୟବିତ୍ତ ଶ୍ରେଣୀର 'ଶିକ୍ଷା-ଚାଳିତ' ସଫଳତାର ଧାରଣାର ଏକ ପ୍ରତିଫଳନ।

ଅପରପକ୍ଷେ, ଆଫ୍ରିକୀୟ ମଧ୍ୟବିତ୍ତ ଶ୍ରେଣୀ ନିମନ୍ତେ ବୃତ୍ତିଗତ ସଫଳତା ହିଁ ସାମାଜିକ ସମ୍ମାନ। 'ଚାକିରି ହରାଇବା' ହେଉଛି ଆଫ୍ରିକୀୟ ମଧ୍ୟବିତ୍ତଙ୍କ ପାଇଁ ସବୁଠାରୁ ବଡ଼ ମାନସିକ ଆଘାତ। ଉଭୟ ଉଦାହରଣ ବିପରୀତ ଲାଗିପାରେ। କିନ୍ତୁ ଏହା ଭିତରେ ଏକ ସାଧାରଣ ଲକ୍ଷ୍ୟ ଅଛି। ତାହା ହେଉଛି ଯେ ଜଣେ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତି ନିଜ ପିତାମାତା ଏବଂ ସମ୍ପ୍ରଦାୟର ପ୍ରତିଷ୍ଠାକୁ ଏହି ସବୁ ଗତିଶୀଳତା ମାଧ୍ୟମରେ ଉନ୍ନତ କରିବାକୁ ଚାହେଁ। ପୃଥିବୀର ସମସ୍ତ ମଧ୍ୟବିତ୍ତ ଶ୍ରେଣୀ ସଫଳତା ହାସଲ ପାଇଁ 'ଅନୁରୂପ' ରଣନୀତି ଅନୁସରଣ କରନ୍ତି। 'ଅନୁରୂପ'ର ଅର୍ଥ ହେଉଛି ଚାକିରି କରିବା ଓ ଚାକିରିରେ କଠିନ ପରିଶ୍ରମ କରିବା, ପିଲାମାନଙ୍କ ଭବିଷ୍ୟତ ପାଇଁ ବିନିଯୋଗ କରିବା ଏବଂ ସାମାଜିକ ଭାବରେ ଗୃହୀତ ସଫଳତାର ମାନଦଣ୍ଡକୁ ପୂରଣ କରିବା। ଏହା ସବୁ ଏକପ୍ରକାରର ପ୍ରତିଯୋଗିତା। ପ୍ରତିଯୋଗିତାରେ ଚାପ ରହିବା ବହୁତ ସ୍ୱାଭାବିକ। ତେଣୁ ଏହି ଚାପରେ ଶିକ୍ଷାଗତ ସଫଳତାର ଅନୁସନ୍ଧାନ ମଧ୍ୟବିତ୍ତ ଶ୍ରେଣୀ ମଧ୍ୟରେ ପ୍ରତିଯୋଗିତାକୁ ତୀବ୍ର କରିଛି। ଭାରତର କୋଚିଂ ଶିଳ୍ପ ଏବଂ ଘରୋଇ ବିଦ୍ୟାଳୟ ବୃଦ୍ଧି ହେଉଛି ଏହାର ଜ୍ୱଳନ୍ତ ଉଦାହରଣ।

ଅନେକ ଅଭିଯୋଗ କରନ୍ତି ଯେ ମଧ୍ୟବିତ୍ତ ବର୍ଗ ସବୁଠାରୁ ସ୍ୱାର୍ଥପର। ଧନୀଙ୍କୁ ସୁବିଧା ଓ ଗରିବଙ୍କୁ ଅତିରିକ୍ତ ଧ୍ୟାନ ଓ ସାହାଯ୍ୟ ମିଳିଲେ ମଧ୍ୟବିତ୍ତ ଶ୍ରେଣୀ ସମାଲୋଚନା କରେ। ସମାଜବିଜ୍ଞାନୀମାନେ ମତରେ ଉପଯୁକ୍ତ ସୁଯୋଗର ଅଭାବ ଓ ସମ୍ବଳର ଅସମାନ ବଣ୍ଟନ ପାଇଁ ମଧ୍ୟବିତ୍ତ ଶ୍ରେଣୀ ସମାଲୋଚକ ହୁଅନ୍ତି। ସାମାଜିକ ବ୍ୟବସ୍ଥାରେ ନିଜ ସ୍ଥାନକୁ ସୁରକ୍ଷିତ ରଖିବା ମଧ୍ୟବିତ୍ତ ବର୍ଗ ପାଇଁ ଏକ ଚିନ୍ତା। ସମ୍ଭବତଃ ସେଥିପାଇଁ, ସଫଳତାକୁ ଏକ ସାଂରଚନିକ ସୁଯୋଗ ଭାବରେ ମଧ୍ୟବିତ୍ତ ଶ୍ରେଣୀ ଦେଖେ। ଆଜି ଭାରତର ଜନସଂଖ୍ୟାରେ ମଧ୍ୟବିତ୍ତ ବର୍ଗର ଅଂଶ ୩୧ ରୁ ୪୧% ମଧ୍ୟରେ ବୋଲି ଅନୁମାନ କରାଯାଉଛି। ନିଯୁକ୍ତି ଦୃଷ୍ଟିରୁ, ଅଧିକାଂଶ ମଧ୍ୟବିତ୍ତ ଶ୍ରେଣୀ ଆନୁଷ୍ଠାନିକ ଘରୋଇ କ୍ଷେତ୍ରରେ ଓ ଦରମାପ୍ରାପ୍ତ ଚାକିରିରେ କାମ କରନ୍ତି। ତେଣୁ ଘରୋଇ ଚାକିରିରେ ଅସୁରକ୍ଷା, ମୁଦ୍ରାସ୍ଫୀତି ଏବଂ ଶିକ୍ଷାରେ ବୃଦ୍ଧି ପାଉଥିବା ଖର୍ଚ୍ଚ ମଧ୍ୟବିତ୍ତ ପରିବାରର ଅନିଶ୍ଚିତତାର ଏକ ପ୍ରଧାନ କାରଣ। ଏହାବ୍ୟତୀତ ଗରିବଶ୍ରେଣୀକୁ ଖସିଯିବାର ଭୟ ମଧ୍ୟବିତ୍ତଙ୍କ ପାଇଁ ଏକ ନିରନ୍ତର ଚାପ।

ଆର୍ଥିକ ଅସୁରକ୍ଷା ଏବଂ ସାମାଜିକ ଉନ୍ନତି ମଧ୍ୟରେ ମଧ୍ୟବିତ୍ତ ଶ୍ରେଣୀ ସନ୍ତୁଳନ ରଖେ। ପୂର୍ବରୁ କୁହାଯାଇଛି ଯେ ମଧ୍ୟବିତ୍ତ ଶ୍ରେଣୀ ନିଜ ପିଲାମାନଙ୍କ ଶିକ୍ଷା ଓ ନିଜସ୍ୱ ଘର କିଣିବାକୁ ପ୍ରାଥମିକତା ଦିଅନ୍ତି। ତେଣୁ ସେମାନେ ଯାହା ସଞ୍ଚୟ କିମ୍ବା ଆୟ କରନ୍ତି ସେଥିମଧ୍ୟରୁ କୋଡ଼ିଏ ପ୍ରତିଶତରୁ ଅଧିକ ପିଲାମାନଙ୍କ ଶିକ୍ଷା ପାଇଁ ଖର୍ଚ୍ଚ କରନ୍ତି ବୋଲି କିଛି ଅଧ୍ୟୟନର ତଥ୍ୟରେ ପ୍ରକାଶ ପାଇଛି। ସେହିପରି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଘରୋଇ ଆର୍ଥିକ କମିଟି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ମଧ୍ୟବିତ୍ତ ଶ୍ରେଣୀର ୭୭%ରୁ ଅଧିକ ସଞ୍ଚୟ ରିଅଲ ଇଷ୍ଟେଟରେ ନିବେଶ ହୋଇଛି। ଏହି ଦୁଇଟି ଅର୍ଥନୈତିକ ବ୍ୟୟର ଢାଞ୍ଚା ମଧ୍ୟବିତ୍ତ ବର୍ଗର ଅର୍ଥନୈତିକ ସ୍ଥିରତା ଏବଂ ସାମାଜିକ ସ୍ଥିତି ପାଇଁ ଥିବା ଅନ୍ୱେଷଣକୁ ପ୍ରତିଫଳିତ କରେ।

ମଧ୍ୟବିତ୍ତ ବର୍ଗ ଖର୍ଚ୍ଚର ଆଉ ଏକ ଦ୍ୱନ୍ଦ୍ୱପୂର୍ଣ୍ଣ ପାର୍ଶ୍ୱ ଅଛି। ଆଶ୍ଚର୍ଯ୍ୟର କଥା ହେଉଛି, ଘର କିମ୍ବା ପିଲାର ଭବିଷ୍ୟତ ପାଇଁ ସଞ୍ଚୟ କରୁଥିବା ଏହି ଶ୍ରେଣୀ କିନ୍ତୁ ପର୍ବ କିମ୍ବା ବିବାହ ସମୟରେ ବହୁତ ଖର୍ଚ୍ଚ କରନ୍ତି। ଖର୍ଚ୍ଚ କାଟୁଥିବା ମଧ୍ୟବିତ୍ତ ପରିବାର ଅନ୍ୟପଟେ ଆକାଂକ୍ଷୀ ବ୍ୟବହାର ବା ଆକାଂକ୍ଷୀ ଖର୍ଚ୍ଚରେ ମଧ୍ୟ ଲିପ୍ତ। ଉଦାହରଣତଃ, ମଧ୍ୟବିତ୍ତ ପରିବାରର ଖର୍ଚ୍ଚ ଦୁଇଚକିଆ ଯାନ, ସ୍ମାର୍ଟଫୋନ୍ ଓ ସୁନା ଉପରେ ଅସମାନୁପାତିକ। ନିଲସେନର ଏକ ଗ୍ରାହକ ସର୍ଭେ ଦର୍ଶାଉଛି ଯେ ବ୍ରାଣ୍ଡେଡ୍ କପଡ଼ା ଓ ସାମଗ୍ରୀର ଚାହିଦା ମଧ୍ୟ ଏହି ବର୍ଗରେ ବୃଦ୍ଧି ହେଉଛି। ଆର୍ଥିକ ସୀମାବଦ୍ଧତା ସତ୍ତ୍ୱେ ମଧ୍ୟବିତ୍ତ ପରିବାରର ବିବାହ ଓ ଯୌତୁକ ଖର୍ଚ୍ଚ କଥା ନ କହିଲେ ଭଲ। ଓଡ଼ିଶା ଓ ଉତ୍ତର ପ୍ରଦେଶର କେତେକ ଗବେଷଣାରୁ ଜଣାପଡ଼ିଛି ଯେ ମଧ୍ୟବିତ୍ତ ପରିବାରଗୁଡ଼ିକ 'ସମ୍ମାନଜନକ ବିବାହ' ଆୟୋଜନ କରିବା ପାଇଁ ଋଣ ନେଉଛନ୍ତି କିମ୍ବା ସମ୍ପତ୍ତି ବନ୍ଧକ ରଖୁଛନ୍ତି। ସେହିପରି ମଧ୍ୟବିତ୍ତ ପରିବାର ମଧ୍ୟରେ ବ୍ୟକ୍ତିଗତ ଋଣ, ଇଏମ୍‌ଆଇ ଓ କ୍ରେଡିଟ୍ କାର୍ଡ ଉପରେ ନିର୍ଭରଶୀଳତା ବୃଦ୍ଧି ପାଉଛି। ଅନେକ ପେସାଦାର ଯୁବଙ୍କ ଦରମାର ଏକ ବଡ଼ ଅଂଶ ଋଣ ପ୍ରଦାନରେ ଯାଉଛି। ମୋଟ ଉପରେ, ମଧ୍ୟବିତ୍ତ ନିଯୁକ୍ତିପ୍ରାପ୍ତ ଯୁବ ବର୍ଗ 'ଆକାଂକ୍ଷା-ଋଣ ଫାଶ' ରେ କବଳିତ।

କଠିନ ପରିଶ୍ରମ, ଶିକ୍ଷା ଏବଂ ସମ୍ମାନକୁ ମୂଲ୍ୟ ଦେଉଥିବା ମଧ୍ୟବିତ୍ତ ଶ୍ରେଣୀ ସାର୍ବଜନୀନ ଭାବରେ ଦୁର୍ନୀତିକୁ ନିନ୍ଦା କରନ୍ତି। କିନ୍ତୁ ଅଭିଯୋଗ ଏହା ମଧ୍ୟ ହୁଏ ଯେ ବଞ୍ଚିବା, ସୁବିଧା ଏବଂ ଉନ୍ନତି ପାଇଁ ଦୁର୍ନୀତି ଜାଲରେ ଛନ୍ଦି ହୋଇଯାଇଛନ୍ତି ମଧ୍ୟବିତ୍ତ ବର୍ଗ। 'ଚୟନମୂଳକ ନୈତିକତା'ର ଦ୍ୱନ୍ଦ୍ୱରେ ରହୁଥିବା ମଧ୍ୟବିତ୍ତ ଶ୍ରେଣୀ ଗୋଟେପଟେ ରାଜନୀତି ଓ କର୍ପୋରେଟର 'ବଡ଼ ଦୁର୍ନୀତି'କୁ ନିନ୍ଦା କରୁଥିବା ବେଳେ ଅନ୍ୟପଟେ 'ଛୋଟ ଦୁର୍ନୀତି', ଯେପରିକି ସ୍କୁଲ ଓ କଲେଜରେ ନାମଲେଖା, ସରକାରୀ ଅଫିସ ଓ ପଞ୍ଜୀକରଣ କିମ୍ବା ସରକାରୀ ଚାକିରି ନିଯୁକ୍ତି ପାଇଁ ଲାଞ୍ଚ ଦେବାକୁ ସାଧାରଣ ଅଭ୍ୟାସ ଭାବେ ଗ୍ରହଣ କରନ୍ତି। 'ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ଗ୍ଲୋବାଲ୍ କରପସନ୍ ବାରୋମିଟର' ଏକ ରିପୋର୍ଟ ଦର୍ଶାଇଛି ଯେ ବିକାଶଶୀଳ ଦେଶଗୁଡ଼ିକରେ ସର୍ବାଧିକ ଲାଞ୍ଚଦାତା ହେଉଛନ୍ତି ମଧ୍ୟବିତ୍ତଶ୍ରେଣୀ।

ସାର୍ବଜନୀନ ପ୍ରସଙ୍ଗରେ ନୀତିନିୟମକୁ ବଳି ଦେଉଥିବା ମଧ୍ୟବିତ୍ତମାନେ କିନ୍ତୁ ନିଜ ବ୍ୟକ୍ତିଗତ ଜୀବନରେ ସତ୍ୟବାଦୀ, ନୈତିକତା ଓ ସକାରାତ୍ମକ ଚିନ୍ତାଧାରାକୁ ପ୍ରୋତ୍ସାହନ ଦିଅନ୍ତି। ଧନୀଙ୍କ ଭଳି ସମ୍ପତ୍ତି ଏବଂ ଗରିବଙ୍କ ଭଳି ସଂଘର୍ଷ ମଧ୍ୟରେ ଅବସ୍ଥିତ ମଧ୍ୟବିତ୍ତ ଶ୍ରେଣୀର ଏହା ହେଉଛି ଏକ ବୈଶିଷ୍ଟ୍ୟ। 'ପିୟୁ ରିସର୍ଚ୍ଚ ସେଣ୍ଟର'ର ସର୍ବେକ୍ଷଣ ଅନୁଯାୟୀ ଭାରତର ୭୨% ମଧ୍ୟବିତ୍ତ ଶ୍ରେଣୀ ବିଶ୍ୱାସ କରନ୍ତି ଯେ ସମାଜରେ ସମ୍ମାନ ପାଇବା ପାଇଁ 'ସତ୍ୟ ଓ ନୈତିକ ଭାବରେ ବଞ୍ଚିବା' ଅତ୍ୟନ୍ତ ଜରୁରୀ। ପିଲାମାନଙ୍କ ବ୍ୟକ୍ତିଗତ ଆଚରଣରେ ସଚ୍ଚୋଟତାକୁ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। କିନ୍ତୁ କିଛି ସାମାଜିକ ଗବେଷଣାରେ ଉଲ୍ଲେଖ ଅଛି ଯେ ଘରେ ସତ କହିବାକୁ ପ୍ରୋତ୍ସାହନ ମିଳୁଥିବା ବେଳେ ପ୍ରତିଯୋଗିତାମୂଳକ ପରୀକ୍ଷା କିମ୍ବା ଚାକିରି ସାକ୍ଷାତକାରରେ ସମ୍ପୂର୍ଣ୍ଣ ସତ କହିବାକୁ ମଧ୍ୟବିତ୍ତ ପରିବାର ବାରଣ କରେ।

ଭାରତୀୟ ମଧ୍ୟବିତ୍ତ ଶ୍ରେଣୀର ଏହିସବୁ ଆଲୋଚିତ ସମସ୍ୟା, ଦ୍ୱନ୍ଦ୍ୱ ଓ ସମାଧାନ ହେଉଛି କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜୁନଙ୍କ ଦ୍ୱନ୍ଦ୍ୱ ଓ ସମାଧାନ ଭଳି। ଯେଉଁଠି 'ତସ୍ମାତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ' -ଉଠ, ଲଢ଼ ଓ ଯଶ ପ୍ରାପ୍ତି କର' ହେଉଛି ବଞ୍ଚିବାର ମନ୍ତ୍ର।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ମନ୍ଥର ଜୀବନ

**କନକଲତା ପରିଡ଼ା**

ଓଡ଼ିଶାର ଅନ୍ୟତମ ପ୍ରାତଃ ସ୍ମରଣୀୟ ସାହିତ୍ୟିକ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ ତାଙ୍କ ଅନ୍ୟତମ ଅନନ୍ୟ ରଚନା 'ବେଗ ହିଁ ଉନ୍ନତିର ଲକ୍ଷଣ'ରେ ଶିଳ୍ପ ବିପ୍ଳବ ପରେ ବିଭିନ୍ନ ଯାନବାହନ ଓ ଯନ୍ତ୍ରପାତିର ବ୍ୟବହାର ଆମ କାର୍ଯ୍ୟ କରିବାର ବେଗବୃଦ୍ଧି କରିବାରୁ କ୍ରମେ ଆମେ କିପରି ଉନ୍ନତ ହେଲୁ ତାହାର ସୂଚନା ଦେଇଛନ୍ତି। ସେହି ସମୟରୁ ଆଜି ମଧ୍ୟରେ ଏସବୁ ବୃଦ୍ଧି ପାଇଛି ଅକଳ୍ପନୀୟ ଭାବେ। ଫଳରେ ଆମର ଜୀବନଶୈଳୀ ହୋଇ ପଡ଼ିଛି ଅତ୍ୟନ୍ତ ଚଞ୍ଚଳ। ଏହାର ଅର୍ଥ ହେଲା ଯେ ଆମେ ସଦାବେଳେ ଚାହୁଁଛୁ କୌଣସି କାମକୁ ଖୁବ୍ ଶୀଘ୍ର ଏବଂ ଯଥାର୍ଥ ଭାବେ ସମାପନ କରିବାକୁ। ସେଥିପାଇଁ ଆମେ ତହିଁରେ ଦେହ ଓ ମନକୁ ନିବିଡ଼ ଭାବେ ନିୟୋଜିତ କରି ରଖୁଛୁ। ଏପରିକି ଆମେ ଆହାର, ନିଦ୍ରା ଓ ବିଶ୍ରାମ ଭୁଲି ଦୀର୍ଘସମୟ ଧରି ସେଥିରେ ଲାଗିଯାଉଛୁ। ତେବେ 'ଅତି ସର୍ବତ୍ର ଗର୍ହିତମ୍' ନ୍ୟାୟରେ ଏହା ଏବେ ସୃଷ୍ଟି କରିବାରେ ଲାଗିଛି ନାନାଦି ସମସ୍ୟା।

ବୈଜ୍ଞାନିକମାନଙ୍କ ମତରେ ଏହା ଫଳରେ ଶାରୀରିକ ଓ ମାନସିକ ଚାପ ବୃଦ୍ଧି ପାଉଛି, ଯାହାକି ନାନାଦି ରୋଗର କାରଣ ହେଉଛି ଏବଂ କାର୍ଯ୍ୟପ୍ରତି ଆମର ଆଗ୍ରହ କ୍ଷୟ ହେବା ସହିତ ଚିନ୍ତା ଶକ୍ତିକୁ ମଧ୍ୟ ବ୍ୟାହତ କରୁଛି। ସେଥିପାଇଁ ଏବେ କୁହାଯାଉଛି ଜୀବନଧାରାକୁ ମନ୍ଥର ଓ ସୁସଂଗତ କରିବା ପାଇଁ। ଏକଥା ମନକୁ ଆସୁଛି ଆଉ ଜଣେ ମହାନ୍ ଇଂରାଜୀ କବି ହେନେରୀ ଡାଭିସ୍‌ଙ୍କ ସୁପ୍ରସିଦ୍ଧ କବିତା 'ହ୍ୱାଟ ଇଜ୍ ଦିସ୍ ଲାଇଫ୍ ଇଫ୍ ଫୁଲ୍ ଅଫ୍ କେୟାର୍'। ଏଥିରେ ସେ ପ୍ରଶ୍ନ କରିଛନ୍ତି ଯେ ବ୍ୟସ୍ତତାଭରା ଜୀବନ ଗୋଟିଏ କି ଜୀବନ, ଯଦି ତହିଁରେ ଗଛତଳେ ଟିକେ ଠିଆହୋଇ ଗୋରୁ ଓ ଛେଳି ମେଣ୍ଢା ଚରୁଥିବାର କିମ୍ବା ଜଙ୍ଗଲ ଦେଇ ଗଲା ବେଳେ ଗୁଣ୍ଡୁଚି ମୂଷା ଘାସ ଭିତରେ ତା' କୋଳିଟିଏ ଲୁଚାଇବାର କିମ୍ବା ନଦନଦୀର ପ୍ରବାହ ଅଥବା ଆକାଶରେ ବିଚ୍ଛୁରିତ ତାରକାମାଳ ଦେଖିବାକୁ ସମୟ ନ ଥାଏ? ପ୍ରକୃତରେ ଏବେ ବୈଜ୍ଞାନିକମାନେ ଏହାର ସତ୍ୟତା ସ୍ୱୀକାର କରୁଛନ୍ତି। ସେମାନେ କହୁଛନ୍ତି ଯେ ସବୁଦୃଷ୍ଟିରୁ ସମସ୍ତଙ୍କ ପାଇଁ ଏବଂ ବିଶେଷକରି ବୟସ୍କମାନଙ୍କ ପାଇଁ ମନ୍ଥର ଜୀବନ ହିଁ ଏକାନ୍ତ ଉପାଦେୟ। ଏହା ଦେଇଥାଏ ଶରୀର ଓ ମନକୁ ଆବଶ୍ୟକ ବିଶ୍ରାମ ମାଧ୍ୟମରେ ସୁସ୍ୱାସ୍ଥ୍ୟ, ଦୀର୍ଘଜୀବନ ଏବଂ ସୃଜନାତ୍ମକ ଚିନ୍ତା ପାଇଁ ଯଥେଷ୍ଟ ସମୟ।

ମନ୍ଥର ଜୀବନର ଅର୍ଥ ନୁହେଁ ଆଳସ୍ୟପରାୟଣତା ଏବଂ ଉତ୍ପାଦନ ହ୍ରାସ କରିବା। ବରଂ ଏହା ହେଉଛି ସୁସଂଗତ ଭାବେ କାର୍ଯ୍ୟ କରି ଉତ୍ପାଦର ପରିମାଣ ଅପେକ୍ଷା ତାହାର ମାନ ପ୍ରତି ସଚେତନ ରହିବା ଏବଂ କୌଣସି ମତେ ଲକ୍ଷ୍ୟଟିଏ ସାଧନ କରିଦେବା ଅପେକ୍ଷା ତାହା ସୁଚାରୁରୂପେ ସଂପାଦନ କରିବା। ପୁନଶ୍ଚ ତହିଁରୁ ଅଧିକ ଅର୍ଥପୂର୍ଣ୍ଣ ଅନୁଭୂତି ଅର୍ଜନ କରିବା। ଲୋକେ ଏବେ ହୃଦୟଙ୍ଗମ କରିବାକୁ ଆରମ୍ଭ କଲେଣି ଯେ ବଢ଼ିବଢ଼ି ଚାଲିଥିବା ବ୍ୟସ୍ତତା, ଅବଶତା, ମାନସିକ ଚାପ ଓ ରୋଗ ବାହିତ ସଂପୃକ୍ତ ଚଞ୍ଚଳ ଜୀବନ ସହନୀୟ ନୁହେଁ କି ସନ୍ତୋଷଜନକ ନୁହେଁ। ଅନ୍ୟପକ୍ଷରେ, ସବୁକାର୍ଯ୍ୟର ଅଗ୍ରାଧିକାର ନିର୍ଦ୍ଦିଷ୍ଟ ରୂପେ ମୂଲ୍ୟାୟନ କରି ତଦନୁଯାୟୀ ତାହା ମନଯୋଗ ସହକାରେ କରିବା ଉଚିତ। ଏହାଦ୍ୱାରା ଇଚ୍ଛା ମୁତାବକ ବଞ୍ଚିବା ଏବଂ ସନ୍ତୋଷଜନକ ତଥା ସାମଗ୍ରିକ ଭାବେ ଦେହ ଓ ମନର ସ୍ୱାସ୍ଥ୍ୟ ଯେପରି ବ୍ୟାହତ ନ ହୁଏ ସେଥିପ୍ରତି ଧ୍ୟାନ ଦେବା।

ମନ୍ଥର ଜୀବନଧାରାକୁ କିପରି ଗ୍ରହଣ କରାଯାଇ ପାରିବ ସେସମ୍ପର୍କରେ କେତେକ ସୂଚନା ଦେଇଛନ୍ତି ଇଂଲଣ୍ଡର ମନୋବିଜ୍ଞାନୀମାନେ। ତହିଁରୁ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଏଠାରେ ଅବତାରଣା କରାଯାଇପାରେ। ୧-କେଉଁ କେଉଁ କାର୍ଯ୍ୟ ତୁମକୁ ଆନନ୍ଦ ଦେଉଛି ଏବଂ ପରିପୂର୍ଣ୍ଣତା ଅନୁଭବ କରାଉଛି ତାହା ଚିହ୍ନଟ କର। ଯଥାସମ୍ଭବ କେବଳ ସେବର କାର୍ଯ୍ୟଗୁଡ଼ିକୁ ହାତକୁ ନେବାକୁ ଚେଷ୍ଟା କର। ୨- ମୋବାଇଲ, ଟିଭି କିମ୍ବା କମ୍ପ୍ୟୁଟର ନିକଟରେ ଅତ୍ୟଧିକ ସମୟ ନ ବିତାଇ ଏହାର ବ୍ୟବହାରକୁ କେବଳ ଆବଶ୍ୟକତା ମଧ୍ୟରେ ସୀମିତ ରଖ। ଅନ୍ୟପକ୍ଷରେ, ବିବିଧ ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମ, ବ୍ୟକ୍ତିଗତ ସମ୍ପର୍କ ପରିବର୍ଦ୍ଧନ, ବାସ୍ତବ ଦୁନିଆ ଓ ନୂତନ ଚିନ୍ତାଧାରାର ବିକାଶ ପାଇଁ ତାହାର ବିନିଯୋଗ କର। ୩- ଭୋଜନ, ପଠନ ଆଦି କାର୍ଯ୍ୟ ମନଧ୍ୟାନ ଦେଇ କର। ସେ ସମୟରେ ଅନ୍ୟ କିଛି ଚିନ୍ତା କରିନାହିଁ। ସେହିପରି ଯୋଗ, ବ୍ୟାୟାମ, ସଂପର୍କୀୟଙ୍କ ସହିତ ବାର୍ତ୍ତାଳାପ, ପ୍ରଭାତ କିମ୍ବା ସାନ୍ଧ୍ୟଭ୍ରମଣ ଆଦି ନିୟମିତ ଭାବେ କର। ୪- ତୁମ କାର୍ଯ୍ୟକଳାପକୁ ନିୟମିତ ଓ ଶୃଙ୍ଖଳିତ କର। ସର୍ବନିମ୍ନ ଆବଶ୍ୟକତା ଏବଂ ମନ୍ଥର ଜୀବନଧାରା ପରସ୍ପର ସହିତ ସଂପୃକ୍ତ। ଏଣୁ ଅଯଥା ଆବଶ୍ୟକତା କିମ୍ବା ଅଙ୍ଗୀକାରବଦ୍ଧତା ସୀମିତ କରିବା ମାଧ୍ୟମରେ ଦୈନନ୍ଦିନ କାର୍ଯ୍ୟକଳାପ ହ୍ରାସ କରି ଶାନ୍ତିରେ ନିଃଶ୍ୱାସ ମାରିବାକୁ ସମୟ ବଞ୍ଚାଅ। ୫- ପ୍ରକୃତି କୋଳରେ ନିୟମିତ କିଛି ସମୟ ବିତାଅ। ତାହା ବଗିଚାରେ ବୁଲିବା ହେଉ, ସେଥିରେ ଥିବା ଗଛଲତାଙ୍କ ଯତ୍ନନେବା ହେଉ କିମ୍ବା ପାହାଡ଼ ପର୍ବତରେ ପରିଭ୍ରମଣ ହେଉ। ଏହାର ଦେହ ଓ ମନ ଉପରେ ବହୁ ସକାରାତ୍ମକ ପ୍ରଭାବ ରହିଛି। ୬- ଯେଉଁ କାର୍ଯ୍ୟଟି କରୁଛ, ତାହା ଯେପରି ତୁମର ଉପଭୋଗ୍ୟ ହୁଏ, ସେଥିପ୍ରତି ଦୃଷ୍ଟି ଦିଅ। ୭- ବିଶ୍ରାମ ଓ ନିଦ୍ରା ସୁସ୍ଥ ଜୀବନ ପାଇଁ ଏକାନ୍ତ ଆବଶ୍ୟକ। ଏଣୁ ଏହା ନିୟମିତ ଯଥେଷ୍ଟ ସମୟ କର। ଏହାକୁ ଆଳସ୍ୟ ବୋଲି ମନେ କରି ଏଥିପାଇଁ ନିଜନକୁ ଦୋଷୀ ବୋଲି ଅନୁଭବ କରନାହିଁ।

ମନ୍ଥର ଜୀବନ ମାନସିକ ଚାପ ଓ ଦୁଶ୍ଚିନ୍ତା ଦୂରକରେ ଏବଂ ସହୃଦୟଶୀଳ ମନୋଭାବର ବିକାଶ ଘଟାଏ। ଏହା ସ୍ମରଣେ କରାଇଦିଏ ଯେ ଜୀବନ ଏକ ଘୋଡ଼ା ଦଉଡ଼ ନୁହେଁ। ବରଂ ମନକୁ ବିକଶିତ କରିବାର ଅନୁଭୂତିଟିଏ। ଏଣୁ ଅଧିକ ସରଳ ଓ ସଚେତନ ଜୀବନଚର୍ଯ୍ୟା ଆପଣାଇ ନେବା ଦ୍ୱାରା ତୁମେ ଦୈନନ୍ଦିନ ଜୀବନରେ ସୁଖ, ଶାନ୍ତି ଓ ପରିପୂର୍ଣ୍ଣତା ଅନୁଭବ କରିପାରିବ। ଅତଏବ ଏହାକୁ ଅନୁସରଣ କରିବା ଆମ ସମସ୍ତଙ୍କ ପାଇଁ ଏବଂ ବିଶେଷକରି ବୟସ୍କମାନଙ୍କ ପାଇଁ ଏକାନ୍ତ ଆବଶ୍ୟକ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

# ପଦ୍ମସମ୍ଭବ, ମନ୍ଦରଭା ଓ ୟେଶେ

**ପ୍ରବୀର କୁମାର ପଟ୍ଟନାୟକ**

## ଦ୍ୱିତୀୟ-ବୁଦ୍ଧ କଥା

ପୂର୍ବପ୍ରକାଶିତ ଉତ୍ତାରୁ...

ୟେଶେ ସୋଗ୍ୟାଲ୍: ତିବ୍ବତୀୟ କିମ୍ବଦନ୍ତୀ କୁହେ ତିବ୍ବତର ଏକ ଉପତ୍ୟକା ଜଣେ ଜମିଦାର ବା ସର୍ଦ୍ଦାରଙ୍କର ଦୈବୀକୃପାରୁ ଗୋଟିଏ କନ୍ୟାରତ୍ନ ଲାଭ ହୋଇଥିଲା। ଶିଶୁ ଅବସ୍ଥାରେ ଏହି କନ୍ୟା ଅତ୍ୟନ୍ତ ବୁଦ୍ଧିମତୀ ଥିଲେ। ସମସ୍ତପ୍ରକାର ବିଦ୍ୟା ଓ ଶାସ୍ତ୍ରମାନ ଖୁବ୍ ସହଜରେ ଓ ସଙ୍ଗେସଙ୍ଗେ ଆୟତ୍ତ କରିଦେଉଥିଲେ। ଷୋହଳ ବର୍ଷ ବୟସରେ ସେ ତିବ୍ବତର ରାଜା ଖ୍ରୀ-ସ୍ରନ୍‌ଙ୍କର ରାଣୀ ହୋଇଗଲେ। ପଦ୍ମସମ୍ଭବ ତିବ୍ବତ ଆସିବା ପରେ ତାଙ୍କ ଦ୍ୱାରା ଦୀକ୍ଷିତ ହୋଇ ଶିଷ୍ୟା ହୋଇଗଲେ। ୟେଶେଙ୍କର ସ୍ମୃତିଶକ୍ତି ଅତ୍ୟନ୍ତ ପ୍ରଖର ଥିଲା ଯାହା ଦୈବୀକୃପା ବିନା ଅସମ୍ଭବ ଥିଲା। ୟେଶେଙ୍କୁ ଡାକିନୀ ଅବତାର କୁହାଯାଏ। ଷୋହଳ ବର୍ଷ ବୟସରେ ହିଁ ସେ ଗୁରୁ ପଦ୍ମସମ୍ଭବଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ତଥା ଘନିଷ୍ଠ ଓ ବିଶ୍ୱାସୀ ଶିଷ୍ୟା ହୋଇ ଯାଇଥିଲେ। ପଦ୍ମସମ୍ଭବଙ୍କର ପାଞ୍ଚଜଣ ଶିଷ୍ୟାଙ୍କ ମଧ୍ୟରେ ୟେଶେ ହିଁ ମୁଖ୍ୟ ଥିଲେ। ସେ ଥିଲେ ପଦ୍ମସମ୍ଭବଙ୍କର ସହକର୍ମୀ, ବ୍ୟକ୍ତିଗତ ସଚିବ ଓ



ସହାୟିକା ଏବଂ ତାଙ୍କର ସମସ୍ତ ବ୍ୟାପାରର ପରିଚାଳିକା। ତାଙ୍କର ସ୍ମୃତିଶକ୍ତି ଏକ ଚମତ୍କାରିତାପୂର୍ଣ୍ଣ ଶକ୍ତିଭଳି କାମ କରୁଥିଲା। ସେ ଥରେ ଯାହା ଶୁଣି ଦେଉଥିଲେ ଚିରଦିନ ପାଇଁ ତାହାକୁ ମନେ ରଖି ଦେଉଥିଲେ। ପଦ୍ମସମ୍ଭବଙ୍କଠାରୁ କଥାଛଳରେ ସମସ୍ତ ତଥ୍ୟ ସଂଗ୍ରହ କରି ସେ 'ଗୁରୁଙ୍କ ଇତିହାସର ସୁବର୍ଣ୍ଣ ଜପମାଳା' ନାମକ ଗୋଟିଏ ଗ୍ରନ୍ଥ ରଚନା କରି ତାହାକୁ ଲୁକ୍କାୟିତ ଭାବେ ନିରାପଦ ସ୍ଥାନରେ ରଖି ଯାଇଥିଲେ, ଯାହାକୁ ଗତ ପାଞ୍ଚ ଶହ ବର୍ଷ ପୂର୍ବେ ଆବିଷ୍କାର କରାଯାଇଛି।

ତିବ୍ବତରେ ବଜ୍ରଯାନ ହେଉଛି ମୁଖ୍ୟ ଧର୍ମ ଏବଂ ତାହାର ଧର୍ମଗ୍ରନ୍ଥମାନଙ୍କୁ ସମସ୍ତେ ପାଠକରି ଶିକ୍ଷାଲାଭ କରୁଥିଲେ। ମାତ୍ର ସମସ୍ତେ ମୁଖ୍ୟ ଭାବରେ ପରିଚାଳିତ ହେଉଥିଲେ ଗୁପ୍ତଶାସ୍ତ୍ରଗୁଡ଼ିକର ଫଳଦାୟିନୀ ଶକ୍ତି ଦ୍ୱାରା। ଏହି ଗୁପ୍ତଶାସ୍ତ୍ରଗୁଡ଼ିକର ମୁଖ୍ୟ ହେଲେ ଆଚାର୍ଯ୍ୟ ପଦ୍ମସମ୍ଭବ। ତାଙ୍କର ଧାର୍ମିକ କାର୍ଯ୍ୟକଳାପଗୁଡ଼ିକ ମଧ୍ୟରେ ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟଥିଲା ସେ ଧାର୍ମିକ ଦ୍ରବ୍ୟମାନ, ଶାସ୍ତ୍ରସବୁ, ବିଭିନ୍ନ ଧାର୍ମିକ ସଂପଦ, ବିଭିନ୍ନ ଅଲୌକିକ ଔଷଧୀୟ ଦ୍ରବ୍ୟ ତଥା ଚିକିତ୍ସାଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ରମାନ। ଏସବୁକୁ ସେ ତିବ୍ବତ, ଭାରତ ଓ ନେପାଳର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ନିରାପଦ ସ୍ଥାନରେ ଗୁପ୍ତଭାବେ ଭବିଷ୍ୟତରେ ଶିଷ୍ୟମାନଙ୍କ ଆବଶ୍ୟକତା ଓ ବ୍ୟବହାର ପାଇଁ ୟେଶେ ସୋଗ୍ୟାଲଙ୍କ ସହାୟତା ତଥା ଜ୍ଞାତସାରରେ ଲୁକ୍କାୟିତ ଭାବେ ସାଇତି ରଖୁଥିଲେ।

ପଦ୍ମସମ୍ଭବଙ୍କର ସମସ୍ତ ଗୁରୁତ୍ୱପୂର୍ଣ୍ଣ ବାଣୀ, ଉପଦେଶ, ଶିକ୍ଷା ଓ ରହସ୍ୟମୟ ଗୁପ୍ତବିଦ୍ୟାସବୁ ଯାହା ୟେଶେଙ୍କୁ ଗୁରୁ କହୁଥିଲେ ବା ଅନ୍ୟଙ୍କୁ କହିବାର ଅଥବା ଶିକ୍ଷା ଦ୍ୱାରା ୟେଶେ ଜାଣୁଥିଲେ ସେସବୁକୁ ମଧ୍ୟ ଗୁପ୍ତ ଲିପି 'ଡାକିନୀ ଭାଷା'ରେ ଲିପିବଦ୍ଧ କରି ରଖୁଥିଲେ ଏବଂ ଏସବୁ ସହସ୍ର ସଂଖ୍ୟାରେ ପ୍ରସ୍ତୁତ କରି ଲୁକ୍କାୟିତ ଭାବେ ବିଭିନ୍ନ ସ୍ଥାନରେ ସାଇତି ରଖୁଥିଲେ ଅତ୍ୟନ୍ତ ନିରାପଦ ସ୍ଥାନମାନଙ୍କରେ। ୟେଶେଙ୍କର ଭାଇ ପାଲଗି, ଯେକି ଭାରତକୁ ଶିକ୍ଷା ଓ ତାଲିମ ପାଇଁ ତିବ୍ବତରୁ ପଦ୍ମସମ୍ଭବ ପଠାଇଥିବା ୧୦୮ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଜଣେ ଥିଲେ, ଭାରତରୁ ଫେରିବା ପରେ ପଦ୍ମସମ୍ଭବ ତିବ୍ବତ ଓ ଅନ୍ୟ ଯେଉଁଆଡ଼େ ଯାଉଥିଲେ ତାଙ୍କ ସାଙ୍ଗରେ ଛାଇ ପରି ରହୁଥିଲେ। ପାଲ୍‌ଗି ଗୁରୁ ପଦ୍ମସମ୍ଭବଙ୍କର 'ହୃଦୟର ସନ୍ତାନ' ଭାବେ ନିଜର ପରିଚୟ ହାସଲ କରିଥିଲେ। ଉଭୟ ୟେଶେ ଓ ପାଲ୍‌ଗି ଗୁରୁ ପଦ୍ମସମ୍ଭବଙ୍କର ସବୁଠାରୁ ନିଜର ଥିଲେ ଏବଂ ତାଙ୍କର ସମସ୍ତ ବିଷୟ ବୁଝିବା ସହ ସମସ୍ତ ଗୋପନ ରହସ୍ୟ ମଧ୍ୟ ଜାଣି ପାରିଥିଲେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଆରମ୍ଭ ହେଲା ରଥ ଭଙ୍ଗା

## ପ୍ରଥମେ ଭଙ୍ଗାଯାଉଛି ଦେବଦଳନ ରଥ

ପୁରୀ,୨୨।୮ (ସମିସ): ନବଦିନାତ୍ମକ ଯାତ୍ରା ସାରି ମହାପ୍ରଭୁ ରତ୍ନସିଂହାସନରେ ବିରାଜମାନ କରିଛନ୍ତି। ହେଲେ ଚତୁର୍ଦ୍ଧାବିଗ୍ରହ ଯାତ୍ରା କରିଥିବା ତିନିରଥ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ରହିଥିଲା। ଶୁକ୍ରବାରଠାରୁ ରଥଭଙ୍ଗା ଆରମ୍ଭ ହୋଇଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଏହା ଭଙ୍ଗାଯାଉଛି। ଏଥିରେ ୯ ଜଣ ଭୋଇ ସେବକ ନିୟୋଜିତ ହୋଇଛନ୍ତି। ସକାଳେ ସୁଭଦ୍ରାଙ୍କ ଦେବଦଳନ ରଥରେ ଭୋଇ ସେବକମାନେ ଲଡୁ ମାହାର୍ଦ୍ଦ ଓ ନଡ଼ିଆ ଆଣି ରଖିଥିଲେ। ଭୋଇ ସର୍ଦ୍ଦାର ରଥରେ ନଡ଼ିଆ ବାଡ଼େଇବା ପରେ ଆରମ୍ଭ ହୋଇଥିଲା ଭଙ୍ଗା କାମ। ଉପରଆଡୁ ରଥ ଭଙ୍ଗା ଯାଉଛି।

ପ୍ରଥମ ଦିନରେ ରଥର ଖପୁରୀ, ପାରାଭାଡ଼ି, ପୋଟଳ, ପୋଟଳ ପାରେଣି, ଖମ୍ବି ଓ ଓରା, ତୃତୀୟ ଭୂଇଁ, ଦ୍ୱିତୀୟ ଭୂଇଁ, ଅନ୍ଧାରୀ ତାଗ, କଇଁଚି, ପ୍ରଭା, ଚାରି ଦ୍ୱାର ପର୍ଯ୍ୟନ୍ତ ଭଙ୍ଗାଯାଇଛି। ରଥ ଭଙ୍ଗାଯାଇ ବାହାରୁଥିବା କାଠକୁ ମଶାଣୀଚଣ୍ଡୀ ଛକସ୍ଥିତ ଗୋଦାମ ଘରେ ରଖାଯାଉଛି। ଏହାକୁ ଠାକୁରଙ୍କ କୋଠଭୋଗ ଜାଳେଣି ପାଇଁ ବ୍ୟବହାର କରାଯିବ। ଦେବଦଳନ ରଥ ସମ୍ପୂର୍ଣ୍ଣ ଭାଙ୍ଗିବାକୁ ଆହୁରି ତିନିଦିନ ଲାଗିବ ବୋଲି ଭୋଇ ସର୍ଦ୍ଦାର କହିଛନ୍ତି। ପରେ ତାଳଧ୍ୱଜ ଏବଂ ଶେଷରେ ନନ୍ଦିଘୋଷ ରଥ ଭଙ୍ଗାଯିବ। ତେବେ ରଥଭଙ୍ଗା ସମୟରେ ବହୁ ଭକ୍ତ କାଠ ନେବା ପାଇଁ ନିବେଦନ କରନ୍ତି। ତେଣୁ ପୁଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

ରଥ ସମ୍ପୂର୍ଣ୍ଣ ଭଙ୍ଗାଯିବା ପରେ ସମସ୍ତ କାଠ ଶ୍ରୀମନ୍ଦିର ପ୍ରଶାସନର ଜିମା ଦିଆଯିବ। ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟ୍ ଅନୁଯାୟୀ, ଖେଇ ବାବଦରେ ରଥର କିଛି ଅଂଶ ମହାରଣା, ରୂପକାର, କମାର ଓ ଭୋଇ ସେବକଙ୍କୁ ପ୍ରଦାନ କରାଯିବ। ସିଂହାସନ, ପ୍ରଭା, ନାଟଗୋଡ, ଗୁଜ ଓ ଚକକୁ ଷ୍ଟୋର ରୁମ୍‌ରେ ରଖାଯିବ। ଏହାକୁ ବିକ୍ରି କରାଯିବ। ବଳକା କାଠକୁ ଚିରଟ କରାଯାଇ ଶ୍ରୀମନ୍ଦିର ରୋଷଶାଳାରେ ମହାପ୍ରଭୁଙ୍କ କୋଠଭୋଗ ପ୍ରସ୍ତୁତିରେ ବ୍ୟବହାର କରାଯିବ। ଗତ ମାସ ୯ ତାରିଖରେ ତିନିରଥରୁ ସାରଥୀ, ଘୋଡ଼ା, ସଖୀ, ପାଶ୍ୱର୍ ଦେବଦେବୀ, ହଂସପଟା, କନ୍ୟାପଟା, ଚାରମାଳ, ଠେକରାବାଡକୁ ଭୋଇ ସେବକମାନେ ଖୋଲିଥିଲେ। ସାରଥୀଙ୍କୁ ଓହ୍ଲାଯାଇ ନରେନ୍ଦ୍ର ମହଲା ପରିସରରେ ରଖାଯାଇଛି। ସେହିପରି ପାର୍ଶ୍ୱ ଦେବଦେବୀ, ହଂସପଟା, କନ୍ୟାପଟା ପ୍ରଭୃତି ବାଗେଡ଼ିଆ ଧର୍ମଶାଳା ପରିସରରେ ରଖାଯାଇଥିବା ବେଳେ ଘୋଡାଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ରଖାଯାଇଛି। ତେବେ ତିନିରଥ ସମ୍ପୂର୍ଣ୍ଣ ଭାଙ୍ଗିବା ପାଇଁ ୧୨ ରୁ ୧୫ ଦିନ ଲାଗିବ।

# ସିଭିଲ ସର୍ଭିସ ମୁଖ୍ୟ ଲିଖିତ ପରୀକ୍ଷାରେ ୮୦୬ଜଣ କୃତକାର୍ଯ୍ୟ

କଟକ, ୨୨।୮ (ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା-୨୦୨୩ର ମୁଖ୍ୟ ଲିଖିତ ପରୀକ୍ଷାରେ ମୋଟ ୮୦୬ଜଣ କୃତକାର୍ଯ୍ୟ ହେବା ସହ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୯୩ଜଣ ମହିଳା ରହିଛନ୍ତି। ଏ ସଂକ୍ରାନ୍ତରେ ଓପିଏସସି ୱେବସାଇଟ୍‌ରେ ସବିଶେଷ ତାଲିକା ପ୍ରକାଶ ପାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରମାଣପତ୍ର ଓ ଅନ୍ୟ ଦସ୍ତାବିଜ ଯାଞ୍ଚ ସହ ପର୍ସୋନାଲଟି ଟେଷ୍ଟ ପାଇଁ ଉପରୋକ୍ତ ପରୀକ୍ଷାର୍ଥୀମାନଙ୍କୁ ଓପିଏସସି ମୁଖ୍ୟ କାର୍ଯ୍ୟାଳୟକୁ ଡକାଯିବ। ଆସନ୍ତା ସେପ୍ଟେମ୍ବର ୬ରୁ ଏହି ପ୍ରକ୍ରିୟା ଆରମ୍ଭ ହେବ।

# ସେପ୍ଟେମ୍ବର ୧୦ରୁ ଭୁବନେଶ୍ୱର ଷ୍ଟେସନରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ଭୁବନେଶ୍ୱର,୨୨।୮ (ସମିସ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ତୀର୍ଥଯାତ୍ରୀମାନେ ଭୁବନେଶ୍ୱରରୁ ଅଯୋଧ୍ୟା ଓ ବାରଣାସୀ ପରିଦର୍ଶନ କରିବେ। ଏହି ଯୋଜନାରେ କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳର ୭୭୫ ଜଣ ତୀର୍ଥଯାତ୍ରୀ ଏବଂ ସେମାନଙ୍କୁ ସହଯୋଗ କରିବାକୁ ୨୫ ଜଣ ଅଧିକାରୀ ଏହି ପ୍ରଥମ ପର୍ଯ୍ୟାୟରେ ସାମିଲ ହେବେ। ଆସନ୍ତା ସେପ୍ଟେମ୍ବର ୧୦ରୁ ତୀର୍ଥଯାତ୍ରୀମାନେ ଭୁବନେଶ୍ୱର ଷ୍ଟେସନରୁ ବାହାରି ଅଯୋଧ୍ୟା ଓ ବାରଣାସୀ ଦର୍ଶନ କରି ସେପ୍ଟେମ୍ବର ୧୫ ତାରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଶୁକ୍ରବାର ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ତୀର୍ଥଯାତ୍ରାରେ ସାମିଲ ହେଉଥିବା ବରିଷ୍ଠ ନାଗରିକମାନଙ୍କର ସୁରକ୍ଷା, ଖାଦ୍ୟପେୟ, ସ୍ୱାସ୍ଥ୍ୟ ଆଦି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ତୀର୍ଥଯାତ୍ରୀମାନେ ସେପ୍ଟେମ୍ବର ୯ ତାରିଖରେ ସଂପୃକ୍ତ ଜିଲ୍ଲାରୁ ବାହାରି ଭୁବନେଶ୍ୱରରେ ପହଞ୍ଚିବା ସହ ସେମାନଙ୍କ ନିମନ୍ତେ ଭୁବନେଶ୍ୱରର ବିଭିନ୍ନ ସରକାରୀ ଅନୁଷ୍ଠାନରେ ଅସ୍ଥାୟୀ ରହଣୀ ବ୍ୟବସ୍ଥା କରାଯିବ।


**ସତ୍ୟପାଠ**

ଖୋର୍ଦ୍ଧାର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ତାରିଖ ୩୦/୦୬/୨୫ ରେ ଶପଥ ନେଇଥିବା ଏକ ସତ୍ୟପାଠ ନମ୍ବର-୨୦୦୩ ଅନୁଯାୟୀ, ମୁଁ ଅରୁଣ ସୁନ୍ଦରାୟ, ପିତା – ଭାସ୍କର ସୁନ୍ଦରାୟ, ସା/ପୋ-ଗଡମାଣିତିର, ଥାନା-ବେଗୁନିଆ, ପିନ୍-୭୫୨୦୬୨ ନିବାସୀ ଅଟେ। ମୋର ଆଧାର ନମ୍ବର-୬୩୮୦୩୯୬୬୬୧୧୪। ମୁଁ ମୋର ନାବାଳକ ଝିଅର ନାମ ଅନନ୍ୟା ସୁନ୍ଦରାୟ (ପୁରୁଣା ନାମ) ରୁ ଆଦ୍ୟାସ୍ମିତା ସୁନ୍ଦରାୟ (ନୂତନ ନାମ) ପରିବର୍ତ୍ତନ କରି ଆଦ୍ୟାସ୍ମିତା ସୁନ୍ଦରାୟ (ନୂତନ ନାମ) ରଖିଛି। ତେଣୁ ଉଭୟ ନାମ ଆଦ୍ୟାସ୍ମିତା ସୁନ୍ଦରାୟ ଏବଂ ଅନନ୍ୟା ସୁନ୍ଦରାୟ ଜଣେ ଏବଂ ସମାନ ବ୍ୟକ୍ତି ଯିଏ ଭବିଷ୍ୟତର ସମସ୍ତ କାର୍ଯ୍ୟ ପାଇଁ ଆଦ୍ୟାସ୍ମିତା ସୁନ୍ଦରାୟ ନାମରେ ପରିଚିତ ହେବେ। **ଅରୁଣ ସୁନ୍ଦରାୟ**

**AFFIDAVIT**

I, Shahenaj Akhtar, W/o.: Sardar Saukat Alli, resident of Plot No71/7, Near Ranasinghpur MOO Bus Stop Jadupur, Po-Dumduma, Housing board colony, Bhubaneswar, Dist-Khorda, Odisha, Pin-751019, Aadhar Card Number - 861122780202, Declare by this Affidavit No. 284/2025, 21/08/2025 that onwards I shall be known as **Shahenaz Akhatar** for all future purpose.

**SALE**

MARUTI TOUR S, Model - 2023, Registration No-OD-34-S-0093, in as is where is condition Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days.


## ବଲାଙ୍ଗିରରେ ଅଭାବନୀୟ ଘଟଣା

# ପ୍ରେମିକାର ତଣ୍ଟି କାଟି ବିଷ ପିଇ ଆତ୍ମହତ୍ୟା ଉଦ୍ୟମ

ବଲାଙ୍ଗିର, ୨୨।୮ (ସମିସ): ପ୍ରେମିକାର ତଣ୍ଟି କାଟିବା ପରେ ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ। ବଲାଙ୍ଗିର ଜିଲ୍ଲା ସଦର ଥାନା ଅଞ୍ଚଳରେ ଆଜି ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ, ବଲାଙ୍ଗିର ସଦର ଥାନା ଅନ୍ତର୍ଗତ ମାୟାବର୍ହା ଗାଁର ସୁକାନ୍ତୀ ବରିହା ଓ ଲରମ୍ବା ଥାନା ପଣ୍ଡରିପାଣି ଗାଁର ହଳଧର ବରିହା। ତେବେ କେଉଁ କାରଣରୁ ଏହି ଅଘଟଣ ଘଟିଛି, ତାହା ଜଣାପଡ଼ିନାହିଁ।

ସୂଚନାନୁଯାୟୀ, ହଳଧର ଗୁରୁବାର ତାଙ୍କ ସଂପର୍କୀୟ ମାୟାବର୍ହା ଗାଁର ରତ୍ନ ବରିହାଙ୍କ ଘରକୁ ଆସିଥିଲେ। ସେଠାରେ ସେ ରତ୍ନଙ୍କ ଝିଅ ସୁକାନ୍ତୀଙ୍କୁ ବିବାହ କରିବେ ବୋଲି ତାଙ୍କ ଘରଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ତେବେ ପରିବାରଲୋକଙ୍କୁ ସାଙ୍ଗରେ ଆଣି ଏ ସଂପର୍କରେ କଥା ହେବା ପାଇଁ ହଳଧରଙ୍କୁ ରତ୍ନ ପରାମର୍ଶ ଦେଇଥିଲେ। ପରେ ଖାଇପିଇ ସମସ୍ତେ ଶୋଇଥିଲେ। ହଳଧର ମଧ୍ୟ ସେଠାରେ ରାତ୍ରିଯାପନ କରିଥିଲେ। ଆଜି ସକାଳୁ ହଳଧର ଘରକୁ ଯିବା ପାଇଁ ବାହାରିବା ପୂର୍ବରୁ ସେ ସୁକାନ୍ତୀଙ୍କ ମା'ଙ୍କୁ ପାଣି ମାଗିଥିଲେ। ଏହି ସମୟରେ ସୁକାନ୍ତୀଙ୍କୁ ଏକୁଟିଆ ପାଇ ହଳଧର ତାଙ୍କ ତଣ୍ଟି କାଟି ଫେରାର ହୋଇଯାଇଥିଲା। ରକ୍ତାକ୍ତ ଅବସ୍ଥାରେ ସୁକାନ୍ତୀଙ୍କୁ ପରିବାରଲୋକେ ପ୍ରଥମେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଫେରାର ଅଭିଯୁକ୍ତକୁ ଧରିବା ପାଇଁ ସଦର ଥାନା ଅଧିକାରୀ ରାଜ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ ତଦନ୍ତ ଆରମ୍ଭ କରିଥିଲେ। ଏହି ସମୟରେ ଫେରାର ଥିବା ହଳଧର ମଧ୍ୟ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଥିଲା। ସେ ଫେରାର୍ ହୋଇ ଗାଁକୁ ପହଞ୍ଚିବା ପରେ ବିଷ ପିଇଦେଇଥିବା ପରିବାର ଲୋକଙ୍କୁ କହିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶ୍ରୀଲଙ୍କାର ପୂର୍ବତନ...

ଭାବେ ଗିରଫ ହୋଇଛନ୍ତି। ତାଙ୍କୁ କଲମ୍ବୋ ଫୋର୍ଟ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର କରାଯାଇଛି। କିନ୍ତୁ ବିକ୍ରମସିଙ୍ଘେ ସବୁ ଅଭିଯୋଗକୁ ଭିତ୍ତିହୀନ ଓ ଅମୂଳକ ବୋଲି କହିଛନ୍ତି। ତାଙ୍କ ପତ୍ନୀ ନିଜ ଖର୍ଚ୍ଚରେ ଲଣ୍ଡନ ଗସ୍ତ କରିଥିଲେ ଓ ସେ ଏଥିପାଇଁ କୌଣସି ସରକାରୀ ଅର୍ଥର ଉପଯୋଗ କରିନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ୧୯୯୦ରୁ ଆରମ୍ଭ କରି ଏପର୍ଯ୍ୟନ୍ତ ରାନିଲ ୬ ଥର ଭିନ୍ନ ଭିନ୍ନ କାର୍ଯ୍ୟକାଳରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଛନ୍ତି। ଏହି ଅବସରରେ ସେ ୨୩ଥର ବିଦେଶ ଯାତ୍ରା କରିଛନ୍ତି। ଏଥିପାଇଁ ସରକାରୀ ପାଣ୍ଠିରୁ ଦୁଇ ମିଲିଅନ ଡଲାର ଅର୍ଥାତ ୧୭.୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସେ ୨୦୨୨ରେ ଶ୍ରୀଲଙ୍କାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ।

## ସରକାର ବେଫିକର...

କର୍ମଚାରୀମାନଙ୍କୁ ଭୟଭୀତ କରାଇ ଛୁଟି ବାତିଲ କରିବା, ଦରମା ବନ୍ଦ କରିବା ଓ କାର୍ଯ୍ୟାନୁଷ୍ଠାନ ଭଳି ଚେତାବନୀ ଦେଇଛନ୍ତି। ଯାହା କର୍ମଚାରୀମାନଙ୍କୁ ଦାବି ପୂରଣ ଜିଦ୍‌ରେ ଆହୁରି ଅଟଳ କରିଛି। ରାଜସ୍ୱ ଅମଲା ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ସରକାର ସଂଘକୁ ଧମକ ଦେବା ପରିବର୍ତ୍ତେ ଆଲୋଚନା ପାଇଁ ଡାକିବା ଉଚିତ। ସରକାର ନିଜକୁ ଲୋକଙ୍କ ସରକାର କହୁଛନ୍ତି। ଯେଉଁମାନେ ସେବା ପାଉନାହାନ୍ତି ସେମାନେ ଲୋକ ଓ ଆନ୍ଦୋଳନରେ ବସିଥିବା କର୍ମଚାରୀମାନେ ମଧ୍ୟ ଲୋକ। ତେଣୁ ଘରର ମୁରବୀ ହିସାବରେ ମୁଖ୍ୟମନ୍ତ୍ରୀ ଏହି ମାମଲାରେ ହସ୍ତକ୍ଷେପ କରିବା ସହ ସଂଘକୁ ଆଲୋଚନା ପାଇଁ ଡାକି ଏହାର ସମାଧାନ କରିବା ଉଚିତ। ଲୋକମାନେ ହଇରାଣ ହୁଅନ୍ତୁ, ଏହା ସଂଘ କେବେ ଚାହିଁନାହିଁ। ତେଣୁ ଲୋକଙ୍କୁ ସେବା ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ। ଆମ ହାତରେ କୌଣସି କ୍ଷମତା ନାହିଁ। ସରକାର ରାଜସ୍ୱ ଅମଲାମାନଙ୍କ ନ୍ୟାଯ୍ୟ ଦାବି ମାନି ନେଲେ ଏହି ଆନ୍ଦୋଳନ ପ୍ରତ୍ୟାହାର ହୋଇଯିବ ବୋଲି ସେ କହିଛନ୍ତି।

ସୂଚନା ଥାଉକି ୧୦ ଦଫା ଦାବି ପୂରଣ ଲକ୍ଷ୍ୟରେ ଜୁଲାଇ ୭ ତାରିଖରୁ ସଂଘର ସମସ୍ତ ସଦସ୍ୟ କଳାବ୍ୟାଚ ପରିଧାନ କରି ପ୍ରତିବାଦ ଜଣାଇଥିଲେ। ପରେ ଜୁଲାଇ ୯ ତାରିଖ ଦିନ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ ସଂଘ ସହ ଆଲୋଚନା କରି ୧୫ ଦିନ ଭିତରେ ନିଷ୍ପତ୍ତି ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଏକ ମାସ ବିତିଥିଲେ ମଧ୍ୟ ଦାବି ପୂରଣ ନ ହେବାରୁ ସଂଘ ସରକାରଙ୍କ ଉପରେ ଭରସା ତୁଟାଇ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛି। ଅନ୍ୟପଟେ ସରକାର ଆଲୋଚନା କରିବା ପରିବର୍ତ୍ତେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ସମୂହ ଛୁଟିରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କହିବା ସହ ଖୋଦ୍ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଅମଲା ସଂଘକୁ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲେ। ଏହାପରେ ସଂଘ ନିଜ ଜିଦ୍‌ରେ ଅଟଳ ରହିବା ସହ ୧୨ ଦିନ ହେବ ସମୂହ ଛୁଟି ଆନ୍ଦୋଳନକୁ ବଳବତ୍ତର ରଖିଛି।

## ବନ୍ଧ୍ୟାକରଣ କରି...

କୁକୁରଙ୍କୁ ସାର୍ବଜନୀନ ସ୍ଥାନରେ ଖାଇବାକୁ ନ ଦେବା ପାଇଁ ସୁପ୍ରିମକୋର୍ଟ ମନା କରିଛନ୍ତି। ଏ ନେଇ ଅଲଗା ସ୍ଥାନ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଦିଲ୍ଲୀ ସମେତ ସାରା ଦେଶରେ କାର୍ଯ୍ୟକାରୀ ହେବ। କୁକୁରଙ୍କୁ ହଟାଇବା ଆବେଦନକୁ ବିରୋଧ କରି ସୁପ୍ରିମକୋର୍ଟ ଆସିଥିବା ବ୍ୟକ୍ତି ଏବଂ ଏନ୍‌ଜିଓଙ୍କୁ ଯଥାକ୍ରମେ ୨୫ ହଜାର ଏବଂ ୨ ଲକ୍ଷ ଟଙ୍କା ଲେଖାଏଁ ରେଜିଷ୍ଟ୍ରାରଙ୍କ ନିକଟରେ ଜମା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସପ୍ତାହେ ଭିତରେ ଅର୍ଥ ଜମା କରିବାକୁ କହିଛନ୍ତି। ଯଦି ଏପରି ନ କରନ୍ତି ତେବେ ମାମଲା ଶୁଣାଣିରେ ସାମିଲ ହେବାକୁ ଅନୁମତି ଦିଆଯିବ ନାହିଁ। ଗତ ୧୧ ତାରିଖରେ ନିର୍ଦ୍ଦେଶକୁ ବିରୋଧ କରି ଅନେକ କୁକୁର ପ୍ରେମୀ ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଥିଲେ। ଏବେ ସବୁ କୋର୍ଟରେ ଦାଏର ମାମଲା ସର୍ବୋଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର ହେବ ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ବୁଲୁ କୁକୁରଙ୍କୁ ପୋଷ୍ୟ କରିବା ପାଇଁ କୁକୁର ପ୍ରେମୀ ପୌର ନିଗମ ନିକଟରେ ଆବେଦନ ଦାଏର କରିପାରିବେ। କିନ୍ତୁ ପୋଷ୍ୟ କରି କୁକୁରକୁ ବାହାରକୁ ଛାଡ଼ିପାରିବେ ନାହିଁ। ଜଷ୍ଟିସ ବିକ୍ରମନାଥ କହିଛନ୍ତି ଯେ ବୁଲା କୁକୁରଙ୍କୁ ନେଇ ଜାତୀୟସ୍ତରୀୟ ନୀତି ପ୍ରସ୍ତୁତ କରିବା ଜରୁରୀ। ଏହି ମାମଲାରେ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ୮ ସପ୍ତାହ ପରେ ଅକ୍ଟୋବରରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ଆଧାର କାର୍ଡକୁ...

ଭୋଟରଙ୍କୁ ସହାୟତା କରିବା ପାଇଁ ଦଳଗୁଡିକ କ'ଣ କରିଛନ୍ତି ବୋଲି ପଚାରିଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ରାଜନୈତିକ ଦଳଙ୍କ ନିଷ୍କ୍ରିୟତା ବିଚଳିତ କରିଦେଉଛି। ରାଜ୍ୟର ୧୨ ଦଳଙ୍କ ମଧ୍ୟରୁ ମାତ୍ର ତିନୋଟି କୋର୍ଟକୁ ଆସିଛନ୍ତି। ଦଳଗୁଡ଼ିକର ୧.୬ ଲକ୍ଷ ବୁଥ ସ୍ତରୀୟ ଏଜେଣ୍ଟ (ବିଏଲଏ) ହେବା ସତ୍ତ୍ୱେ କେବଳ ଦୁଇଟି ଆପତ୍ତି ଆସିଥିବା ନେଇ କୋର୍ଟ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଏତେ ବିଏଲଏ ନିଯୁକ୍ତି ସତ୍ତ୍ୱେ ସାଧାରଣ ନାଗରିକ ଏବଂ ରାଜନୈତିକ କର୍ମୀଙ୍କ ମଧ୍ୟରେ ଏତେ ଦୂରତା କାହିଁକି? ଲୋକଙ୍କୁ ସହାୟତା ପାଇଁ ଦଳଗୁଡିକ ଆଗକୁ ଆସିବା ଦରକାର ବୋଲି କୋର୍ଟ କହିଛନ୍ତି। ଶୁଣାଣି ସମୟରେ କୋର୍ଟ ଇସିଙ୍କୁ ଅନେକ ପ୍ରଶ୍ନ ପଚାରିଥିଲେ। ରାଜ୍ୟର ୧୨ ମାନ୍ୟତା ପ୍ରାପ୍ତ ଦଳଙ୍କୁ ପକ୍ଷଭୂକ୍ତ କରିବାକୁ କହିଥିଲେ। ନାମ ହଟିଥିବା ଭୋଟରଙ୍କ ଆବେଦନ ଜମା କରିବା ପାଇଁ ବିଏଲଏଙ୍କୁ ରସିଦ ଦେବାକୁ କହିଥିଲେ।

## ନବୀନ ନିବାସରେ...

ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିବା ସୂଚନା ମିଳିଛି। ଗତ ଜୁନ୍ ମାସରେ ସର୍ଭିକାଲ ଆର୍ଥ୍ରାଇଟିସ ଅସ୍ତ୍ରୋପଚାର ପାଇଁ ନବୀନ ମୁମ୍ବାଇର କୋକିଳାବେନ୍ ହସପିଟାଲରେ ଭର୍ତ୍ତି ହୋଇଥିବାବେଳେ ପ୍ରେମ ପଟ୍ଟନାୟକ ମଧ୍ୟ ସେଠାରେ ପହଞ୍ଚିଥିଲେ ଓ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ନବୀନଙ୍କ ଚିକିତ୍ସା ପରେ ପ୍ରେମ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜାରି କରି ରାଜ୍ୟବାସୀଙ୍କୁ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ କରାଇବା ସହିତ ନବୀନଙ୍କ ପ୍ରତି ରାଜ୍ୟବାସୀ ପ୍ରକଟ କରିଥିବା ଶ୍ରଦ୍ଧା ଓ ପ୍ରାର୍ଥନା ପାଇଁ ସେ କୃତଜ୍ଞତା ଜଣାଇଥିଲେ। ଏବେ ଡ଼ିହାଇଡ୍ରେସନ ଜନିତ ଅସୁସ୍ଥତା ଖବର ପାଇ ପ୍ରେମ୍ ପଟ୍ଟନାୟକ ସାନଭାଇ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବାକୁ ଆସିଥିବା କୁହାଯାଉଛି।

ସୁସ୍ଥ ହେବା ପରେ ନବୀନ ବର୍ତ୍ତମାନ ନବୀନ ନିବାସରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଅଛନ୍ତି। ସେ ଡ଼ାକ୍ତରଖାନାରେ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ୍‌ଗେ ଓ ବହୁ ବରିଷ୍ଠ ନେତାମାନେ ନବୀନଙ୍କ ସହ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

## ୫ ବର୍ଷରେ...

ଲୋକସେବା ଭବନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି ସଡ଼କ ଓ ସେତୁ ନିର୍ମାଣ ଜରିଆରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା ସଂଯୋଗୀକରଣ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାସ୍ତା ଓ ସେତୁ ଗୁଡ଼ିକର ଗୁଣବତ୍ତା ସହିତ ଏହାର ରକ୍ଷଣାବେକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିମ୍ନମାନର କାମ କରୁଥିବା କଣ୍ଟ୍ରାକ୍ଟର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗକୁ ନିର୍ଦ୍ଦେଶ ଦେବା ସହ ପାହାଡ଼ିଆ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ ଲୋକଙ୍କ ଗମନାଗମନ ପାଇଁ ଉତ୍ତମମାନର ରାସ୍ତା ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଥିବା କଣ୍ଟ୍ରାକ୍ଟରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକର ଆଲୋଚନାରୁ ଜଣାପଡିଛି ଯେ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅଦ୍ୟାବଧି ଅନୁମୋଦନ ପ୍ରାପ୍ତ ୭୩,୯୮୪.୮୮ କିଲୋମିଟର ରାସ୍ତା ମଧ୍ୟରୁ ୭୦,୭୧୧.୨୪ କିଲୋମିଟର ରାସ୍ତା ନିର୍ମାଣ କରି ଓଡ଼ିଶା ଭାରତ ବର୍ଷରେ ଚତୁର୍ଥ ସ୍ଥାନ ହାସଲ କରିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ଆଦିବାସୀ ଅଧ୍ୟୁସିତ ଅଞ୍ଚଳ, ଆକାଂକ୍ଷୀ ବ୍ଲକ, ନକ୍ସଲ ପ୍ରଭାବିତ ଅଞ୍ଚଳମାନଙ୍କରେ ସଡ଼କ ଓ ସେତୁ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ୧,୦୨୧ଟି ଯୋଗାଯୋଗବିହୀନ ଜନବସତି ପାଇଁ ୯୪୨ଟି ସଡ଼କ ଓ ୮ଟି ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି।

ସେହିଭଳି ୧୦୦ରୁ ଅଧିକ ପିଭିଟିଜି ବର୍ଗର ଜନବସତିଗୁଡ଼ିକର ସଂଯୋଗିକରଣ ପାଇଁ 'ପିଏମ୍ ଜନ ମନ ଯୋଜନା'ରେ ୭୩ଟି ଗ୍ରାମରେ ୬୬ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪୫୦୦.୩୦ କିଲୋମିଟର ରାସ୍ତା ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୪୬୯.୯୪ କୋଟି ଟଙ୍କା ବ୍ୟୟବରାଦରେ ୫୦୦୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି। ସେତୁବନ୍ଧନ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮୬ଟି ସେତୁ ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୦୦ଟି ସେତୁ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିସହିତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ଯଥା-ଛାତ୍ରାବାସ, ମହାବିଦ୍ୟାଳୟଗୃହ ନିର୍ମାଣ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ, ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ, କଲ୍ୟାଣ ମଣ୍ଡପ ଇତ୍ୟାଦି ନିର୍ମାଣ କାର୍ଯ୍ୟ ମଧ୍ୟ ଜାରିରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୪୫୧ଟି ବିଭିନ୍ନ କୋଠାବାଡି ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୨୨୯ ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି।

## ସରକାରଙ୍କ ଗଳାରେ...

ଅନେକବାର ବନ୍ଦ, ଆନ୍ଦୋଳନ ପରେ ତତ୍‌କାଳୀନ ରାଜ୍ୟ ସରକାର ସେମାନଙ୍କ ଦାବି ଶୁଣି ଏନ୍‌ଏସି ଘୋଷଣା କରିଥିଲେ। ଏହାପରେ ସମ୍ପୃକ୍ତ ଅଞ୍ଚଳବାସୀ ତତ୍‌କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ମଧ୍ୟ ଜଣାଇଥିଲେ। ହେଲେ ଏନ୍‌ଏସି ଖୁସି ଏବେ ମିଳାଇଯିବା ପରେ ପୁଣିଥରେ ସେମାନେ ଆନ୍ଦୋଳକୁ ଓହ୍ଲାଇଛନ୍ତି। କେବଳ ସେତିକି ନୁହେଁ ରାଜ୍ୟର ବର୍ତ୍ତମାନ ଯେଉଁ ଏନ୍‌ଏସି ରହିଛି, ସେଥି ମଧ୍ୟରୁ ୫ ଟି ଏନ୍‌ଏସିକୁ ମ୍ୟୁନସିପାଲଟିକୁ ଉନ୍ନୀତ କରାଯିବା ନେଇ ନବୀନ କରିଥିବା ଘୋଷଣା ଏବେ ବି କାର୍ଯ୍ୟକାରୀ ହୋଇ ନାହିଁ।

ସମ୍ପ୍ରତି ଯେଉଁ ଆନ୍ଦୋଳନ ଦାନା ବାନ୍ଧୁଛି, ତାକୁ ଦଳମତ ନିର୍ବିଶେଷରେ ସହଯୋଗ ମିଳୁଛି। ଅନେକ ସଂଗଠନ ଏହି ଦାବିରେ ସାମିଲ ହେଉଛନ୍ତି। ତେଣୁ ସରକାରଙ୍କ ପାଇଁ ଆଗକୁ ଏହା ଅଡୁଆ ସ୍ଥିତି ସୃଷ୍ଟି କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଆଜି ଜୟପାଟଣାରେ ବନ୍ଦ ଡାକରାକୁ ବିଭିନ୍ନ ମହଲରୁ ସମର୍ଥନ ମିଳିଛି। ବିଜୁ ଜନତା ଦଳ ତରଫରୁ ଧାରଣା ପ୍ରଦର୍ଶନ କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୟପାଟଣାକୁ ଏନ୍‌ଏସି ଘୋଷଣା କହିଥିଲେ। ହେଲେ ଡବଲ ଇଞ୍ଜିନ ସରକାର ତାକୁ ଅଣଦେଖା କରିଛନ୍ତି। ତେଣୁ ଏଠାରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନଗୁଡ଼ିକ ସହ ଅଖ ଚକ ବନ୍ଦ ରହିଛି। ଦୋକାନ ବଜାର ବନ୍ଦ କରି ଏହାକୁ ବଣିକ ସଂଘ ମଧ୍ୟ ସମର୍ଥନ ଜଣାଇଛି। ସେହିପରି ବେଗୁନିଆରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ବିଭିନ୍ନ ସଙ୍ଗଠନ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ଏଠାରେ ବନ୍ଦ ରହିଛି। ଗତ ବିଜେଡି ସରକାର ଅମଳରେ ବେଗୁନିଆକୁ ଏନଏସି ମାନ୍ୟତା ମିଳିଥିଲା। ବର୍ତ୍ତମାନ ବିଜେପି ସରକାର ରାଜନୈତିକ ଅଭିସନ୍ଧି ରଖି ଏହାକୁ କାଟି ଦେଇଛନ୍ତି ବୋଲି ଅଭିଯୋଗ ହୋଇଛି। ଚଣ୍ଡିଖୋଲକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବି କରି ଚଣ୍ଡିଖୋଲ ଛକରେ ବଡ଼ଚଣା ବିଜେଡି ପକ୍ଷରୁ ଗଣଧାରଣା ଦିଆଯାଇଛି।


**PRAKASH CHANDRA MAHAPATRA HIGHER SECONDARY SCHOOL**
SURADA-761108, GANJAM, ODISHA

**JOB RECRUITMENT**

Applications from desirous candidates with full Bio-Data and Xerox copies of certificates, having requisite qualification for the following posts with a Bank Draft of Rs. 200/- (Two Hundred only) in favour of Principal, PCM Women's H.S School, Surada (GM.) Payable at SBI, Surada. From 25.08.2025 to 01.09.2025 through Speed Post/Regd. Post / By Hand to office address. This post is purely contractual in nature and age must be as per govt. rule.

**1. Lecturer in Odia (One Post) -** (Having minimum qualification 55% at PG level).

**N.B – Shortlisted candidates will call for interview on Dtd. 03.09.2025**

Sd/- Principal Cum Secretary
PCM W.H.S.S Surada Gm.

C-953
Phone: 0674 - 2431253
Fax : 0674 – 2432895
E_mail : info@bmc.gov.in
Web : bmc.gov.in

**BHUBANESWAR MUNICIPAL CORPORATION**
No. 41548/Date 21.08.2025

ଭୁବନେଶ୍ୱର ମହାନଗର ନିଗମର ପକ୍ଷରୁ ସାଧାରଣ ସୂଚନା

ଭୁବନେଶ୍ୱର ମହାନଗର ନିଗମ ତରଫରୁ ଏତଦ ଦ୍ୱାରା ଜଣାଇ ଦିଆ ଯାଉଛି ଯେ; ଇଚ୍ଛୁକ ସ୍ୱୟଂସହାୟକ ଗୋଷ୍ଠୀ (SHG), ରେସିଡେଣ୍ଟ ୱେଲଫେଆର ଆସୋସିଏସନ୍ (RWA) ଓ ବେସରକାରି ସେବା ସଂସ୍ଥା (NGO) ମାନେ ଭୁବନେଶ୍ୱର ମହାନଗର ନିଗମର ପରିବେଶ ବିଭାଗରୁ ବିନା ମୂଲ୍ୟରେ ଚାରା ସଂଗ୍ରହ କରିବା ସହ ଖାଲି ଥିବା ଉପଯୁକ୍ତ ସ୍ଥାନରେ ବୃକ୍ଷ ରୋପଣ କରି ଏହାର ଯଥାର୍ଥ ରକ୍ଷଣାବେକ୍ଷଣ କରିବା ପାଇଁ ନିବେଦନ କରାଗଲା। ଏହି ପଦକ୍ଷେପରେ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହିତ, ସହରବାସୀଙ୍କ ଦୈନନ୍ଦିନ ଜୀବନରେ ମଧ ହିତକର ପରିବେଶ ସୃଷ୍ଟି ହେବ। ଏହା ସହରରେ ପ୍ରଦୂଷଣ ନିୟନ୍ତ୍ରଣ ଓ ସ୍ୱଚ୍ଛ-ସୁସ୍ଥ ପରିବେଶ ସୃଷ୍ଟିରେ ସହାୟକ ହେବ। ତେଣୁ ସମସ୍ତଙ୍କୁ ଏହି ଉଦ୍ୟମରେ ସକ୍ରିୟ ଭାଗ ନେବାକୁ ଓ ବୃକ୍ଷ ରୋପଣ ସହ ତାହାର ରକ୍ଷଣାବେକ୍ଷଣରେ ଆଗକୁ ଆସିବାକୁ ଆହ୍ୱାନ କରାଯାଉଅଛି।

ଉପ ଆୟୁକ୍ତ (ପରିବେଶ)
ଭୁବନେଶ୍ୱର ମହାନଗର ନିଗମ

OIPR-13002/11/0243/2526

**OFFICE OF THE ROURKELA MUNICIPAL CORPORATION: ROURKELA**
**INVITATION FOR BID** C-951
No. 10222 Dated 21/08/2025
Bid Identification No.: MC/RMC/33/2025

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/33/2025 for 15 nos. Civil work with value of Rs. 2.49 lakh to 42.72 lakh.

1. Bid documents will be available in website www.tendersorissa.gov.in from 22.08.2025.
2. Bids must be submitted on "online" on or before 06.09.2025 by 17.00 hours.
3. Bids shall be opened at 11.00 hours on 08.09.2025 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**

OIPR-13131/11/0162/2526
Municipal Commissioner,
Rourkela Municipal Corporation

**AFFIDAVIT**

By virtue of an affidavit no-1124 dtd 19.08.2025 sworn before The Executive Magistrate, Bolgarh, I, Kailash Chandra Maharana, S/o-Trinath Maharana, R/O At- Dalai Sahi, Post- Manikagoda, P.S.-Bolgarh, Dist- Khordha, PIN-752066, Odisha, declare that I have changed my name from Kailas Moharana to Kailash Chandra Maharana. Henceforth, I shall be known as **Kailash Chandra Maharana** for all purposes.

**AFFIDAVIT**

By virtue of an affidavit sworn before Notary Public Titilagarh, dated 14.08.2025 I, Sabita Bhue , Address At/Po-Bagmunda, Ps- Larambha, Dist- Balangir, Odisha, Pin-767025 declare that I have changed my name from Sabita Nag to Sabita Bhue. Henceforth, I shall be known as Sabita Bhue for all purposes.
**Sabita Bhue**

**AFFIDAVIT**

By virtue of an Affidavit before Notary Public, Malkangiri, I, **Mudha Kabasi,** aged about 70 years, S/o.: Late Deba Kabasi, resident of Village: Rauliguda, PO.: Tamasa, P.S./Dist.: Malkangiri, Odisha, declare by this Affidavit No.: 1314/2025, Dated:21/08/2025 that I have changed my name from Kabasi Muda to **Mudha Kabasi**. Henceforth I shall be known as "**Mudha Kabasi**" for all future purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.: ELOP-T-10-2025

**କାର୍ଯ୍ୟର ନାମ :** ପାଞ୍ଚ ବର୍ଷ ଅବଧି ନିମନ୍ତେ MEMU କାର୍ ସେଡ୍, ଖୋର୍ଦ୍ଧା ରୋଡ଼ ଠାରେ HYT/ପୁନେ ନିର୍ମିତ CNC ଅଣ୍ଡର ଫ୍ଲୋର ପିଟ୍ ହ୍ୱିଲ୍ ଲେଦ୍ (Lathe) ମେସିନ୍‌ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

**ବିଜ୍ଞାପିତ ମୂଲ୍ୟ :** ₹ 1,35,70,178/-, EMD : ₹ 2,17,900/-, ଟେଣ୍ଡର ନଥିପତ୍ର ମୂଲ୍ୟ : ₹ 5,900/-, ଶେଷ ହେବା ଅବଧି : 60 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.25.08.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.09.2025ରିଖ 1600 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ **www.ireps.gov.in**ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ୍
PR-504/Q/25-26

**AFFIDAVIT**

By virtue of an affidavit before The Notary Public, Titilagarh, on dated- 19/08/2025. I, **Kamadhari Bagartti** (new name) formerly called as **Kanadhari Bagartti** (old name), S/o Bhagaban Bagartti, Permanent resident of At- Naren, P.O. Naren, P.S. Titilagarh, Dist- Balangir (Odisha), PIN- 767066 now residing at the same place affirm that I have changed my name from **Kanadhari Bagartti** (old name) to **Kamadhari Bagartti** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Kamadhari Bagartti** (new name).
**Kamadhari Bagartti**

**AFFIDAVIT**

By virtue of an affidavit before The Notary Public, Titilagarh, on dated- 18/08/2025. I, **Keshab Ratei** (Applicant name), S/O- Jogi Ratei, Permanent resident of At- Burdipada (Bandupala), P.O. Desil, P.S. Titilagarh, Dist- Balangir, (Odisha), PIN- 767033, now residing at the same place affirm that I have changed my minor daughter's name from **Ispari Ratei** (old name) to **Iswari Ratei** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Iswari Ratei** (new name).
**Keshab Ratei**

**AFFIDAVIT**

I, SK Muktar Ali, aged about 58 years, S/o- Shaikh Khurshid Ali, resident of At- Biritol, PO-Rasulpur, Dist-Jagatsinghpur, PIN-754104, Odisha declared by this affidavit No. 1672, dtd- 19/08/2025 that now onwards I shall be known as **SHAIKH MUKHTAR ALI** for all future purposes.

**AFFIDAVIT**

I, Subhashree Nayak, aged about 32 years, W/o- Dilip Kumar Nayak, resident of At- Rout Sahi, PO-Budheswar Colony, PS-Laxmisagar, Bhubaneswar, Dist-Khurda, PIN- 751006, Odisha declared by this affidavit No. 1671, dtd-19/08/2025 that now onwards I shall be known as **SUBHASHREE MOHANTY** for all future purposes.

**AFFIDAVIT**

By virtue of an affidavit (CF No. 05) sworn before The Notary Public, Padampur, on dated-18/08/2025. I, **Tejash Sahu,** S/o- Dillip Sahu, permanent & current resident of At-Padampur (Bijayanagar), PO-Rajborasambar, PS- Padampur, DIst- Bargarh, PIN- 768036, Odisha declare that I have changed my name from **Sonu Sahu** (old name) to **Tejash Sahu** (new name). Henceforth, I shall be known as **Tejash Sahu** (new name) for all future purposes.
**Tejash Sahu**

**AFFIDAVIT**

By virtue of an affidavit (CF No. 01) sworn before The Executive Magistrate, Padampur, on dated-22/08/2025. I, **Tapa Barik,** W/o- Ballabh Barik, permanent & current resident of At-Ghesara, PO- Saplahar, PS-Jagadalpur, Dist- Bargarh, PIN-768036, Odisha declare that I have changed my name from **Ballav Barik** (old name) to **Tapa Barik** (new name). Henceforth, I shall be known as **Tapa Barik** (new name) for all future purposes.
**Tapa Barik**

**AFFIDAVIT**

I, Alok Kumar Pachisia, S/o-Bal Krishna Pachisia, At-Godavari enclave, Biju Patnaik Chhak, Opposite Sarala Bhawan, PO -Tulasipur, Dist -Cuttack, Pin - 753008, Odisha, declare by this affidavit No -7322, dated- 20.02.2016, that now onwards I shall be known as **ALOK PACHISIA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on dtd-20/08/2025, affidavit No-11. My name and address is **Manoj Das** (Age 36 year), S/o-Tukuna Das, resident of At/Po: Gopalpur, Ps: Bhadreswar, Dist: Cuttack, Odisha the same name and adress is recorded in my Aadhar Card & Central Bank of India passbook A/c No: 3526613204 but my name and adress has been wrongly recorded as **Manoj Kumar Das**, At-Gangarampur, Po-Gunupur via-Jaria, Ps-Pattamundai, Dist-Kendrapada in my Postal SB Passbook A/c No: 6274871229. I declare that my self **Manoj Das,** At/Po-Gopalpur, PS-Bhadreswar, Dist-Cuttack and **Manoj Kumar Das,** At-Gangarampur, Po-Gunupur, Ps-Pattamundai, Dist-Kendrapada is one and same person for all purposes.

# ଜଣେ ଶିକ୍ଷୟିତ୍ରୀଙ୍କୁ ୫ଟି ଶ୍ରେଣୀ; ଧାରଣାରେ ବସିଲେ ଛାତ୍ରଛାତ୍ରୀ




କେନ୍ଦୁଝର,୨୨।୮ (ସମିସ): ଜଣେ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱରେ ବାଲ୍ ବାଟିକାଠାରୁ ପ୍ରାଥମିକ ବିଦ୍ୟାଳୟର ପାଞ୍ଚଶ୍ରେଣୀ ଦାୟିତ୍ୱ ଥିବାରୁ ପିଲାମାନଙ୍କ ପାଠପଢା ବାଧାପ୍ରାପ୍ତ ହୋଇଛି । ଫଳରେ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଦାବାଙ୍କ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଶୁକ୍ରବାର ଦିନ ୧୦ଟାବେଳେ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଧାରଣାରେ ବସିଥିଲେ । ଏହି ବିଦ୍ୟାଳୟ ୨୦୦୦ରୁ ସ୍ଥାପିତ ହୋଇଥିବାବେଳେ ସ୍ମିତାରାଣୀ କର ଓ ସରିତା ଦେହୁରୀ ଦୁଇଜଣ ଶିକ୍ଷୟିତ୍ରୀ ନିଯୁକ୍ତ ଥିଲେ । କିଛିମାସ ହେଲା ସରିତା ଦେହୁରୀଙ୍କ ଅନ୍ୟତ୍ର ବଦଳି ହେବାପରେ ଏବେ ସ୍ମିତାରାଣୀ କର ବାଲବାଟିକାଠାରୁ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୩୧ ଜଣ ପିଲାଙ୍କୁ ପାଠପଢାଇବାକୁ ନାକେଦମ୍ ହେଉଛନ୍ତି । ଏହାର ପ୍ରତିବାଦରେ ଧାରଣାର ଖବର ପାଇ ସଦର ବ୍ଲକ ସହକାରୀ ଶିକ୍ଷାଧିକାରୀ ମାନସ ରଞ୍ଜନ ମିଶ୍ର, ତରଣୀସେନ ମୁଣ୍ଡା, ସିଆରସିସି ଜନ୍ମେଜୟ ସାହୁ ପ୍ରମୁଖ ପହଞ୍ଚି ଅଭିଭାବକଙ୍କ ସହିତ ଆଲୋଚନା କରି ୭ ଦିନ ମଧ୍ୟରେ ଜଣେ ଶିକ୍ଷକ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା । ତୁରନ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦିଆଯିବାକୁ ନାରଣ ନାଏକ, ଅଭି ନାଏକ, ସଞ୍ଜନା ନାଏକ, ଇତିଶ୍ରୀ ନାଏକ, କୁନା ନାଏକ, ବାବୁଲୁ ମୁଣ୍ଡା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି ।

## ଦୁଇ ଗାଡ଼ି ଅଟକ; ପୁଲିସ ଓ ଖଣି ବିଭାଗର ଖୋଳତାଡ଼

ଯୋଡ଼ା,୨୨।୮ (ସମିସ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଠାକୁରାଣୀସ୍ଥିତ ଏକ ବୃହତ୍ ଖଣି କମ୍ପାନୀରୁ ଲୁହାପଥର ପରିବହନ ବେଳେ ଗ୍ରେଡ ହେରଫେର ସନ୍ଦେହରେ ଦୁଇଟି ଗାଡ଼ିକୁ ବଡ଼ବିଲ ପୁଲିସ ଅଟକ ରଖିଛି । ଖଣି ବିଭାଗ ସହ ମିଳିତ ଭାବେ ଏହି ଘଟଣାର ଯାଞ୍ଚ ଆରମ୍ଭ ହୋଇଥିବା ବରିଷ୍ଠ ଖଣି ଅଧିକାରୀ ଦୀପକ ଧୁରୁଆ କହିଛନ୍ତି । ସୂଚନା ମୁତାବକ, ଗୁରୁବାର ରାତିରେ ଉକ୍ତ ଦୁଇଟି ଗାଡ଼ି ଖଣିରୁ ଲୁହାପଥର ବୋଝେଇ କରି ଗନ୍ତବ୍ୟସ୍ଥଳକୁ ଯାଉଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବଡ଼ବିଲ ପୁଲିସ ଓ ଯୋଡା ଖଣି ବିଭାଗ ଗାଡ଼ି ଦୁଇଟିକୁ ଅଟକ ରଖିଥିଲେ । ଯୋଡା ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ଉଭୟ ଗାଡ଼ିରେ ଥିବା ଲୁହାପଥରର ନମୁନା ପରିବହନ ଅନୁମୋଦିତ ନମୁନା ସହ ମେଳ ପାଇଁ ପୁନଃ ଡେପୁଟି ଡାଇରେକ୍ଟର କେମିକାଲ ଅନାଲିସିସ୍ (ଡିଡିସିଏ)କୁ ପଠାଯାଇଥିବା ଧୁରୁଆ ସୂଚନା ଦେଇଛନ୍ତି । ଏହି ଯାଞ୍ଚ ପ୍ରକ୍ରିୟା ଗୁରୁବାର ରାତିରୁ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ସକାଳେ ଖଣି ବିଭାଗର ଏକ ଟିମ୍ ଷ୍ଟକ୍ ଭେରିଫିକେସନ ପାଇଁ ଠାକୁରାଣୀସ୍ଥିତ ଖଣିକୁ ଯାଇଛି । ପରିବହନ ଅନୁମୋଦନ ପାଇଁ ଷ୍ଟକ୍‌ର ନମୁନା କେତେ ଥିଲା ଏବଂ ପରିବହନ ହେଉଥିବା ଦୁଇଟି ଟ୍ରକ୍‌ରେ କେଉଁ ମାନର ଖଣିଜ ପରିବହନ ହେଉଥିଲା, ଏହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ ବର୍ତ୍ତମାନ ଖଣି ବିଭାଗ ଆରମ୍ଭ କରିଥିବା ଖଣି ଅଧିକାରୀ ଧୁରୁଆ ସୂଚନା ଦେଇଛନ୍ତି । ଧୁରୁଆ କହିଛନ୍ତି ଯେ ଖଣି ବିଭାଗର ଡିଡିସିଏ ଏହାର ଯାଞ୍ଚ କରିବା ପରେ ପରିବହନ ହେଉଥିବା ଗାଡ଼ିଗୁଡିକରେ ଥିବା ଲୁହାପଥରର ମାନ ଜଣାପଡ଼ିଯିବ । ଏଥିରେ ଅନିୟମିତତା ଥିଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### ଆତଙ୍କ ଖେଳାଇଛନ୍ତି ହାତୀପଲ

## ସ୍କୁଲ ଗେଟ୍ ଭାଙ୍ଗି ଖାଇଲେ ଏମ୍‌ଡିଏମ୍ ସାମଗ୍ରୀ

- ପୁଣି ଭାଙ୍ଗିଲେ ୬ ଘର
- ଜଣେ ମୃତ, ଜଣେ ବର୍ତ୍ତିଲେ

ତୁରୁମୁଙ୍ଗା, ୨୨।୮ (ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ନିଉଣ୍ଡି ରଧାମାଧବ ଉଚ୍ଚବିଦ୍ୟାଳୟର ଷ୍ଟୋର ରୁମ କବାଟ ଭାଙ୍ଗି ମଧ୍ୟାହ୍ନ ଭୋଜନ ଚାଉଳ, ଡାଲି ଓ ପନିପରିବା ଖାଇ ନଷ୍ଟ କରିଦେଇଛି ଦନ୍ତା । ଏଥିସହ କମଣ୍ଡ ଏବଂ ଜାଲି ଗ୍ରାମରେ ଆତଙ୍କ ଖେଳାଇ ୬ଟି ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛି । ସେହିପରି ୩୦ ଟିକିଆ ହାତୀପଲ ଜ୍ୟୋତିପୁର ବିଟ୍ ଅନ୍ତର୍ଗତ ନିଉଣ୍ଡି କମଣ୍ଡ, ଭୂଇଁପୁର ଜାଲି ଆଦି ଗ୍ରାମରେ ଆତଙ୍କ ଖେଳାଇଛନ୍ତି । ଚମ୍ପୁଆ ରେଞ୍ଜରେ ହାତୀପଲଙ୍କ ଉପଦ୍ରବ ଥମିବାରେ ନାଁ ନେଉ ନଥିବା ବେଳେ ଲୋକେ ଆତଙ୍କିତ ଅବସ୍ଥାରେ ରାତି ଅନିଦ୍ରା ହୋଇ ରହୁଛନ୍ତି । ହାତୀପଲ ଅଞ୍ଚଳରେ ଏକର ଏକର ଧାନ ଫସଲକୁ ପାଦରେ ଦଳି ଚକଟି ନଷ୍ଟ କରିଦେଇଛନ୍ତି । ସୂଚନା ଅନୁସାରେ, ଭୂଇଁପୁର-କମଣ୍ଡ ଗାଁ ସୀମାରେ ଜଣେ ଯୁବକ ତୁରୁମୁଙ୍ଗା ଥାନା ରମ୍ଭୁ ମହାନ୍ତ (୨୨)ଙ୍କୁ ହାତୀ ଦଳି ଦେଇଛି । ତାଙ୍କ ମୃତଦେହକୁ ବନ ବିଭାଗ ଉଦ୍ଧାର କରି ଚମ୍ପୁଆ ଉପଖଣ୍ଡ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ଅପରପକ୍ଷରେ, ଜାଲି ଗ୍ରାମର ସୁବାସ ନାୟକ ଘର ବାହାରେ ଶୋଇଥିବା ସମୟରେ ଉପସ୍ଥିତ ବୁଦ୍ଧି ଯୋଗୁଁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ତାଙ୍କୁ ଦନ୍ତା ହାତୀଟି ଖଟ ସହ ଦୁଇ ଦାନ୍ତରେ ଚାପି ରଖିଥିବା ବେଳେ ସେ ନିଜ ଉପସ୍ଥିତ ବୁଦ୍ଧି ଖଟାଇ ଏକ ଟର୍ଚ୍ଚରେ ହାତୀର ମୁଣ୍ଡକୁ ବାଡେଇବାରୁ ହାତୀ ସେଠାରୁ





ଚାଲି ଯାଇଥିଲା । ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚି ଯାଇଛନ୍ତି ସୁବାସ । ଏହି ଦନ୍ତାଟି ଗୋଠଛଡ଼ା ହୋଇ ରାତି ହେଲେ କେବଳ ଘର ଉପରକୁ ଆକ୍ରମଣ କରୁଥିବାରୁ ବନ ବିଭାଗ ଚିନ୍ତାରେ ପଡିଯାଇଛି । ହାତୀକୁ ଟ୍ରାନକୁଲାଇଜ୍ କରି ଅନ୍ୟତ୍ର ନେଇ ଛାଡିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ ହାତୀପଲ ଜାଲି ଗାଁ ନିକଟରେ ଜଙ୍ଗଲରେ ଡେରା ପକାଇଛନ୍ତି । ହାତୀପଲଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିଛି ।

## ଚୋରା ମହୁଲି କାରବାର; ମହିଳା ଗିରଫ

ରାମଚନ୍ଦ୍ରପୁର,୨୨।୮ (ସମିସ): ରାମଚନ୍ଦ୍ରପୁର ଥାନା ଶାଳଦେଇ ନପଙ୍ଗାରୁ ଜଣେ ପେସାଦାର ମହିଳା ମଦ ବେପାରୀକୁ ଗିରଫ କରିଛି ପୁଲିସ । ନପଙ୍ଗା ଗ୍ରାମର ଲକ୍ଷ୍ମୀଧର ଦଳେଇଙ୍କ ପତ୍ନୀ ରାଧାରାଣୀ ନିଜ ଘର ନିକଟ ଏକ କ୍ୟାବିନରେ ଚୋରା ମହୁଲି ମଦ ବିକ୍ରି କରୁଥିବା ସମୟରେ ହଠାତ ପୁଲିସ ସେଠାରେ ତାକୁ କାବୁ କରିବା ସହ ୧୦ ଲିଟର ମହୁଲି ମଦ ଜବଦ କରିଥିଲା । ଏକ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

## ଘସିପୁରା ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା

ଆନନ୍ଦପୁର, ୨୨।୮ (ସମିସ): ଘସିପୁରା ସାର୍ବଜନୀନ ଗଣେଶ ପୂଜା କମିଟି ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି କେନ୍ଦୁଝର ଜିଲ୍ଲା ତଥା ଆନନ୍ଦପୁର ଉପଖଣ୍ଡରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଅନୁରୋଧ କରାଯାଇଥିଲା । ପୋସ୍କୋ ଷ୍ଟିଲ୍ ପ୍ଲାଣ୍ଟ କେନ୍ଦୁଝର ଜିଲ୍ଲାରେ ନୂତନ ଭାବେ ଆରମ୍ଭ ହେବା ପରିପ୍ରେକ୍ଷୀରେ ଯୁବକ ସଂଘ ସଭାପତି ଆଶିଷ ବେହେରା, ସାର୍ବଜନୀନ ଗଣେଶ ପୂଜା କମିଟି ସଭାପତି ପୌଲସ୍ତ ସାହୁ, ସମ୍ପାଦକ ମଙ୍ଗଳ ନାୟକ, ଉପସଭାପତି ଦେବେନ୍ଦ୍ର ବେହେରା, ପଙ୍କଜ ସାହୁ ଭେଟି କୃତଜ୍ଞତା ଜଣାଇବା ସହ ତାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରିଥିଲେ ।

## ଘରୁ ବାଇକ୍ ଚୋରି

ତୁରୁମୁଙ୍ଗା, ୨୨।୮ (ସମିସ): ତୁରୁମୁଙ୍ଗା ଥାନା ଝାରବେଡା ଗ୍ରାମର ଅପୁନ ବେହେରାଙ୍କ କଳା ରଙ୍ଗର ପଲସର ବାଇକଟି ଘର ଭିତରୁ ଗୁରୁବାର ରାତି କେହି ଦୁର୍ବୃତ୍ତ ଚୋରି କରିନେଇଥିବା ନେଇ ଅଭିଯୋଗ ହୋଇଛି । ପୁଲିସ ଏକ ମାମଲା ରୁଜୁ କରି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ ମଧ୍ୟ ଲୁଟେରାଙ୍କ ଟେର ପାଇ ପାରିନାହିଁ । ତୁରୁମୁଙ୍ଗା ଥାନାଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଥିବା ନେଇ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି ।

## ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ



କେନ୍ଦୁଝର,୨୨।୮ (ସମିସ): କେନ୍ଦୁଝର ଶୁଆକାଟିସ୍ଥିତ ପାଟେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅଧ୍ୟକ୍ଷ ରମାକାନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଯୁବରେଡକ୍ରସ ଓ ଏନ୍‌ଏସଏସ ଆନୁକୂଲ୍ୟରେ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅଧ୍ୟକ୍ଷ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଇକୋ କ୍ଲବରେ ପଞ୍ଜିକୃତ କରାଯାଇଛି । ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଶୁଆକାଟିର ସିଆରସିସି ରବିନ୍ଦ୍ର ନାୟକ ସହଯୋଗ କରୁଛନ୍ତି । ଯୁବରେଡ କ୍ରସ କାଉନସେଲର ଅଧ୍ୟାପକ ଆନନ୍ଦଚନ୍ଦ୍ର ନନ୍ଦ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ବିଭୂଦତ୍ତ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରୁଛନ୍ତି ।

## ମୁକ୍ତେଶ୍ୱର ମନ୍ଦିରରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର, ୨୨।୮ (ସମିସ): ଆନନ୍ଦପୁର ବ୍ଲକ୍ କାଠକଟା ପଞ୍ଚାୟତ ଟାଙ୍ଗର ଗ୍ରାମରେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ସାହୁଙ୍କ ସଂଯୋଜନାରେ ଗ୍ରାମର ମୁକ୍ତେଶ୍ୱର ମନ୍ଦିରରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶାଳବଣି କଲେଜର ପୂର୍ବତନ ଅଧ୍ୟକ୍ଷ ପଦ୍ମନାଭ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ସୁର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବ ଥିବା ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରିବେଶ ସୁରକ୍ଷା କ୍ଷେତ୍ରରେ ତରତରା ପଞ୍ଚାୟତ ଦୁଡୁଗାଁ ଗ୍ରାମର ନୃସିଂହ ପାଳ (୮୭), ଟାଙ୍ଗର ଗ୍ରାମର ଚିନ୍ତାମଣି ନାଏକ (୯୦), କଣ୍ଟିପାଳ ଗ୍ରାମର କ୍ଷୀରୋଦ ପ୍ରସାଦ ଷଡ଼ଙ୍ଗୀ, ଯୋଗିଆବନ୍ଧ ଗ୍ରାମର ସଞ୍ଜୟ କୁମାରୀ ଦେହୁରୀ, ମୋଚିନ୍ଦା ପଞ୍ଚାୟତ ଖଡ଼ିପାଳ ଗ୍ରାମର ବାମନ ଦେହୁରୀ, ରାଇପାଳ ଗ୍ରାମର ରାହାସ ବିହାରୀ ନାଏକ, ଟାଙ୍ଗର ଗ୍ରାମର ପୁଷ୍ପଲତା ସାହୁ, ସୁଦାମ ଚରଣ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅରବିନ୍ଦ ଉଚ୍ଚ ବିଦ୍ୟାଳୟ ଓ ନୋଡାଲ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ସାମିଲ ହୋଇଥିଲେ ।

## ଲଗାଣ ବର୍ଷାରେ କଂକ୍ରିଟ କାର୍ଯ୍ୟ



ଆନନ୍ଦପୁର, ୨୨।୮ ସମିସ): ଆଜକୁ ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁଁ ଆନନ୍ଦପୁରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ହେଲେ କୃଷିବିଭାଗରେ ଚାଲିଛି କଂକ୍ରିଟ ନିର୍ମାଣ କାର୍ଯ୍ୟ । ଖବର ପାଇ କେନ୍ଦୁଝର ସାଂସଦଙ୍କ ଘସିପୁରା ବ୍ଲକ ପ୍ରତିନିଧି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଲେ ଠିକାଦାର ବର୍ଷାରେ କଂକ୍ରିଟ କାର୍ଯ୍ୟ ବନ୍ଦ କରିବା ପରିବର୍ତ୍ତେ ଅତ୍ୟନ୍ତ ତରବରିଆ ଭାବେ କାର୍ଯ୍ୟକୁ ଶେଷ କରିଦେଇଛନ୍ତି । ଝୋ ଝୋ ବର୍ଷାରେ ଘସିପୁରା କୃଷିବିଭାଗ କାର୍ଯ୍ୟାଳୟ ଚତୁପାର୍ଶ୍ୱକୁ ତରବରିଆ ଭାବେ କଂକ୍ରିଟ କରାଯାଉଥିବା ଘଟଣାରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ବିଭାଗୀୟ ଅଧିକାରୀ ଓ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୋଣସି ଅସୁବିଧା ହେବନାହିଁ ବୋଲି କହି ଏହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ । ତେବେ ଏପରି କାର୍ଯ୍ୟର ସ୍ଥାୟିତ୍ୱ ନେଇ ଆଶଙ୍କା ପ୍ରକାଶ ପାଇଛି ।

## ଦାନ୍ତିଆ ଆଶ୍ରମ ବିଦ୍ୟାଳୟରେ ଏମ୍‌ଡିଏମ୍ ଅନିୟମିତତା



ରାମଚନ୍ଦ୍ରପୁର,୨୨।୮ (ସମିସ): ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତ ଦାନ୍ତିଆ ଆଶ୍ରମ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନରେ ବ୍ୟତିକ୍ରମ କରି ମାଧ୍ୟାହ୍ନ ଭୋଜନ ପାଇଁ ଅଧିକ ଟଙ୍କା ଉଠାଉଥିବା ନେଇ ବ୍ଲକ ଶିକ୍ଷାଧିକାରୀଙ୍କୁ ଅଭିଯୋଗପତ୍ର ଦେଇଛନ୍ତି ଗ୍ରାମବାସୀ । ପ୍ରତ୍ୟେକ ଦିନ ୧୫୦-୧୬୦ ପାଖାପାଖି ଛାତ୍ରଛାତ୍ରୀ ବିଦ୍ୟାଳୟ ଆସୁଥିବା ବେଳେ ୨୧୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଦର୍ଶାଇ ପ୍ରଧାନଶିକ୍ଷୟିତ୍ରୀ ଲିପସା ଜେନା ନୁଦାନ ହଡପ କରୁଥିବା ଦାନ୍ତିଆ ଗ୍ରାମର ଦୟାନିଧି ସ୍ୱାଇଁ, ରାଜେନ୍ଦ୍ର ସ୍ୱାଇଁ ସମେତ ଅନେକ ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅନ୍ୟପଟେ, ଶ୍ରୀମତି ଜେନା କହିଛନ୍ତି, ଏହି ଟଙ୍କାକୁ ହଡ଼ପ କରାଯାଉନାହିଁ; ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ଖର୍ଚ୍ଚ ହେଉଛି । ତେବେ, ଏମଡିଏମ ଅନୁଦାନରେ ଏଭଳି ଅନିୟମିତତାକୁ ନେଇ ଗ୍ରାମବାସୀ ନାପସନ୍ଦ କରିବା ସହ ପିଲାଙ୍କ ଉଦ୍ଦେଶ୍ୟରେ ଟଙ୍କାକୁ ଅନ୍ୟ ସ୍ଥାନରେ ବିନିଯୋଗ କରାଯାଉଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି । ଅଭିଯୋଗ ପାଇବା ପରେ ବ୍ଲକ ଶିକ୍ଷାଧିକାରୀ ଘଟଣାର ସତ୍ୟତା ପାଇଁ ତଦନ୍ତ ଆରମ୍ଭ କରିଥିବା ପ୍ରକାଶ କରିଛନ୍ତି । ଘଟଣାର ପ୍ରମାଣ ମିଳିଲେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଇଓ ସଦ୍ୟସ୍ନାନ ପଣ୍ଡା ପ୍ରକାଶ କରିଛନ୍ତି ।

## ଆନନ୍ଦପୁର ଔଷଧ ବ୍ୟବସାୟୀ ସଂଘର ନିର୍ବାଚନ



ଆନନ୍ଦପୁର, ୨୨।୮ (ସମିସ): ଆନନ୍ଦପୁର ଜୋନ୍ ଔଷଧ ବ୍ୟବସାୟୀ ସଂଘର ନିର୍ବାଚନ ଆଜି ଆନନ୍ଦପୁର କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଛି । ମୋଟ ୧୧ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ମଧ୍ୟରୁ ୬ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ୫ଟି ପଦରେ ନିର୍ବାଚନ ହୋଇଥିଲା । ଘସିପୁରା ଥାନାଞ୍ଚଳର ଅରୁଣ କୁମାର ଦାସ, ଦୀପ୍ତିକାନ୍ତ ମହାପାତ୍ର, ଚଞ୍ଚଳ ଗାଙ୍ଗୁଲି, ଦେବାନନ୍ଦ ଜେନା, ରାମଚନ୍ଦ୍ରପୁର ଥାନାଞ୍ଚଳରୁ ଅଶୋକ କୁମାର ଦାଶ ନିର୍ବାଚିତ ହୋଇଥିଲେ । ସେହିପରି ଆନନ୍ଦପୁର ଜୋନ୍ ସୋସୋ ଥାନାଞ୍ଚଳରୁ ରୁଦ୍ରପ୍ରସାଦ କର, ନନ୍ଦିପଦା ଥାନାଞ୍ଚଳରୁ ଦେବେନ୍ଦ୍ର କୁମାର ଜେନା, ଦିଲୀପ କୁମାର ଘୋଷ, ଆନନ୍ଦପୁର ଥାନା ଅଞ୍ଚଳରୁ ଜିତେନ୍ଦ୍ର କୁମାର ପଣ୍ଡା, ଯୁଧିଷ୍ଠିର ମିଶ୍ର, ଘଟଗାଁ ହରିଚନ୍ଦନପୁର ଥାନାଞ୍ଚଳରୁ ଜ୍ଞାନରଂଜନ ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳର ଔଷଧ ବ୍ୟବସାୟୀ ଏଥିରେ ଭାଗ ନେଇଥିଲେ । ମାରୁତି ପ୍ରସାଦ ପରିଡ଼ା, ଜିତେନ୍ଦ୍ର ପଣ୍ଡା, ପ୍ରକାଶ ମହାପାତ୍ର ନିର୍ବାଚନ ପରିଚାଳନା କରିଥିଲେ ।

## ବେଦପାଠ ଓ ଭଜନରେ ପ୍ରଭାକରଙ୍କୁ ଶ୍ରଦ୍ଧାଞ୍ଜଳି



ଆନନ୍ଦପୁର, ୨୨।୮ (ସମିସ): ଆନନ୍ଦପୁର କଲେଜ ରୋଡ ବାସିନ୍ଦା ତଥା ଶିକ୍ଷାବିତ ପ୍ରଭାକର ରାମଙ୍କ ଏକାଦଶାହ କ୍ରିୟା ଉପଲକ୍ଷେ ବେଦପାଠ ଶ୍ରଦ୍ଧାଞ୍ଜଳି ସଭା ଓ ଭକ୍ତି ସଂଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପରିବାର ପକ୍ଷରୁ ସତ୍ୟଶୋଭନ ରାମଙ୍କ ତତ୍ତ୍ୱାବଧାନରେ ବେଦପାଠ ଓ ଗୀତାପାଠ କରାଯାଇଥିଲା । ଶ୍ରଦ୍ଧାଞ୍ଜଳି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଶୁମନ ଅର୍ପଣ କରିଥିଲେ । ବରିଷ୍ଠ ନାଗରିକ ପରିଷଦ ସଭାପତି ରମାକାନ୍ତ ନାୟକ ସଂଯୋଜନା କରିଥିଲେ । ସାହିତ୍ୟିକ ରତ୍ନାକର ଦାସ ସଞ୍ଚାଳନ କରିଥିଲେ । ସଭାରେ ଡ କାମିନୀ କାଞ୍ଚନ ରାମ ବିନୋଦ ବିହାରୀ ମିଶ୍ର ନାରାୟଣ ରାମ ଭାଗିରଥି ଲାହା ମଦନ ପାଣି ଦେବେନ୍ଦ୍ର ରାମ ଯୋଗାଚାର୍ଯ୍ୟ ଅମର କୁମାର ମିଶ୍ର ଜ୍ୟୋତି ରଞ୍ଜନ ଜେନା ଆଇନଜୀବୀ ଚତୁର୍ଭୁଜ ଜେନା କବି ସରୋଜ ସାହୁ ଯୋଗ ଦେଇଥିଲେ । ପରେ ଭକ୍ତି ସଂଗୀତ ସମାରୋହରେ ଆନନ୍ଦପୁର ସଂଗୀତ କଳା ପରିଷଦର କଣ୍ଠଶିଳ୍ପୀ ମଦନ ପାଣି ଅମର ମିଶ୍ର ମାନସ ପାଢ଼ୀ ସୁଶ୍ରୀ ଅଭିଲିପସା ସୁଶ୍ରୀ ଶ୍ରେୟା ଯନ୍ତ୍ର ଶିଳ୍ପୀ ହରିହର ଜେନା ସୁବାଶିଷ ଶତପଥୀ ଲିଟୁ ପାତ୍ର ପ୍ରମୁଖ ଭକ୍ତି ସଂଗୀତ ପରିବେଷଣ କରିଥିଲେ ।

## ୭ ପଞ୍ଚାୟତର ସମସ୍ୟା; ବର୍ଷାରେ ଦବିଲା ବରବେଡ଼ା ସେତୁ



ଆନନ୍ଦପୁର, ୨୨।୮ (ସମିସ): ଆନନ୍ଦପୁର ବ୍ଲକ ଅନ୍ତଗତ ତରତରା କଣ୍ଟିପାଳ ରାସ୍ତାର ବରବେଡାଠାରେ ଥିବା ସେତୁ ବିପଦସଂକୁଳ ହୋଇପଡିଛି । କଣ୍ଟିପାଳ ତରତରା ସମେତ ପ୍ରାୟ ୭ଟି ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ଏହି ସେତୁ ଦବିଯାଇଥିବାରୁ ଯାତାୟାତ ବିପଜ୍ଜନକ ହୋଇପଡିଛି । ଲଘୁଚାପ ଜନିତ ଲଗାଣ ବର୍ଷା ଦୁଇଦିନ ଧରି ଲାଗିରହିଥିବାରୁ ଏହି ରାସ୍ତାର ବଡ଼ବେଡା ସେତୁ ଦବିଯିବା ପରେ ଏହି ରାସ୍ତା ଏବେ ସାଧାରଣ ଲୋକଙ୍କ ଯାତାୟାତ ପାଇଁ ବାଧକ ସାଜିବ ବୋଲି ଅନୁମାନ ହୋଇଛି । ଏଣୁ ଏହି ସେତୁର ଦୁଇ ପାର୍ଶ୍ୱରେ ସତର୍କ ସୂଚନା ଦେବା ସହ ଖୁବଶୀଘ୍ର ଏହି ସେତୁକୁ ମରାମତି କରିବାକୁ ବିହିତ ପଦେକ୍ଷପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବେଲବାହାଳି ମୁଖ୍ୟରାସ୍ତା କଡ଼ରୁ ଜବରଦଖଲ ହଟିଲା



ବେଲବାହାଳି,୨୨।୮ (ସମିସ): ଘଷିପୁରା ଥାନା ୨୧୫ ନଂ ରାଜପଥ ବେଲବାହାଳି ବଜାର ରାସ୍ତା ଦେଇ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଆଜି ବଜାର କମିଟି ଅବରୋଧ ହଟାଇବା ସହ ରାସ୍ତା ଦେଇ ବସ ଯାତାୟାତକୁ ସ୍ୱାଭାବିକ କରିବାକୁ ଚେଷ୍ଟା କରିଛି । ଆଖପାଖ ଅଞ୍ଚଳର ୫ଟି ପଞ୍ଚାୟତର ଅତି କମରେ ୫ କିମି ବ୍ୟବଧାନରୁ ଦୈନିକ ଶହଶହ ଲୋକେ ବେଲବାହାଳି ବଜାରକୁ ଆସି ସେଠାରୁ ଜିଲ୍ଲା ଏବଂ କଟକ, ଭୁବନେଶ୍ୱର ଭଳି ଦୂର ସ୍ଥାନକୁ ଯାତ୍ରା କରିଥାନ୍ତି । କିଛି ଦିନ ହେବ ଯାତ୍ରୀବାହୀ ବସ ବଜାର ଅଞ୍ଚଳରେ ଟ୍ରାଫିକ ଜାମକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ୨୦ ନଂ ଜାତୀୟ ରାଜପଥ ବାଇପାସ ଦେଇ ଯାତାୟାତ କରୁଥିଲେ । ସେଥିପାଇଁ ବେଲବାହାଳି ବଜାର କମିଟି ଏବଂ ଗ୍ରାମବାସୀଙ୍କ ପକ୍ଷରୁ ପ୍ରତ୍ୟେକ ଜାଗାରୁ ଅବରୋଧ ହଟାଇବା ସହ ରାସ୍ତା ଉପରେ ଗାଡିଗୁଡିକ ଛିଡ଼ା ନକରିବା ପାଇଁ ପରାମର୍ଶ ଦେଇଛନ୍ତି । ବସଗୁଡିକ ବେଲବାହାଳି ବଜାର ରାସ୍ତା ଦେଇ ଯାତାୟାତ କରିବା ପାଇଁ ପୂର୍ବରୁ ବେଲବାହାଳି ଗ୍ରାମବାସୀ ପକ୍ଷରୁ ଜିଲାପାଳଙ୍କୁ ସାକ୍ଷାତକରି ଆଲୋଚନା କରିବା ପରେ ସମସ୍ତ ବସଗୁଡିକ ବେଲବାହାଳି ବସଷ୍ଟପ ଦେଇ ଯାତାୟାତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତିକୁ ଅବମାନନା କଲେ କଠୋର ଦଣ୍ଡବିଧାନ ହେବ ବୋଲି ମଧ୍ୟ ସତର୍କ କରାଯାଇଥିଲା । ବେଲବାହାଳିଠାରେ ରାସ୍ତାକଡରେ ଥିବା ବ୍ୟବସାୟୀମାନେ ଦୋକାନଗୁଡିକର ଅଗ୍ରଭାଗକୁ ରାସ୍ତା ଉପରକୁ ବଢ଼ାଇବା ନେଇ ରାସ୍ତା ଅବରୋଧ ଯୋଗୁଁ ଏହା କ୍ରମଶଃ ସଂକୀର୍ଣ୍ଣ ରାସ୍ତାରେ ପରିଣତ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ବେଲବାହାଳି ବଜାର କମିଟି ପକ୍ଷରୁ ସମସ୍ତଙ୍କ ପରାମର୍ଶରେ ଜବରଦଖଲ ଉଚ୍ଛେଦ ପାଇଁ ସ୍ଥିର କରିବା ପରେ ଆଜି ବଜାର କମିଟିର ସଦସ୍ୟଙ୍କ ଉପସ୍ଥିତିରେ ରାସ୍ତାର ଉଭୟ ପାର୍ଶ୍ୱରୁ ଜବର ଦଖଲ ହଟିଛି । ଅନ୍ୟପଟେ, ଏନେଇ ପୁନଃ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାପଡ଼ିଛି ।

## ସଂରକ୍ଷିତ ଜଙ୍ଗଲରେ ଘର ଭାଙ୍ଗିବାକୁ ନୋଟିସ୍; ପ୍ରତିବାଦରେ ଧାରଣା

ଯୋଡ଼ା,୨୨।୮ (ସମିସ): ଯୋଡା ସହରର ୱାର୍ଡ ନଂ ୧ ଟଲକ ହଟିଙ୍ଗ ନିକଟରେ ଥିବା ଜଙ୍ଗଲ ଜମିରେ ଦୀର୍ଘ ୪ ଦଶନ୍ଧି ଧରି ବସବାସ କରି ଆସୁଥିବା ଲୋକଙ୍କୁ ବନ ବିଭାଗ ପକ୍ଷରୁ ଉଚ୍ଛେଦ ନୋଟିସ ଦିଆଯାଇଛି । ଏହାର ପ୍ରତିବାଦରେ ଶୁକ୍ରବାର ଟଲକ ହାଟିଂ ବସ୍ତି ବାସିନ୍ଦା ପୌର କାର୍ଯ୍ୟାଳୟକୁ ଯାଇ ଧାରଣା ଦେଇଛନ୍ତି । ଅଗଷ୍ଟ ୧୮ ତାରିଖରେ କଳାପାହାଡ଼ ନିକଟସ୍ଥ ଠାକୁରାଣୀ ସଂରକ୍ଷିତ ଜଙ୍ଗଲରେ ଅନଧିକୃତ ଭାବେ ଘର ନିର୍ମାଣ କରି ସେଠାରେ ରହୁଥିବା ଲୋକଙ୍କୁ ୭ ଦିନ ମଧ୍ୟରେ ଘର ଉଚ୍ଛେଦ କରିବା ପାଇଁ ନୋଟିସ ଦିଆଯାଇଛି । ପ୍ରାୟ ୫୪ ଜଣଙ୍କ ଘରେ ଏହି ଉଚ୍ଛେଦ ନୋଟିସ ଲଗାଯାଇଛି । ୭ ଦିନ ମଧ୍ୟରେ ଉକ୍ତ ଜମିକୁ ଖାଲି ନ କଲେ ଅପସାରଣ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି । ବଡ଼ବିଲ ରେଞ୍ଜ ପକ୍ଷରୁ ଏହି ନୋଟିସ ଜାରି କରାଯାଇଛି ।

ଠାକୁରାଣୀ ସଂରକ୍ଷିତ ଜଙ୍ଗଲ କୁହାଯାଉଥିବା ଏହି ଅଞ୍ଚଳ ଯୋଡା ସହରର ଉପକଣ୍ଠ ୧ ନଂ ୱାର୍ଡରେ ଅବସ୍ଥିତ । ସହର ଓ ନଗର ଉନ୍ନୟନ ସଂସ୍ଥା ପକ୍ଷରୁ ଏହି ନିର୍ଦ୍ଦିଷ୍ଟ ଟଲକ୍ ହଟିଙ୍ଗରେ ମୌଳିକ ସୁବିଧା ସହିତ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦିଆଯାଇଛି । ହଠାତ୍ ବର୍ଷା ଋତୁରେ ବନ ବିଭାଗକୁ ଏହା ବନାଞ୍ଚଳ ଦର୍ଶାଇ ଉଚ୍ଛେଦ କରିବା କିପରି ମନେ ପଡ଼ିଲା ବୋଲି ସ୍ଥାନୀୟ ଲୋକେ ପ୍ରତିକ୍ରିୟାଶୀଳ ହୋଇଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ୱାର୍ଡ ବାସିନ୍ଦା ସୁକାନ୍ତ ବାନା, ସବିତା ସିତାରୀ, ରିତା ମୁଣ୍ଡା ପ୍ରମୁଖ କହିଛନ୍ତି ଯେ ବସ୍ତି ବାସିନ୍ଦାଙ୍କୁ ନ ଜଣାଇ ବନ ବିଭାଗ ପକ୍ଷରୁ ଉଚ୍ଛେଦ ନୋଟିସ କରାଯାଇଛି । ପୌରପାଳିକା ପକ୍ଷରୁ ବିଦ୍ୟୁତ୍ ସଂଯୋଗ କରାଯାଇଛି । ଏଠାରେ ସ୍କୁଲ ଘର, ଅଙ୍ଗନବାଡ଼ି କେନ୍ଦ୍ର, କମ୍ୟୁନିଟି ସେଣ୍ଟର୍ ସହ ଲକ୍ଷ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ରାସ୍ତା କରାଯାଇଛି । ଯଦି ଜଙ୍ଗଲ ଜମି ଥିଲା; ତାହେଲେ ଏହି ସବୁ ବ୍ୟବସ୍ଥା କାହିଁକି ବସ୍ତି ବାସିନ୍ଦା ପାଇଁ କରାଗଲା ବୋଲି ଲୋକେ ପ୍ରଶ୍ନ କରିଥିଲେ । ଯଦି ବନ ବିଭାଗ ପକ୍ଷରୁ ଦିଆଯାଇଥିବା ନୋଟିସକୁ ଉଠାଇ ନିଆ ନ ଗଲେ ବସ୍ତି ବାସିନ୍ଦା ଧାରଣାରେ ବସି ରହିବେ ବୋଲି କହିଥିଲେ । ପୌରାଧ୍ୟକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ସେମାନଙ୍କୁ ବୁଝାସୁଝା କରି କହିଥିଲେ ଯେ ବନ ବିଭାଗ ପକ୍ଷରୁ ପୌର ପରିଷଦକୁ କୌଣସି ସୂଚନା ଦିଆଯାଇ ନାହିଁ । ଜନସାଧାରଣ ଏନେଇ ବନ ବିଭାଗ ସହ ଯୋଗାଯୋଗ କରିବା ପାଇଁ କହିଥିଲେ । ପୌରପାଳିକା ମଧ୍ୟ ଏନେଇ ବନ ବିଭାଗର ଦୃଷ୍ଟି ଆକର୍ଷଣ କରିବ ।

# 'ହାତୀ ସୁରକ୍ଷାରେ ଆଧୁନିକ ଶିକ୍ଷା ଜରୁରୀ'



ବାଙ୍ଗରିପୋଷି, ୨୨।୮ (ସମିସ): ବାଙ୍ଗରିପୋଷି ସ୍ଥିତ ଖଇରୀ ରିସୋର୍ଟରେ 'ହାତୀର ଗତି'କୁ ନେଇ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ସ୍ୱେଚ୍ଛାସେବୀ ସଙ୍ଗଠନ 'ସଂଗ୍ରାମ' ପକ୍ଷରୁ ଆୟୋଜିତ ବୈଠକରେ ସଙ୍ଗଠନର ସମ୍ପାଦକ ତଥା ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ସଭାପତିତ୍ୱ କରି ବିଗତ ଦିନରେ ବନ୍ୟଜନ୍ତୁ ଓ ଜଙ୍ଗଲକୁ ବଞ୍ଚାଇବା ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବୈଠକରେ ମୁଖ୍ୟଅତିଥି ଭାବେ 'ଧରିତ୍ରୀ'ର ସମ୍ପାଦକ ତଥାଗତ ଶତପଥୀ ଯୋଗଦେଇ ହାତୀ ସୁରକ୍ଷାରେ ଆଧୁନିକ ଶିକ୍ଷା ଜରୁରୀ ବୋଲି କହିଥିଲେ। 'ଧରିତ୍ରୀ'ର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଆଦ୍ୟାଶା ଶତପଥୀ ହାତୀର ଗତିପଥକୁ ନେଇ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ବିଗତ ଦିନ ଅପେକ୍ଷା ହାତୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ବିରାଟକାୟ ଜୀବ ହାତୀ ବିଭିନ୍ନ ସ୍ଥାନ ବୁଲି ଖାଦ୍ୟ ଗ୍ରହଣ କରିବ। ହାତୀକୁ ଅଯଥାରେ ହଇରାଣ କଲେ ସେ ଆକ୍ରମଣ କରିବାକୁ ପଛାଇବ ନାହିଁ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଉପସ୍ଥିତ ରହି ହାତୀ ସୁରକ୍ଷା ପ୍ରତି ସମସ୍ତେ ଯତ୍ନବାନ ହେବାକୁ ପଡ଼ିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଙ୍ଗରିପୋଷି ରେଞ୍ଜର ମହେଶ୍ୱର ସିଂ ଉପସ୍ଥିତ ରହି ହାତୀ ସୁରକ୍ଷା କ୍ଷେତ୍ରରେ ବନବିଭାଗ ପକ୍ଷରୁ ନିଆଯାଉଥିବା ପ୍ରୟାସ ସମ୍ପର୍କରେ ଆଲୋଚନା କରି ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ। ସଙ୍ଗଠନର ସଭାପତି ସଂଯୁକ୍ତା ବସା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିବା ସହ ସଂଗ୍ରାମ ପକ୍ଷରୁ ନିଆଯାଉଥିବା ହାତୀ ସୁରକ୍ଷା ଦିଗରେ ପଦକ୍ଷେପକୁ ନେଇ ସୂଚନା ଦେଇଥିଲେ। ଉପସଭାପତି ବିଭୁ ପ୍ରସାଦ ଦାସ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଚାଲିଥିବା ସ୍ୱେଚ୍ଛାସେବୀ, ଗଜସାଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପରିବେଶବିତ୍ ତାରା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୁକ୍ଳିକୁ ବିଜ୍ଞାପିତ ଅଞ୍ଚଳ ଦାବି ଜୋର ଧରିଲା

# ସରକାରୀସ୍ତରରେ ସର୍ଭେ; ଘୋଷଣାକୁ ଅପେକ୍ଷା

ଶୁକ୍ଳି, ୨୨।୮ (ସମିସ)



ଦିନ ଥିଲା ମୟୂରଭଞ୍ଜ ରାଜ୍ୟର ରାଜଧାନୀ ଥିଲା ଖିଚିଂ। ସେତେବେଳେ ଖିଚିଂ ୧୬ ବର୍ଗ ମାଇଲ ପର୍ଯ୍ୟନ୍ତ ସହର ଥିଲା। ସେହି ଦିନଠାରୁ ଖିଚିଂର ସ୍ୱତନ୍ତ୍ର ପରିଚୟ ରହିଛି। ଇତିମଧ୍ୟରେ ରାଜ୍ୟ ସରକାର ତରଫରୁ ଶୁକ୍ଳିକୁ ବିଜ୍ଞାପିତ ଅଞ୍ଚଳ କରିବା ଏକ ସର୍ଭେ କରିଥିଲେ। ଶୁକ୍ଳି ବିଡ଼ିଓ ଏବଂ ତହସିଲଦାର ସର୍ଭେ କରିବା ସହିତ ଗ୍ରାମ ସଭା କରି ତିନୋଟି ଗ୍ରାମ ପଞ୍ଚାୟତ ନେଇ ବିଜ୍ଞାପିତ ଅଞ୍ଚଳ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏଥିରେ ଖିଚିଂ, ଶୁକ୍ଳି ଏବଂ ଅର୍ଜୁନବିଲା ଗ୍ରାମ ପଞ୍ଚାୟତ ସାମିଲ କରାଯାଇଛି। ବିଜ୍ଞାପିତ ଅଞ୍ଚଳକୁ କରିବା ପାଇଁ ତିନିଜଣ ସରପଞ୍ଚ ସମ୍ପୂର୍ଣ୍ଣ ସହଯୋଗ କରିବା ସହିତ ସରକାର ଘୋଷଣାକୁ ଅପେକ୍ଷା ବୋଲି ସରପଞ୍ଚମାନେ ପ୍ରକାଶ କରିଛନ୍ତି। ଏଥିରେ ଶୁକ୍ଳି ଗ୍ରାମ ପଞ୍ଚାୟତର ୬ଟି ଗାଁ, ଖିଚିଂ ଗ୍ରାମ ପଞ୍ଚାୟତର ୮ଟି ଏବଂ ଅର୍ଜୁନବିଲା ଗ୍ରାମ ପଞ୍ଚାୟତର ୧୩ଟି ଗ୍ରାମକୁ ସାମିଲ କରାଯାଇଛି। ଶୁକ୍ଳି ପ୍ରସ୍ତାବିତ ବିଜ୍ଞାପିତ ଅଞ୍ଚଳ ପାଇଁ ପ୍ରଶାସନ ପକ୍ଷରୁ ଦୁଇ ମାସ ହେଲାଣି ରାଜ୍ୟ ସରକାରକୁ ରିପୋର୍ଟ ପ୍ରଦାନ କରାଯାଇଛି। ଶୁକ୍ଳି ବିଜ୍ଞାପିତ ଅଞ୍ଚଳ କରିବାପାଇଁ ଆଜି ବିକାଶ ମଞ୍ଚ ତରଫରୁ ଖିଚିଂରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ତିନୋଟି ଗ୍ରାମ ପଞ୍ଚାୟତର ସବୁ ବର୍ଗର ଲୋକ ସାମିଲ ହୋଇ ଦାବି କରିଛନ୍ତି। ଏଥିପାଇଁ ଏକ କମିଟି ମଧ୍ୟ ଗଠନ କରାଯାଇଛି। ଶୁକ୍ଳି ବିକାଶ ମଞ୍ଚର ସଭାପତି ଭାବେ ସୁମନ୍ତ କୁମାର ଗିରି, ଖିଚିଂ ସରପଞ୍ଚ ଅଙ୍କିତା ବେହେରା ଉପସଭାପତି, ଶୁକ୍ଳି ଜିଲ୍ଲା ପରିଷଦ ସଭ୍ୟ ବିକାଶ ରଞ୍ଜନ ସି ସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ ଅଭିଷେକ ପାଣିଗ୍ରାହୀ, ଖିଚିଂ ମନ୍ଦିର ପୂଜକ ଦିଲ୍ଲୀପ ପାଣିଗ୍ରାହୀ, ଇଂଜିନିୟର ସୁଶାନ୍ତ କୁମାର ନାଏକ, ଦମୟନ୍ତି ନାଏକ, ଉପଦେଷ୍ଟା ଭାବରେ କୀର୍ତ୍ତନ ନାଏକ, ପତି କାରୁଆ, ପରେଶ ଚନ୍ଦ୍ର ନାଏକ, ଦାଶରଥୀ ନାଏକ, ଅରୁଣ କୁମାର ଘଣା, ଜୟ ରଥ ଗିରି ପ୍ରମୁଖ ସାମିଲ ହୋଇଛନ୍ତି। ଆଗାମୀ ଦିନରେ ଶୁକ୍ଳି ବିକାଶ ମଞ୍ଚ ତରଫରୁ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ଜଙ୍ଗଲ ପରିବେଶ ମନ୍ତ୍ରୀ, ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ■ ପରିଛିପୁର ପ୍ରାଥମିକ ବିଦ୍ୟାଳୟ

# ୫ ଶ୍ରେଣୀର ୪୦ ଜଣ ପିଲାଙ୍କୁ ଜଣେ ଶିକ୍ଷକ

କୁଆମରା, ୨୨।୮ (ସମିସ): ଗୋପବନ୍ଧୁନଗର ବ୍ଲକ ଆରପଟା ପଞ୍ଚାୟତ ପରିଛିପୁର ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀକୁ ନେଇ ଜଣେ ମାତ୍ର ଶିକ୍ଷକ ପିଲାଙ୍କୁ ପଢ଼ାଉଛନ୍ତି। ଏହା ପୂର୍ବରୁ ଦୁଇ ଜଣ ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ଜଣେ ଅବସର ନେବା ପରେ ଆଜି ଯାଏଁ ସେ ସ୍ଥାନ ପୂରଣ ହୋଇନାହିଁ। ପୁଣି ଚଳିତ ବର୍ଷ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଶିଶୁ ବାଟିକା ଖୋଲିବା ପରେ ଏବେ ବିଦ୍ୟାଳୟର ମୋଟ ୪୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଉକ୍ତ ବିଦ୍ୟାଳୟର ଆଜି ପର୍ଯ୍ୟନ୍ତ ରୋଷେଇ ଗୃହ ନ ଥିବାରୁ ବାହାରେ ମଧ୍ୟାହ୍ନ ଭୋଜନ ରୋଷେଇ ହେଉଛି। ତେବେ ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ଡ. ଅଭିମନ୍ୟୁ ସେଠୀଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି କହିଛନ୍ତି।

# ନିଷ୍ଠା ତାଲିମ୍ ଶିବିର ଉଦ୍‌ଯାପିତ



ହାଟଡ଼ିହୀ, ୨୨।୮ (ସମିସ): ହାଟଡ଼ିହୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପାଞ୍ଚଦିନିଆ ନିଷ୍ଠା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ହାଟଡ଼ିହୀ ସରକାରୀ ଉଚ୍ଚବିଦ୍ୟାଳୟରେ ପଞ୍ଚଦିବସୀୟ ନିଷ୍ଠା ତାଲିମ୍ ଶିବିର କାର୍ଯ୍ୟକ୍ରମଟି ଗତ ୧୮ରୁ ଆରମ୍ଭ ହୋଇ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ରାଜୀବ କୁମାର ଦଳେଇ ଏବଂ ହାଟଡ଼ିହୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ାଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ଜିଲ୍ଲା ଶିକ୍ଷା ସୂଚନା ସଂଯୋଜକ ପୀତବାସ ସାହୁଙ୍କ ସହ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏହାକୁ ଉଦ୍‌ଯାପିତ କରିଥିଲେ। କାର୍ଯ୍ୟକ୍ରମରେ ୫୦ ଜଣ ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଚଳିତ ଜାତୀୟ ଶିକ୍ଷାନୀତି ଅନୁସାରେ ସାଧାରଣ ପିଲାଙ୍କ ସହ ଭିନ୍ନକ୍ଷମ ପିଲାଙ୍କୁ ନେଇ କୌଣସି ପ୍ରକାରର ଭେଦଭାବ ନଆଣି ସମାନତା ରକ୍ଷା ପୂର୍ବକ କିଭଳି ଶିକ୍ଷାଦାନ କରାଯିବ ସେନେଇ ତାଲିମ୍ ଦିଆଯାଇଥିଲା। ଶିକ୍ଷାଦାନରେ ଭକ୍ତି, ସମର୍ପଣ, ସ୍ଥିରତା, ବିଶ୍ୱାସ ଏବଂ ବିଶ୍ୱସ୍ତତା ନିହାତି ଆବଶ୍ୟକ ବୋଲି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କହିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ବିଶ୍ୱଭୂଷଣ ରାଉଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ବିଷ୍ଣୁପ୍ରସାଦ ସାହୁ, ପ୍ରଭାକର ବେହେରା, ଜ୍ଞାନରଞ୍ଜନ ଜେନା, ବିଘ୍ନରାଜ ଜେନା ଓ ବିଶ୍ୱଭୂଷଣ ରାଉତ ଦାୟିତ୍ୱ ତୁଲାଇଥିଲେ।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

ରାଇରଙ୍ଗପୁର, ୨୨।୮ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି। ବର୍ଷା ପ୍ରଭାବରେ ଜିଲ୍ଲାର ବିଜାତଳା ବ୍ଲକର ଚଢେଇପାହାଡି ପଞ୍ଚାୟତ ଫୁଲବାଡିଆ ଗ୍ରାମରେ ଜଣେ ଅସହାୟଙ୍କ ଘର ଭାଙ୍ଗିଯାଇଛି। ଗ୍ରାମର ହାଜାମ ହାଁସଦାଙ୍କ ଲଗାଣ ବର୍ଷା ପ୍ରଭାବରେ ଘରର କାନ୍ଥ ଭୁଶୁଡି ପଡ଼ିଛି। ଫଳରେ ତାଙ୍କ ପରିବାର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘର ଭାଙ୍ଗି ଯିବା ଫଳରେ ଅସହାୟ ହୋଇଯାଇଛନ୍ତି ପରିବାର। ସେହିପରି ବିଜାତଳା ବ୍ଲକରେ ଲଘୁଚାପ ଜନିତ ଲଗାଣ ବର୍ଷାଯୋଗୁଁ ବହୁତ ଲୋକଙ୍କ ଘରଦ୍ୱାରା ଭାଙ୍ଗିଯିବା ସହିତ ରାସ୍ତାଘାଟ ନଷ୍ଟ ହୋଇଯାଇଛି। ଫଳରେ ଯାତାୟାତରେ ବାଧାପ୍ରାପ୍ତ ହେଉଛି। ତେଣୁ ଜିଲାପାଳ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ବିଭାଗ ତରଫରୁ ରାସ୍ତା ମରାମତି କରିବା ସହ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗେଇ ଦେବା ପାଇଁ ଦାବି ହେଉଛି।

# ଶିକ୍ଷକ ବଦଳି ପ୍ରତ୍ୟାହାର ଦାବି କରି ଡିଇଓ ଅଫିସ୍ ଅଭିମୁଖେ ଗଲେ ପିଲା



ରାସଗୋବିନ୍ଦପୁର, ୨୨।୮ (ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ବିନୋଦ ରାୟ ସରକାରୀ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର କରିବା ଦାବିରେ ଛାତ୍ରଛାତ୍ରୀ ଗତକାଲି ବିଇଓ ଅଫିସ୍ ସମ୍ମୁଖରେ ବସିଥିଲେ। ହେଲେ ଛାତ୍ରଛାତ୍ରୀଙ୍କ କଥାକୁ ଗୁରୁତ୍ୱ ନ ଦେଇ ଶିକ୍ଷକଙ୍କୁ ରିଲିଜ ପାଇଁ ନିର୍ଦ୍ଦେଶ ଦେବା ପ୍ରତିବାଦରେ ଆଜି ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀ ତାଲା ପକାଇ ବାରିପଦା ସ୍ଥିତ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଭିମୁଖେ ଚାଲିଚାଲି ବାହାରିଥିଲେ। ପ୍ରଧାନ ଶିକ୍ଷକଙ୍କ ବାରଣ ସତ୍ତ୍ୱେ ପିଲାମାନେ ଜିଦ୍‌ରେ ଅଟଳ ରହି ପଦଯାତ୍ରା ଆରମ୍ଭ କରିଥିଲେ। ଖବର ପାଇ ରାସଗୋବିନ୍ଦପୁର ପୁଲିସ ପିଲାମାନଙ୍କୁ ମୂଷାମାରି ପେଟ୍ରୋଲ ପମ୍ପ ନିକଟରେ ଅଟକାଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆଣିଥିଲେ। ପରେ ଶ୍ରେଣୀ ଗୃହର ତାଲାଭାଙ୍ଗି ବିଦ୍ୟାଳୟ ଖୋଲିଥିଲେ। ତେବେ ଆଜି ବିଦ୍ୟାଳୟ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଏଡିଓ ବିଦ୍ୟାଳୟରେ ପହଞ୍ଚି ପିଲାମାନଙ୍କୁ ବୁଝାସୁଝା କରିଥିଲେ। ତେବେ ଗଣିତ ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର ନ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଛାତ୍ରଛାତ୍ରୀ କହିଛନ୍ତି।

# ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଡବଲ୍ସରେ ଚମକିଲେ ମୟୂରଭଞ୍ଜର ଆୟୁଷ

ବାରିପଦା, ୨୨।୮ (ସମିସ): ଘାନାର ଆକ୍ରାଠାରେ ଅନୁଷ୍ଠିତ ଘାନା ଗ୍ରାଣ୍ଡ ସ୍ଲାମ - ୨୦୨୫ରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିବା ଦୁଇ ଖେଳାଳି ରନର୍ସ ଅପ ହୋଇ ଦେଶ ଏବଂ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଜୁଲାଇ ୨୮ ରୁ ଅଗଷ୍ଟ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ମୟୂରଭଞ୍ଜର ଆୟୁଷ ପଟ୍ଟନାୟକ ଓ ଅନୁଗୁଳର ଅବିନାଶ ମହାନ୍ତିଙ୍କ ଯୋଡ଼ି ଫାଇନାଲ ମ୍ୟାଚରେ ଇଣ୍ଡୋନେସିଆର ପୁଲୁଙ୍ଗ ରାମଧାନ ଓ ଅଂଶେଲମୁସ ବ୍ରେଗିଡ ଫ୍ରେଡ଼ିଙ୍କ ଯୋଡି ଠାରୁ ୧୧-୨୧ ଓ ୧୩-୨୧ ସେଟରେ ପରାସ୍ତ ହୋଇ ରନର୍ସ ଅପ ହୋଇ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ଜିଲ୍ଲାପାଳ ହେମାକାନ୍ତ ସଏ, ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ, ବ୍ୟାଡମିଣ୍ଟନ ଆସୋସିଏସନର ସମ୍ପାଦକ ବିଭୂତିଭୂଷଣ ଦାସ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି। ଆୟୁଷଙ୍କ ସଫଳତା ଯୁବ ବ୍ୟାଡ଼ମିଣ୍ଟନ ଖେଳାଳିଙ୍କ ମଧ୍ୟରେ ପ୍ରେରଣା ଯୋଗାଇଦେବ ବୋଲି ସମ୍ପାଦକ ଶ୍ରୀ ଦାସ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି ବାରିପଦା ପୌର ପରିଷଦ ଅନ୍ତର୍ଗତ ବେଲଗଡ଼ିଆର ଆୟୁଷ ଇଣ୍ଡୋର ଷ୍ଟାଡିୟମରେ କୋଚ ବିଭୂତି ଭୂଷଣଙ୍କ ଠାରୁ ଖେଳ ଆରମ୍ଭ କରି ପରବର୍ତ୍ତୀ ସମୟରେ ଜିଲ୍ଲା, ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉନ୍ନତମାନର ଖେଳ ପ୍ରଦର୍ଶନ କରି ବହୁବାର ପୁରସ୍କୃତ ହୋଇଛନ୍ତି।

# ନୂତନ ଆଇନ ସଚେତନତା ଶିବିର




ବୈଶିଙ୍ଗା, ୨୨।୮ (ସମିସ): ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ ପରିସରରେ ଥାନା ଅଧିକାରୀ ବାରିଣୀ ଦାସଙ୍କ ସଂଯୋଜନାରେ ମାନସିକ ସ୍ୱାସ୍ଥ୍ୟ, ସାଇବର ଓ ନୂତନ ଆଇନ ସଚେତନତା ଶିବିର ମହାବିଦ୍ୟାଳୟର ଅଧ୍ୟକ୍ଷ ମମତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସବିତା ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଖା ଯାଉଥିବା ଆତ୍ମହତ୍ୟା ପ୍ରବୃତ୍ତି: ଏହାର କାରଣ ଓ ନିରାକାରଣ ସମ୍ବନ୍ଧରେ ବିଷଦ ଭାବରେ ଆଲୋଚନା କରିଥିଲେ। ଅନ୍ୟପଟେ ମଞ୍ଚାସିନ ଡ଼ିଏସପି ମମତା ସାହୁ ଚିନ୍ତାଗ୍ରସ୍ତ ରହିଲେ ଓ ଏକୁଟିଆ ଅନୁଭବ ହେଲେ ତୁରନ୍ତ ଏ ସମ୍ପର୍କରେ ପରିବାର, ସାଙ୍ଗସାଥୀଙ୍କ ସହ ମନଖୋଲି କଥା ହେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡ଼ିଏସପି ନିରୁପମା ମଲ୍ଲିକ ଯୋଗଦେଇ ଲୋକମାନଙ୍କୁ ଏପରି ମାନସିକ ଅବସାଦରୁ ରକ୍ଷା କରିବା ଦିଗରେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେହିପରି ଜିଲ୍ଲା ସାଇବର ଇନ୍ସପେକ୍ଟର ପ୍ରଦୀପ ମାଝୀ ଆଇନ ସମ୍ବନ୍ଧରେ ଜାଣିବା, ସଚେତନ ହେବା ଓ ସତର୍କତା ଅବଲମ୍ବନ ଦ୍ୱାରା ଜନସାଧାରଣ ସାଇବର ଅପରାଧରୁ ରକ୍ଷା ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇନ୍ସପେକ୍ଟର ପ୍ରକାଶ କୁମାର ରଥ ମଞ୍ଚାସିନ ଥିବାବେଳେ କାର୍ଯ୍ୟକ୍ରମ ଶେଷରେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରୀଡା ସଂଗଠନର ସାଧାରଣ ବୈଠକ ଓ ସମ୍ବର୍ଦ୍ଧନା ସଭା

ବେତନଟୀ, ୨୨।୮ (ସମିସ): ବେତନଟୀ ବ୍ଲକ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନର ଏକ ସାଧାରଣ ବୈଠକ ଏମପିସି ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଏବିଇଓ ଗୋପାଳ ଚନ୍ଦ୍ର ସେନାପତିଙ୍କୁ ମଧ୍ୟ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ଅର୍ଜୁନ ସି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର, ସମ୍ମାନିତ ଅତିଥି ଭାବରେ ଓଷ୍ଟା ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ପୂର୍ବତନ ଏବିଇଓ ଗୋପାଳ ଚନ୍ଦ୍ର ସେନାପତି ଓ ରମାକାନ୍ତ ମହାନ୍ତ, ପୂର୍ବତନ କ୍ରୀଡ଼ା ଶିକ୍ଷକ ହରିଶ ଚନ୍ଦ୍ର ରାଉତ ଯୋଗଦାନ କରିଥିଲେ। ବ୍ଲକ ନୋଡାଲ ପିଇଟି ସଞ୍ଜୟ କୁମାର ପ୍ରଧାନ ବୈଠକ ପରିଚାଳନା କରିଥିବାବେଳେ ବେଳେ ସମସ୍ତ ପିଇଟି ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବେତନଟୀ ବ୍ଲକକୁ ମଧ୍ୟ ୪ଟି ଜୋନ୍ ଯଥା ବେତନଟୀ, ଛଚିନାପଦ, ଅଁଳା ଓ ବୈଶିଙ୍ଗାରେ ବିଭକ୍ତ କରାଯାଇଛି। ଚଳିତ ବର୍ଷ ଜୋନ୍ ସ୍ତରୀୟ କ୍ରୀଡ଼ା ୨୫ ତାରିଖ ଏବଂ ବ୍ଲକ ସ୍ତରୀୟ କ୍ରୀଡ଼ା ଆସନ୍ତା ସେପ୍ଟେମ୍ବର ୪ ତାରିଖରେ ଏମପିସି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ କରାଯିବାକୁ ସ୍ଥିର ହୋଇଛି। ବୈଠକରେ ବେତନଟୀ ବ୍ଲକ ନୋଡାଲ ପିଇଟି ସଞ୍ଜୟ କୁମାର ପ୍ରଧାନ, ଜିଲ୍ଲା କ୍ରୀଡା ଶିକ୍ଷକ ସଂଗଠନର ସମ୍ପାଦକ ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ବ୍ଲକ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରିବା ସହିତ ସନ୍ତରା ଓ ହେମପୁର ହାଇସ୍କୁଲ ରେ ନୂତନ ଭାବରେ ଯୋଗଦାନ କରିଥିବା କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ସ୍ୱାଗତ କରାଯାଇଥିଲା। ଶିକ୍ଷୟିତ୍ରୀ କ୍ଷଣପ୍ରଭା ମହାନ୍ତ ନ୍ୟବାଦ ଅର୍ପଣ କରିଥିଲେ।

# ହଳଦୀବଣୀ ଓ କୁମ୍ଭୀରଦା ଗାଁରୁ ଚୋରି



ବହଳଦା, ୨୨।୮ (ସମିସ): ବହଳଦା ଥାନା ଅନ୍ତର୍ଗତ ନେସାବନ୍ଧ ନିକଟସ୍ଥ ହଳଦୀବଣୀ ଓ କୁମ୍ଭୀରଦା ଗ୍ରାମ ଚାଟାଣି ସାହିରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ହଳଦୀବଣୀ ଗ୍ରାମରୁ ମିଳିଥିବା ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ନେସା ବନ୍ଧକୁ ଜାଲରୁ ମାଛ କାଢିବାକୁ ଯାଉଥିବା ସମୟରେ ଗ୍ରାମମୁଣ୍ଡରେ ଥିବା ପିଣ୍ଟୁ ମୁଣ୍ଡାଙ୍କ ଘରୁ ତାଙ୍କର ବୋଲେରୋକୁ ଚୋରି କରୁଥିବାବେଳେ ଟର୍ଚ୍ଚ ଆଲୁଅ ଦେଖି ଦ୍ରୁତଗତିରେ ପଳାଇଥିଲେ। ପିଣ୍ଟୁ ମୁଣ୍ଡାଙ୍କ ପରିବାର କୌଣସି କାର୍ଯ୍ୟରେ ଭୁବନେଶ୍ୱର ଯାଇଥିବାବେଳେ ଦୁର୍ବୃତ୍ତମାନେ ଚୋରିକରିବାକୁ ଆସିଥିଲେ। ଘର ମାଲିକଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରିବା ପରେ ଗ୍ରାମର ପରିଜନ ଲୋକେ ଘରେ ପଶି ଦେଖିବାରୁ ଗୋଟିଏ ସୁନା ଚେନ୍, ତିନୋଟି ଏଲପିଜି ଗ୍ୟାସ୍ ସିଲିଣ୍ଡର ଓ ଗୋଟିଏ ଇନଭର୍ଟର ବ୍ୟାଟେରୀ ଚୋରୀ ହୋଇଥିବା ଜଣାପଡ଼ିଛି। ତେବେ ଏହି ଚୋରୀ ଘଟଣା ନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣା ପଡ଼ିଛି। ସେହିପରି ବହଳଦା ଥାନା ଅନ୍ତର୍ଗତ କୁମ୍ଭୀରଦା ଗ୍ରାମର ଚଟାଣି ସାହିରେ ମଧ୍ୟ ଚୋରି ହୋଇଥିବା ଜଣାପଡ଼ିଛି।

## ସାଇଁକୁଳ ଗୋଷ୍ଠୀ ଚିକିତ୍ସାଳୟରେ ମେସିନ ଖରାପ

# ପ୍ଲାଟଲେଟ ପରୀକ୍ଷା ପାଇଁ ଗରିବ ରୋଗୀ ହନ୍ତସନ୍ତ

ବେଲବାହାଳି, ୨୨।୮ (ସମିସ):




ଆନନ୍ଦପୁର ଉପଖଣ୍ଡ ଅଧୀନସ୍ଥ ସାଇଁକୁଳ ଗୋଷ୍ଠୀ ଚିକିତ୍ସାଳୟରେ ସିବିସି ମେସିନ ଖରାପ ହୋଇଥିବାରୁ ପ୍ଲେଟଲେଟ ପରୀକ୍ଷା ପାଇଁ ଗରିବ ଅସହାୟ ଲୋକ ହନ୍ତସନ୍ତ ହେଉଛନ୍ତି। ବର୍ଷାଋତୁ ଯୋଗୁଁ ଗ୍ରାମାଞ୍ଚଳରେ ଦୂଷିତ ପରିବେଶରେ ବିଭିନ୍ନ ରୋଗରେ ଆକ୍ରାନ୍ତ ରୋଗୀ ସାଇଁକୁଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ଦୌଡୁଛନ୍ତି। ହେଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ଲେଟଲେଟ ପରୀକ୍ଷା ପାଇଁ ପ୍ରାଥମିକ ସ୍ତରରେ ସିବିସି ମେସିନ ଆଠଦିନ ହେଲାଣି ଅଚଳ ହୋଇପଡ଼ିଛି। ଫଳରେ ଲୋକେ ବାଧ ହୋଇ ବାହାରେ ଘରୋଇ ପାଥୋଲାବକୁ ଯାଇ ପ୍ଲେଟଲେଟ ପରୀକ୍ଷା ପାଇଁ ଟଙ୍କା ଖର୍ଚ୍ଚ କରି ଶୋଷିତ ହେଉଛନ୍ତି। ସାଇଁକୁଳ ମେଡିକାଲକୁ ପ୍ରାୟ ଅଧିକାଂଶ ଗରିବ ଲୋକ ଆସିଥାନ୍ତି। ମେସିନ ଖରାପ ହୋଇଥିବା ଯୋଗୁଁ ଏତେ ଟଙ୍କା ଖର୍ଚ୍ଚ କରି ପରୀକ୍ଷା କରିବା ସମ୍ଭବ ନୁହେଁ। ରୋଗରେ ପଡ଼ିଥିବାରୁ ରୋଗୀ ବାଧହୋଇ ଧାରକରଜ କରି ପରୀକ୍ଷା କରାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସିବିସି ପରୀକ୍ଷା ମେସିନ ତୁରନ୍ତ ଠିକ କରି ଲୋକଙ୍କ ସମସ୍ୟା ଦୂର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ■ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ୧୨ ଦିନରେ

# ସରକାରୀ କାର୍ଯ୍ୟ ଠପ୍, ଲୋକେ ଅସୁବିଧାରେ



କେନ୍ଦୁଝର, ୨୨।୮ (ସମିସ): ରାଜସ୍ୱ ଅମଲାମାନଙ୍କ ସାମୂହିକ ଛୁଟି ଦ୍ୱାଦଶ ଦିବସରେ ପହଞ୍ଚିଲା। ୧୦ ଦଫା ଦାବି ରାଜ୍ୟ ସରକାର ପୂରଣ କରି ନ ଥିବାରୁ ଏହି ଆନ୍ଦୋଳନ ଫଳରେ ସମସ୍ତ ବ୍ଲକ, ତହସିଲ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବିଭାଗ, ଉପଜିଲ୍ଲାପାଳ କାର୍ଯ୍ୟାଳୟ, ଶିଶୁ ବିକାଶ କାର୍ଯ୍ୟାଳୟ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପରିବହନ କାର୍ଯ୍ୟାଳୟ, ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ, ଇଲେକସନ କାର୍ଯ୍ୟାଳୟ, ଯୋଗାଣ ଅଧିକାରୀ କାର୍ଯ୍ୟାଳୟଗୁଡ଼ିକରେ ସମସ୍ତ ପ୍ରକାର କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି। ସାଧାରଣ ଜନତା କୌଣସି କାର୍ଯ୍ୟରେ କାର୍ଯ୍ୟାଳୟ ଆସିଲେ ଅମଲା ସବୁ ସିଟ ଫାଙ୍କା ଫାଙ୍କା ପଡ଼ିଥିବାରୁ ନିରାଶ ହୋଇ ଘରକୁ ଫେରିଯାଉଛନ୍ତି। ରାଜ୍ୟ ସରକାର ଏଥିପ୍ରତି ଧ୍ୟାନଦେଇ ତୁରନ୍ତ ଅମଲାଙ୍କ ଦାବି ପୂରଣ କରିଦେଲେ ଜନସାଧାରଣଙ୍କ ଅସୁବିଧାର ସବୁ ସମାଧାନ ହୋଇପାରନ୍ତା। ରାଜ୍ୟ ସରକାର ଯେ ପର୍ଯ୍ୟନ୍ତ ରାଜସ୍ୱ ଅମଲା ସଂଘର ରାଜ୍ୟ ନେତୃତ୍ୱଙ୍କ ସହ ଆଲୋଚନା ନ କରିଛନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ତୀବ୍ରରୁ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

**● ଗ୍ୟାସ୍ ସିଲିଣ୍ଡରରେ ପାଣି**

## ମାଲିକଙ୍କ ସମେତ ଦୁଇ କର୍ମଚାରୀ ଅଟକ

ସୋର,୨୨।୮ (ସମିସ): ସୋରରେ ଜଣେ ଗ୍ୟାସ୍ ଡିଲର ଗ୍ୟାସ୍‌ର ଟାଙ୍କିରେ ପାଣି ଭର୍ତ୍ତିକରି ମାଜିଷ୍ଟ୍ରେଟଙ୍କୁ ଦେଇଥିବାରୁ ଠକେଇ ଅଭିଯୋଗରେ ମାଲିକଙ୍କ ସମେତ ଦୁଇ କର୍ମଚାରୀଙ୍କୁ



ଦୀର୍ଘ ସମୟ ଅଟକ ରଖାଯାଇଥିଲା। ପରେ ଲିଖିତ ପ୍ରତିଶ୍ରୁତି ଦେବା ପରେ ତାଙ୍କୁ ସର୍ତ୍ତମୂଳକ ଭାବେ ଛଡ଼ାଯାଇଛି। ସୂଚନା ଅନୁସାରେ ଉତ୍ତରେଶ୍ୱର ଲିଓ ସାଇ ପ୍ଲାଜା ନିକଟରେ ଥିବା ଏକ ଗ୍ୟାସ ଏଜେନ୍ସି ନାମରେ ପୂର୍ବରୁ ଅନେକ ଥର ଟାଙ୍କିରେ ପାଣି ଭର୍ତ୍ତି ଥିବା ନେଇ ଅଭିଯୋଗ ହୋଇଆସିଥିଲା। ଗତ ସପ୍ତାହ ତଳେ ସୋର କୋର୍ଟରେ କାର୍ଯ୍ୟରତ ଜଣେ ମାଜିଷ୍ଟ୍ରେଟଙ୍କୁ ଏକ ଗ୍ୟାସ ଟାଙ୍କି ଦିଆଯାଇଥିବା ବେଳେ ଆଜି ଉକ୍ତ ଟାଙ୍କିରୁ ପାଣି ବାହାରିଥିଲା। ଫଳରେ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶରେ ଦୋକାନର ମାଲିକଙ୍କ ସମେତ ଫିଲ୍ଡ ଅଫିସର ବିଜୟ ଦାସ, ସୁପରଭାଜର ଅମରେଶ ମହାନ୍ତିଙ୍କୁ ସୋର ପୁଲିସ ଅଟକ ରଖିଥିଲା। ପରେ ଠକେଇ ଅଭିଯୋଗରେ ତାଙ୍କୁ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜିର କାରାଯାଇଥିଲା। ଆଗାମୀ ଦିନରେ ଏପରି ଠକାମୀ କାମ କିପରି ନହେବ ଓ ଲୋକମାନଙ୍କୁ ଯଥେଷ୍ଟ ସଚେତନତା କରାଇବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ସମସ୍ତଙ୍କୁ ଛଡ଼ାଯାଇଥିଲା।

# ମା'ଦୁର୍ଗାଦେବୀ ମନ୍ଦିରର ସମ୍ପତ୍ତି ହଡ଼ପ ଅଭିଯୋଗ

ବାଲେଶ୍ୱର,୨୨।୮ (ସମିସ)



**● ମନ୍ଦିର ପାଇଁ ଜମି ଦେଇଥିବା ପରିବାରଙ୍କୁ ଗାଳିଗୁଲଜ**
**● ଜିଲ୍ଲାପାଳଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ମଣ୍ଡଳୀ**

ରେମୁଣା ନିର୍ବାଚନମଣ୍ଡଳୀ ଖରିଦମୁଖୁରା ପଞ୍ଚାୟତ ବାସୁଖୁଣ୍ଟା ଗାଆଁରେ ମା' ଦୁର୍ଗାଦେବୀଙ୍କ ମନ୍ଦିରରେ ବିଏନ୍ଏସ୍ ୧୬୩ ଲାଗିଥିବା ସତ୍ତ୍ୱେ କେତେଜଣ ଦୁର୍ବୃତ୍ତ ମନ୍ଦିର ସମ୍ପତ୍ତିକୁ ଜୋର ଜବରଦସ୍ତ ହଡ଼ପ କରୁଥିବା ଅଭିଯୋଗ ହୋଇଛି। ଏଥିସହିତ ମନ୍ଦିର ପାଇଁ ଜମି ଦେଇଥିବା ପରିବାରଙ୍କୁ ଗାଳିଗୁଲଜ ଏବଂ ଅତ୍ୟାଚାର କରିବାରେ ଲାଗିଛନ୍ତି ବୋଲି ଅଭିଯୋଗ ହେଉଛି। ମା' ଦୁର୍ଗାଦେବୀଙ୍କ ଜମିକୁ ୩ ପରିବାର ବଳପୂର୍ବକ ନିଜ ଅକ୍ତିଆରକୁ କରିବା ପାଇଁ ଉଦ୍ୟମ କରିଛନ୍ତି। ଏନେଇ ବାସୁଖୁଣ୍ଟା ଗ୍ରାମବାସୀ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ। ଏଥିସହିତ ବିଜୁ ଜନତା ଦଳର ପ୍ରତିନିଧିମଣ୍ଡଳୀ ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କୁ ଭେଟି ଆଇନ ଅନୁସାରେ ମନ୍ଦିର, ମନ୍ଦିର ସମ୍ପତ୍ତି ଓ ପୀଡ଼ିତ ପରିବାରଙ୍କ ସୁରକ୍ଷା ସହିତ ବିଏନ୍ଏସ୍ ୧୬୩ କେମିତି ବଳବତ୍ତର ରହିବ ସେନେଇ ଆଲୋଚନା କରିଛନ୍ତି। ଜିଲ୍ଲାପାଳ ପ୍ରଭାବିତ ପରିବାରଙ୍କୁ ଉଚିତ୍ ନ୍ୟାୟ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିନିଧି ମଣ୍ଡଳରେ ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ, ଡା. ଲେଖାଶ୍ରୀ ସମନ୍ତସିଂହାର, ରେମୁଣା ବ୍ଲକ୍ ଭାଇସ୍ ଚେୟାରମେନ ସୁମତୀ ବେହେରା, ପୂର୍ବତନ ପିଏସ୍ ସଦସ୍ୟ ରୂପେଶ ଜେନା, କେ. ମୁଖୁରା ଓ ଅନ୍ୟାନ୍ୟ ବରିଷ୍ଠ ନେତା ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି, ମା'ଙ୍କ ଜମିରେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଧାରା ୧୬୩ ଲାଗୁ ରହିଥିବା ବେଳେ ଜବରଦସ୍ତ କୋର୍ଟଙ୍କ ରାୟକୁ ଅବମାନନା କରି ତିନି ପରିବାର ଜମିକୁ ଚାଷ କରିବାର ଅପଚେଷ୍ଟା କରୁଛନ୍ତି। ଏନେଇ ରେମୁଣା ଥାନାରେ ମଧ୍ୟ ଅଭିଯୋଗ ହୋଇଛି। ମାତ୍ର ରେମୁଣା ଥାନା ନିରବଦ୍ରଷ୍ଟା ସାଜିଛି। ନ୍ୟାୟ ପାଇଁ ଗ୍ରାମବାସୀ ଦଉଡ଼ି ଦଉଡ଼ି ନୟାନ୍ତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ଏବାବଦରେ ତ୍ୱରିତ ପଦକ୍ଷେପ ନେବାକୁ

# ଟିପିଏନ୍ଓଡିଏଲ ପକ୍ଷରୁ 'ଉର୍ଜା ସଖୀ'ଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର/କେନ୍ଦୁଝର,୨୨।୮ (ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍ଓଡିଏଲ୍) କେନ୍ଦୁଝର ସର୍କଲରେ ମିଟରିଂ, ବିଲିଂ ଏବଂ କଲେକ୍ସନ (ଏମବିସି) କାର୍ଯ୍ୟକଳାପରେ ନିୟୋଜିତ "ଉର୍ଜା ସଖୀ'ମାନଙ୍କ ପାଇଁ ସମ୍ବର୍ଦ୍ଧନା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଛି। କେନ୍ଦୁଝରର ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦୁଝର, ଯୋଡ଼ା ଏବଂ ଆନନ୍ଦପୁର ଡିଭିଜନର ୧୫୦ରୁ ଅଧିକ ଉର୍ଜା ସଖୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଡିଭିଜନରେ ବିଲିଂ ଏବଂ ରାଜସ୍ୱ ସଂଗ୍ରହ ସୁନିଶ୍ଚିତ କରିବାରେ ଉର୍ଜା ସଖୀମାନଙ୍କ ଭୂମିକାକୁ ସ୍ୱୀକୃତି ଦେବା ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଦକ୍ଷତା ଗଠନ ଅଧିବେଶନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଟିପିଏନ୍ଓଡିଏଲର ବାଣିଜ୍ୟିକ ଏବଂ ସିଏସଆର ମୁଖ୍ୟ ଜୟଦୀପ ରାୟ, ସିଏସଆର ମୁଖ୍ୟ ଦିଲୀପ କୁମାର ସାହୁ, କେନ୍ଦୁଝର ଏସଇ (ସୁପରିଟେଣ୍ଡିଂ ଇଞ୍ଜିନିୟର) ରଶ୍ମିକାନ୍ତ ବେହେରା, ବାଣିଜ୍ୟିକ ଏସଇ ସଞ୍ଜୀବ କୁମାର ଜେନା, ଏମଆରବିଡି ଏବଂ ଆରସିଜି ମୁଖ୍ୟ ସୁଭଜ୍ୟୋତି ଦାସ, ଆନନ୍ଦପୁର ଇଲେକ୍ଟ୍ରିକାଲ୍ ଡିଭିଜନ ଇଇ (ଏକଜିକ୍ୟୁଟିଭ ଇଞ୍ଜିନିୟର) ଅଶ୍ୱିନୀ କୁମାର ମହନ୍ତ, କେନ୍ଦୁଝର ଇଲେକ୍ଟ୍ରିକାଲ୍ ଡିଭିଜନ ଇଇ ମିନକେତନ ସାମଲ ଏବଂ ଏମଆରଟି ଇଇ ରାଜଲକ୍ଷ୍ମୀ ମଲ୍ଲିକ ଏବଂ ଉପ-ବିଭାଗୀୟ ଅଧିକାରୀ ଏବଂ କନିଷ୍ଠ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ। ମିଟର ରିଡିଂ, ବିଲିଂ ଏବଂ କଲେକ୍ସନରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଉର୍ଜା ସଖୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଦିଲୀପ କୁମାର ସାହୁଙ୍କ ନେତୃତ୍ୱରେ ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଯାହା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲୁଏସଏଚଜି) ଏବଂ ଡିଭିଜନାଲ୍ ମ୍ୟାନେଜରମାନଙ୍କୁ ବିଲିଂ ଏବଂ ରାଜସ୍ୱ ସଂଗ୍ରହରେ ସଶକ୍ତ କରିବା ଏବଂ ଗ୍ରାହକ ସନ୍ତୁଷ୍ଟି ବୃଦ୍ଧି କରିବା ପାଇଁ ବ୍ୟବହାରିକ ଦୃଷ୍ଟିକୋଣ ଏବଂ ଅଭିନବ ଧାରଣା ବିନିମୟ କରିବାକୁ ଉତ୍ସାହିତ କରିଥିଲା। କର୍ମଚାରୀମାନେ ଡିଭିସନ ଏବଂ ସେକ୍ସନ ଟିମମାନଙ୍କୁ ଉର୍ଜା ସଖୀମାନଙ୍କୁ ସକ୍ରିୟ ସମର୍ଥନ କରିବାକୁ ଅନୁରୋଧ କରିଥିଲେ ଏବଂ ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଉର୍ଜା ସଖୀମାନେ ବିଦ୍ୟୁତ ସୁରକ୍ଷା, ସଠିକ୍ ମିଟରିଂ, ସଠିକ୍ ବିଲିଂ ଏବଂ ଡିଜିଟାଲ୍ ପେମେଣ୍ଟର ଉପକାରିତା ଉପରେ ଗୁରୁତ୍ୱାରୋପ କରି ଏକ ଛୋଟ ନାଟକ ପ୍ରଦର୍ଶନ କରିଥିଲେ। ଏହିପରି କାର୍ଯ୍ୟକ୍ରମଗୁଡିକ ମାଧ୍ୟମରେ, ଟିପିଏନ୍ଓଡିଏଲ୍ ଉତ୍ତର ଓଡିଶାରେ ଉନ୍ନତ ଗ୍ରାହକ ସେବା ପ୍ରଦାନ କରିବା ସହିତ ତୃଣମୂଳସ୍ତରରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ନିଜର ପ୍ରୟାସ ଜାରି ରଖିଛି।

**କେନ୍ଦୁଝରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ**




## ଯୁବକଙ୍କର ଅସ୍ୱାଭାବିକ ମୃତ୍ୟୁ

ସୋର,୨୨।୮ (ସମିସ): ଔପଦା ଥାନା ଗଜାଆମ୍ବ ଗ୍ରାମର ଜଣେ ଯୁବକଙ୍କର ସୋର ମେଡ଼ିକାଲରେ ଅସ୍ୱାଭାବିକ ମୃତ୍ୟୁ ହୋଇଯାଇଥିବା ଜଣାପଡିଛି। ସୂଚନାନୁଯାୟୀ, ଗ୍ରାମର କାଳିଆ ସିଂ (୩୦) ଆଜି ସନ୍ଧ୍ୟାରେ ବିଲରୁ କାମ କରି ଘରକୁ ଫେରିବା ପରେ ଅସୁସ୍ଥ ଅନୁଭବ କରିଥିଲେ। ପରେ ରକ୍ତବନ୍ତି କରିବାରୁ ପରିବାର ଲୋକେ ତାଙ୍କୁ ସୋର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଯୁବକ ଜଣଙ୍କ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୁଲିସ କହିଛି।

**ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

## ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ

ଭୋଗରାଇ,୨୨।୮ (ସମିସ): ଭୋଗରାଇ ବ୍ଲକ୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍ଏସ୍ଏସ୍, ଯୁବ ରେଡକ୍ରସ ଓ ଇକୋକ୍ଲବ୍ ଆନୁକୂଲ୍ୟରେ ଏବଂ ରାଜ୍ୟ ଜଙ୍ଗଲ ବିଭାଗ ସହାୟତାରେ ସୌମ୍ୟାଶ୍ରୀ ବିଶିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା କଳ୍ପନାରାଣୀ ଭଞ୍ଜଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା ମହାବିଦ୍ୟାଳୟ +୩ର ଅଧ୍ୟକ୍ଷ ଅବିନାଶ ସାହୁ, ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ବିଜୟ କୁମାର ସିଂହ, ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ଅନୁଷ୍ଠାନର ଛାତ୍ରୀମାନେ ଏକ ପରିବେଶ ସଚେତନତା ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିବା ସହ ଅନୁଷ୍ଠାନ ପରିସର, ସ୍ଥାନୀୟ ଭୋଗରାଇର ଆରାଧ୍ୟା ଦେବୀ ମାଆ ବାଶୁଳୀଙ୍କ ମନ୍ଦିର ପରିସର ଓ ପାନୀୟ ଜଳ




ଯୋଗାଣ କ୍ଷେତ୍ର ପରିସରରେ ଚାରାରୋପଣ କରିଥିଲେ। ଏହାପରେ ଏନ୍ଏସ୍ଏସ୍, ଯୁବ ରେଡକ୍ରସ ଓ ଇକୋକ୍ଲବ୍ ଦ୍ୱାରା ଲୋକମାନଙ୍କୁ ଚାରାବଣ୍ଟନ କରାଯାଇଥିଲା। ଆଜିର ଏହି ମେଗା ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ ଅଧିକାରୀଅଧ୍ୟାପକରାଜୀବଲୋଚନପରିଡ଼ା, ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ସାଧନା ନାୟକ, ଇକୋକ୍ଲବ ଅଧିକାରୀ ଅଧ୍ୟାପକ ସୁବ୍ରତ କୁମାର ଦାସ ମିଳିତ ଭାବରେ ସଂଯୋଜନା କରିଥିଲେ। ଅଧ୍ୟାପକ ରାମଚନ୍ଦ୍ର ଭଞ୍ଜ, ଅଧ୍ୟାପକ ସରୋଜ କୁମାର ଦାସ, ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ନାୟକ, ଅଧ୍ୟାପିକା ସଂଯୁକ୍ତା ମହାନ୍ତି, ଶକ୍ତିପଦ ଜେନା, ପ୍ରଦୀପ କୁମାର ପାତ୍ର, ବିନ୍ଦୁବାସିନୀ ପ୍ରଧାନ, କାଞ୍ଚନ ବାଲା ଦାସଙ୍କ ସହ ଉପରୋକ୍ତ ତିନି ବିଭାଗର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ସ୍ୱର୍ଗତ ସୌମ୍ୟାଶ୍ରୀ ବିଶିଙ୍କ ବାପା ତଥା ଅନୁଷ୍ଠାନର କର୍ମଚାରୀ ବଳରାମ ବିଶି ଆଜିର କାର୍ଯ୍ୟକ୍ରମ ପାଇଁ ସହାୟତା ଓ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଶ୍ରମ ସ୍କୁଲକୁ କମ୍ପ୍ୟୁଟର ପ୍ରଦାନ

ଜଳେଶ୍ୱର,୨୨।୮ (ସମିସ): ଜଳେଶ୍ୱର ବ୍ଲକ ଅଧୀନରେ ଥିବା ସମସ୍ତ ଆଶ୍ରମ ବିଦ୍ୟାଳୟକୁ ଜନ କଲ୍ୟାଣ ସାମାଜିକ ଯୋଜନାରେ କମ୍ପ୍ୟୁଟର ବିତରଣ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷ ସେବାଶ୍ରମର ପ୍ରଧାନଶିକ୍ଷକ ମାନଙ୍କୁ କମ୍ପ୍ୟୁଟର ସାମଗ୍ରୀ ପ୍ରଦାନ କରିଥିଲେ। ବ୍ଲକରେ ଥିବା ଆଶ୍ରମ ସ୍କୁଲ ମାନଙ୍କରେ ବିଭିନ୍ନ ଅଫିସିଆଲ୍ କାର୍ଯ୍ୟ କରିବା ନିମନ୍ତେ ପ୍ରଧାନ ଶିକ୍ଷକମାନେ ଜନସେବା କେନ୍ଦ୍ର ଓ



ସୁଦୁର ବ୍ଲକକୁ ଆସି ଅସୁବିଧା ସମ୍ମୁଖୀନ ହେଉଥିଲେ। ଜନ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ସଜତ୍ କୁମାର ଅନୁପମ ସ୍ଥାନୀୟ ଘୋରଇ ବ୍ୟାଙ୍କ୍ ଆଇଡିବିଆଇ ଅଧିକାରୀଙ୍କୁ କମ୍ପ୍ୟୁଟର ଯୋଗାଇବା ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ଏହାକୁ ଗ୍ରହଣ କରି ବ୍ୟାଙ୍କ ପକ୍ଷରୁ, ହାଟପଦା ସେବାଶ୍ରମ, କୁବିଡିଆ ସେବାଶ୍ରମ, ସଦାରବନ୍ଧ ସେବାଶ୍ରମ ଓ କେନ୍ଦୁଖୁଣ୍ଟା ଆଶ୍ରମ ସ୍କୁଲକୁ କମ୍ପ୍ୟୁଟର ପ୍ରଦାନ କରାଯାଇଛି। ବିତରଣ କାର୍ଯ୍ୟକ୍ରମରେ ଆଇଡିବିଆଇ ଶାଖା ପରିଚାଳକ ଅଖୟ ଇନ୍ଦୁ ଦାସ, ପ୍ରଧାନଶିକ୍ଷକ ଅଜୟ ଗିରି, ପ୍ରଦୀପ ପରିଡା, ଚୈତ୍ୟନ୍ୟ ସିଂ ବୁଦ୍ଧିରାମ ସିଂ ସାମଗ୍ରୀ ଗ୍ରହଣ କରିଥିଲେ।

## ଖାଲଖମା ରାସ୍ତା ମରାମତି କଲେ ଯୁବଗୋଷ୍ଠୀ



ଜଳେଶ୍ୱର,୨୨।୮ (ସମିସ): ଜଳେଶ୍ୱର ବ୍ଲକ ଅଧୀନ ଗୋବରଘାଟା ପଞ୍ଚାୟତ ସ୍ଥିତ ଐତାହାସିକ ଜଗନ୍ନାଥ ସଡ଼କରେ ବହୁ ଛୋଟ ବଡ଼ ଖାଲଖମା ସୃଷ୍ଟିହୋଇ ଦୁର୍ଘଟଣାକୁ ଆଁକରି ରହିଛି। ଉକ୍ତ ଆନ୍ତଃରାଜ୍ୟ ଚଳଚଞ୍ଚଳ ତଥା ଗୁରୁତ୍ୱପୂର୍ଣ୍ଣ ସଡ଼କରେ ପ୍ରତ୍ୟହ ଶହଶହ ଯାତ୍ରୀ ଓ ଛାତ୍ରଛାତ୍ରୀ ଯାତାୟାତ କରିଥାନ୍ତି। ଲଗାତର ଛୋଟ ବଡ଼ ସଡ଼କ ଦୁର୍ଘଟଣା ହେଉଥିବା ବେଳେ ମରାମତି ସମ୍ପର୍କରେ କାହାର ନିଘା ନାହିଁ। ଆଖି ସମ୍ମୁଖରେ ରାସ୍ତାର ଏଭଳି ଦୟନୀୟ ସ୍ଥିତି ଦେଖି ସ୍ଥାନୀୟ ଯୁବଗୋଷ୍ଠୀ କାଳୀମନ୍ଦିର ସମ୍ମୁଖରେ ଥିବା ଖାଲଖମାକୁ ମରାମତି କରିଛନ୍ତି। ରୋଟାରୀୟାନ ଶ୍ୟାମସୁନ୍ଦର ମିର୍ଦ୍ଧାଙ୍କ ନେତୃତ୍ୱରେ, ଗଣେଶ ଦଳାଇ, ବିଶ୍ୱଜିତ ପାଳ, ଦିପୁ ପାଳ, ତ୍ରିଲୋଚନ ମିର୍ଦ୍ଧା, ଦିପୁ ବେହେରା, ବିଷ୍ଣୁଚରଣ ପାତ୍ର, ଶ୍ୟାମ ସୁନ୍ଦର ଭୂୟାଁ, ମଙ୍ଗଳା ପ୍ରଧାନ ପ୍ରମୁଖ ଯୁବ ଗୋଷ୍ଠୀ ସଡ଼କ ସଫେଇ ଓ ମରାମତି କାର୍ଯ୍ୟ କରିଥିଲେ।

## ରୋଟାରାକ୍ଟ କ୍ଲବ୍ ପକ୍ଷରୁ ଉପକାରାଗାରରେ ଖେଳ ସାମଗ୍ରୀ ବଣ୍ଟନ




ଜଳେଶ୍ୱର,୨୨।୮ (ସମିସ): ଅନ୍ତର୍ଜାତୀୟ ଅଗ୍ରଣୀ ଯୁବ ସେଚ୍ଛାସେବୀ ସଂଗଠନ ଜଳେଶ୍ୱର ରୋଟାରାକ୍ଟ କ୍ଲବ ପକ୍ଷରୁ ଉପ-କାରାଗାରରେ ଖେଳ ସାମଗ୍ରୀ ବଣ୍ଟନ ସହିତ ଜଳେଶ୍ୱର ଦେଉଳି-ପଞ୍ଚୁଘଣ୍ଟା ମଙ୍ଗଳା ମନ୍ଦିରରେ ହସ୍ତପାଦ ପ୍ରକ୍ଷାଳନ ବ୍ୟବସ୍ଥା କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମକୁ ରୋଟାରୀ କ୍ଲବ୍‌ର ରୋଟାରାକ୍ଟ କମିଟି ଅଧ୍ୟକ୍ଷ ତଥା ଇଂ ଭାସ୍କର ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ରୋଟାରୀ ଜିଲ୍ଲା ୩୨୬୨ ଜିଲ୍ଲା ଗଭର୍ଣ୍ଣର (ପ୍ରାନ୍ତପାଳ) ମନୋଜ କୁମାର ତ୍ରିପାଠୀ ଉଦଘାଟନ କରିଥିଲେ। ଯୁବିପିଢ଼ିଙ୍କ ସମାଜସେବା କ୍ଷେତ୍ରରେ ନୂଆ ଦିଶା ଦେଖାଇ କଏଦୀମାନଙ୍କୁ ଘୃଣା ନକରି ତାଙ୍କ ପ୍ରତି ଶ୍ରଦ୍ଧା, ଭଲପାଇବା ଦେଇ ଖେଳ ସାମଗ୍ରୀ ପ୍ରଦାନ ଓ ଭକ୍ତଙ୍କ ଉଦ୍ଦେଶ୍ୟରେ ମନ୍ଦିରରେ ପାଦ ଓ ହସ୍ତ ପ୍ରକ୍ଷାଳନ ଭଳି ମହତ କାର୍ଯ୍ୟ କରିଥିବାରୁ ସେ ପ୍ରଶଂସା କରିଥିଲେ। ରୋଟାରାକ୍ଟ କ୍ଲବର ସ୍ୱତନ୍ତ୍ର ଉପଦେଷ୍ଟା ସୁବ୍ରତ ରଣା, ଉପଦେଷ୍ଟା ରାଜେଶ ଖଟୁଆ, ସଭାପତି ସଞ୍ଜୀବ କୁମାର ପାତ୍ର, ସମ୍ପାଦକ ଅରୁଣ ରଣା, ଆଇପିପି ନିହାର ଖୁଣ୍ଟିଆ, ପ୍ରାକ୍ତନ ସଭାପତି ପୁଷ୍ପେନ୍ଦୁ ଜେନା, ରାଜକିଶୋର ହୁଇ, ଆନନ୍ଦ କର, ସୁରଜ ଚୌରାସିଆ, ହରିଶଙ୍କର ଜେନା, ହାସିରୁଦ୍ଦିନ ବକ୍ସ, ଗୋପାଳ ବେହେରା, ପୱନ୍ ସାହୁ, ସୁମିତ ସାହୁ, କ୍ଷୀତିଶ କୁମାର ବ୍ରହ୍ମ ପ୍ରମୁଖଙ୍କ ସହିତ ଜଳେଶ୍ୱର ରୋଟାରୀ କ୍ଲବ ସଭାପତି ସୁବୀର ସେନାପତି, ସମ୍ପାଦକ ଅଂଶୁମାନ ରାଉତ, ପ୍ରାକ୍ତନ ସଭାପତି ବିକାଶ କୁମାର ଧର, ସୁରେଶ କୁମାର ସାହୁ, ସତ୍ୟନାରାୟଣ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ ଧକ୍କାରେ ୩ ବାଇକ୍ ଆରୋହୀ ଗୁରୁତର

ସୋର,୨୨।୮ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ନାୟକବନ୍ଧ ପୋଲ ତଳେ ଏକ କାର୍ ବାଇକକୁ ଧକ୍କା ଦେବାରୁ ୩ ଜଣ ବାଇକ୍‌ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ସୋର ମେଡିକାଲରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନାନୁଯାୟୀ, ଗୁରୁବାର ରାତିରେ ନାୟକବନ୍ଧ ଗ୍ରାମର ଗଣେଶ୍ୱର ସିଂ(୨୩), ଦୁଷିଆ ଦାସ (୨୨) ଏବଂ ବାଲେଶ୍ୱର ଆଇଟିଆଇ ଅଞ୍ଚଳର ରବି ଟୁଡୁ (୨୪) ବାଇକ୍‌ରେ ବିଦୁରୁ ନାୟକବନ୍ଧ ଗ୍ରାମକୁ ଫେରୁଥିବା ବେଳେ ନାୟକବନ୍ଧ ପୋଲ ତଳେ ବିପରୀତ ଦିଗରୁ ଆସୁଥିବା ଓଡି ୦୧ଏୱାଇ ୦୧୬୯ ନମ୍ବର ବିଶିଷ୍ଟ ଏକ କାର ଦ୍ରୁତ ଗତିରେ ଆସି ବାଇକକୁ ଧକା ଦେଇଥିଲା। ଫଳରେ ୩ ଜଣ ବାଇକଆରୋହୀ



ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରିବା ସହିତ ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ୧୧୨ ଗାଡ଼ିରେ ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସାପରେ ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚଜିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ତେବେ ଦୁର୍ଘଟଣା ଘଟାଇବା ପରେ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୁଲିସ କାର୍ ଏବଂ ବାଇକକୁ ଜବତ କରି ଥାନାରେ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

# ୬୦ନଂ ଜାତୀୟ ରାଜପଥ ଦେଇ ଖୁଲମଖୋଲା ଚାଲିଛି ଗୋଚାଲାଣ

ଜଳେଶ୍ୱର,୨୨।୮ (ସମିସ)

ଓଡ଼ିଶା ସୀମାନ୍ତ ସୁନାକଣିଆ ଚେକ୍‌ପୋଷ୍ଟ ନିକଟରେ ଏକ ଗୋରୁ ବୋଝେଇ କଣ୍ଟେନରକୁ ଜବତ କରିଛି ପଶ୍ଚିମବଙ୍ଗର ଦାନ୍ତୁନ ପୁଲିସ। ଓଡ଼ିଶାରୁ ପଶ୍ଚିମବଙ୍ଗ ଯିବା ସମୟରେ ବଜରଙ୍ଗ ଦଳରକର୍ମୀ ମାନେ କଣ୍ଟେନରର ପିଛା କରିଥିଲେ। ଏହି କଣ୍ଟେନରରେ ୪୦ରୁ ଅଧିକ ଗୋରୁ ଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଯାଇଛି। ସୂଚନାନୁଯାୟୀ, ବାଲେଶ୍ୱର ଜିଲ୍ଲାରେ ବିଭିନ୍ନ ସାପ୍ତାହିକ ହାଟରୁ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ବେଆଇନ ଗୋଚାଲାଣ ହେଉଥିଲେ ମଧ୍ୟ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିଲା। ବିଭିନ୍ନ ହାଟରୁ ଗୋରୁମାନଙ୍କୁ



**ପ୍ରଶାସନ ପକ୍ଷରୁ ଉଚିତ ପଦକ୍ଷେପ ପାଇଁ ଦାବି**

ଆଣି କଣ୍ଟେନର ଯୋଗେ ସ୍ଥାନୀୟ ଦଲାଲ ମାଧ୍ୟମରେ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ବେଳେ ଦଲାଲଙ୍କ ସହାୟତାରେ ବିଭିନ୍ନ ଚେକ୍‌ପୋଷ୍ଟ, ଟୋଲଗେଟ ଓ ଥାନା ଆଦି ଅତିକ୍ରମ କରି ସୁରୁଖୁରୁରେ ଚାଲାଣ କରାଯାଉଛି ବୋଲି ଅଭିଯୋଗ ହେଉଛି। ଶୁକ୍ରବାର ମଧ୍ୟାହ୍ନରେ ଏକ ଗୋରୁ ବୋଝେଇ କଣ୍ଟେନର (ଏମଏଚ ୪୩ୱାଇ ୪୯୦୧) ଓଡ଼ିଶା ସୀମାନ୍ତ ସୁନାକଣିଆ ଚେକ୍ ପୋଷ୍ଟରେ ଧରାପଡ଼ିଥିଲା। ଯେଉଁଥିରେ ଅନେକ ଗୋର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ ଅବସ୍ଥାରେ ଥିଲେ। ତେବେ ସ୍ଥାନୀୟ ଅଞ୍ଚଳରେ ଗୋଶାଳା ନଥିବାରୁ ପଶ୍ଚିମବଙ୍ଗ ପୁଲିସ ଜଳେଶ୍ୱର ପୁଲିସର ସହାୟତାରେ ବାଲେଶ୍ୱର ଗୋଶାଳା ପଠାଯାଇଥିଲା। ଜିଲ୍ଲାର ଫାଣ୍ଡି ଓ ଥାନା ସମ୍ମୁଖ ଦେଇ ଗୋଚାଲାଣ ହେଉଥିଲେ ମଧ୍ୟ ପୁଲିସ କାର୍ଯ୍ୟଦକ୍ଷତାକୁ ନେଇ ଗୋରକ୍ଷକମାନେ ପ୍ରଶ୍ନ ଉଠାଇଛନ୍ତି। ପ୍ରଶାସନ ଉଚିତ ପଦକ୍ଷେପ ଏଦିଗରେ ନ ଆପଣାଇଲେ ଆଗାମୀ ଦିନରେ ଗୋରକ୍ଷକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି।

## ଅନୁଦାନ ଦାବିରେ ଅଧ୍ୟାପକ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କାଳିପଦା,୨୨।୮ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଆହ୍ୱାନରେ ଶୁକ୍ରବାର ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜର ଅଧ୍ୟାପକ କର୍ମଚାରୀ କଲେଜ ପରିସରରେ ଧାରଣା ତଥା ଅନଶନରେ ବସିଛନ୍ତି। ସରକାର ୨୦୦୮ରୁ ୨୦୧୮ ମସିହା ପର୍ଯ୍ୟନ୍ତ ଅଧ୍ୟାପକ କର୍ମଚାରୀଙ୍କୁ ଅନୁଦାନ ନ ଦେବା ପ୍ରତିବାଦରେ ଏହି ଧାରଣା ଅନୁଷ୍ଠିତ ହୋଇଥିବା କୁହାଯାଇଛି। ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି ସେଯାଏଁ ଧାରଣା ଜାରିରହିବ ବୋଲି ସଂଘର କର୍ମକର୍ତ୍ତାମାନେ କହିଛନ୍ତି। ରାଜ୍ୟ ସରକାର ଅଧ୍ୟାପକ କର୍ମଚାରୀଙ୍କ ଦାବି ପୂରଣ ନ କଲେ ଅଧ୍ୟାପକ କର୍ମଚାରୀ ଆନ୍ଦୋଳନକୁ ଅଧିକ ବ୍ୟାପକ କରିବେ ବୋଲି ମଧ୍ୟ କହିଛନ୍ତି। କର୍ମଚାରୀମାନେ କଲେଜରେ ୭ ଘଣ୍ଟା କାର୍ଯ୍ୟ କରିବା ସହିତ ନିର୍ବାଚନ କାର୍ଯ୍ୟ,



ଜନଗଣନା ଆଦି କାର୍ଯ୍ୟ ମଧ୍ୟ କରୁଛନ୍ତି। ଆର୍ଥିକ ଅନୁଦାନ ନ ପାଇ କର୍ମଚାରୀମାନେ ଦୁଃଖକଷ୍ଟରେ ସେମାନଙ୍କ ପରିବାରକୁ ଚଳାଉଛନ୍ତି। ଚାକିରୀ କରିବା ବୟସ ମଧ୍ୟ ସେମାନଙ୍କର ଅତିକ୍ରାନ୍ତ ହୋଇଗଲାଣି। ଏହି ଧାରଣା ଅନଶନରେ ଅଧ୍ୟାପକ ବଙ୍କିମ ଚନ୍ଦ୍ର ମୈକାପ, ବରିଷ୍ଠ କିରାଣୀ ଗୋପୀନାଥ ପଣ୍ଡା, ସହକାରୀ ଲାଇବ୍ରେରୀଆନ ପ୍ରଶାନ୍ତ କୁମାର ଗିରି, ଡାଟା ଅପରେଟର ଶଶିକାନ୍ତ ଜେନା, ସନ୍ତୋଷ କୁମାର ସାହୁ, ଅନନ୍ତ କୁମାର ସେନାପତି, ସୁଧାକର ଦାସ, ଗଣେଶ ଚନ୍ଦ୍ର ଜେନା, ଦେବେନ୍ଦ୍ର ନାଥ ଘୋଷ, କମଳାକାନ୍ତ ଗୋଛାୟତ, ବଂଶୀଧର ନାୟକ, ମୃତ୍ୟୁଞ୍ଜୟ ଜେନା, ସରୋଜ କୁମାର ଦାସ, ଚନ୍ଦନ କୁମାର ପାତ୍ର, ଅଜିତ କୁମାର ସାହୁ, ଇନ୍ଦ୍ରଜିତ ସାହୁ, ଲିପିକା ମାନ୍ନା, ମିତାରାଣୀ ବିଶ୍ୱାଳ ପ୍ରମୁଖ ଧାରଣା ଅନଶନରେ ସାମିଲ ହୋଇଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୨୨-ସ୍ପେନ୍ ବିପକ୍ଷରେ ମରକ୍କୋରେ ବିଦ୍ରୋହ।
- ୧୯୪୭- ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦେଶର ଉପ ପ୍ରଧାନମନ୍ତ୍ରୀ ହେଲେ।
- ୧୯୭୬- ଚୀନ୍‌ରେ ଭୂମିକମ୍ପ ଯୋଗୁଁ ହଜାରେ ଲୋକଙ୍କ ମୃତ୍ୟୁ।
- ୧୯୯୫- ଦେଶର ପ୍ରଥମ ସେଲୁଲାର ଫୋନ୍‌କୁ କଲିକତାରେ ବ୍ୟବସାୟିକ ପ୍ରବେଶ କରାଗଲା।
- ୨୦୦୮ - ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ମଧୁ କୋଡ଼ା ନିଜ ପଦବୀରୁ ଇସ୍ତଫା ଦେଲେ।

## ଆଜି ବାହୁଡ଼ିଥିଲେ: ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ




ସ୍ୱାଧୀନତା ପାଇଁ ଯେତେବେଳେ ବ୍ରିଟିଶମାନଙ୍କ ସହ ଭାରତୀୟମାନେ ଲଢୁଥିଲେ ସେହି ସମୟରେ ଓଡ଼ିଶାରେ ଯେଉଁ କେତେଜଣ ନାରୀ କବିଙ୍କ ଆବିର୍ଭାବ ହୋଇଥିଲା ସେମାନଙ୍କ ମଧ୍ୟରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଅନ୍ୟତମ ଥିଲେ। ଏକାଧାରରେ ସେ ଥିଲେ ଜଣେ ଲେଖିକା, ସମ୍ପାଦିକା, ସେବିକା, ସଂସ୍କାରକ ଓ ବିପ୍ଳବୀ। ତାଙ୍କ ଲେଖାରେ ଥିବା ଆହ୍ୱାନ ସମସ୍ତଙ୍କୁ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିବାକୁ ପ୍ରେରଣା ଦେଉଥିଲା। ଜାତିଆଣ ଭାବ ଓ ବାଲ୍ୟବିବାହ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରୁଥିଲେ। ପେସାରେ ସେ ଜଣେ ଡାକ୍ତର ହୋଇଥିଲେ ସୁଦ୍ଧା ଲେଖାଲେଖିରେ ତାଙ୍କର ଗଭୀର ରୁଚି ଥିଲା। ଓଡ଼ିଶାର ସେ ପ୍ରଥମ ମହିଳା ଡାକ୍ତର ଥିଲେ। ସ୍ୱଳ୍ପ ଅବଧିର ଜୀବନ କାଳରେ ସେ ସୃଷ୍ଟି କରିଥିଲେ ଏକାଧିକ ମର୍ମସ୍ପର୍ଶୀ କାବ୍ୟଗ୍ରନ୍ଥ, ଉପନ୍ୟାସ ଓ ପ୍ରବନ୍ଧ। ଜାତିପ୍ରଥା, ପରଦା ପ୍ରଥା, ବାଲ୍ୟ ବିବାହ ଓ ଲିଙ୍ଗଗତ ବାଛବିଚାର ବିରୋଧରେ ସେ ଲେଖୁଥିଲେ। ଏହାଛଡ଼ା ବିଧବା ବିବାହ ଓ ନାରୀ ସଶକ୍ତୀକରଣ ନିମନ୍ତେ ସେ କାମ କରୁଥିଲେ। ତାଙ୍କ ରଚିତ ପ୍ରଥମ କବିତା 'ତାରାପତି' ଉତ୍କଳ ସାହିତ୍ୟରେ ପ୍ରକାଶିତ ହୋଇଥିଲା। ତାଙ୍କ ଚର୍ଚ୍ଚିତ କବିତାଗୁଡ଼ିକ ମଧ୍ୟରେ ଥିଲା 'ଅଞ୍ଜଳି', 'ଉଚ୍ଛ୍ୱାସ', 'ଆହ୍ୱାନ', 'ଅଭିଶପ୍ତର ଅଭିମାନ', 'ପୂଜା' ଏବଂ 'ଶେଫାଳି ପ୍ରତି'। କେବଳ କବିତା ନୁହେଁ, 'ଭ୍ରାନ୍ତି', 'ନଅତୁଣ୍ଡୀ', 'କାଳୀ ବୋହୂ', 'ପରଶମଣି', 'ରଘୁ ଅରକ୍ଷିତ' ଆଦି ଅନେକ ସଫଳ ଉପନ୍ୟାସର ମଧ୍ୟ ଥିଲେ ସ୍ରଷ୍ଟା। ଓଡ଼ିଆ ସାହିତ୍ୟକୁ ତାଙ୍କ ଅବଦାନ ଅତୁଳନୀୟ। ହିନ୍ଦୀ ଓ ଇଂରାଜୀରେ ମଧ୍ୟ ସେ ଲେଖୁଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସେ ବକ୍ତୃତା ଦେବା ନିମନ୍ତେ ନିମନ୍ତ୍ରିତ ହୋଇଥିଲେ। ଓଡ଼ିଆ ଭାଷାର ଉନ୍ନତି କଳ୍ପେ ସେ ଦିଲ୍ଲୀରେ ଭାରତୀ ତପୋବନ ସଂଘ ନାମରେ ଏକ ସମିତି ଗଢ଼ିଥିଲେ। ୧୯୨୫ ମସିହାରେ ପୁରୀର 'ମହିଳା ବନ୍ଧୁ ସମିତି' ତାଙ୍କୁ ଉତ୍କଳ ଭାରତୀ ନାମରେ ସମ୍ମାନିତ କରିଥିଲେ। ତାଙ୍କର ଅନେକ ରଚନା ଇଂରାଜୀ ତଥା ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୁବାଦିତ ହୋଇଥିଲା। ୧୯୦୧ ମସିହା ଫେବ୍ରୁଆରୀ ୮ ତାରିଖରେ କୁନ୍ତଳା, ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ବସ୍ତରର(ବର୍ତ୍ତମାନ ଛତିଶଗଡ଼ର ବସ୍ତର ଜିଲ୍ଲା) ଜଗଦଲପୁରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଡାନିଏଲ୍ ସାବତ, ସେ ଜଣେ ଡାକ୍ତର ଥିଲେ। ଏଥିପାଇଁ ପିତାଙ୍କ ସହ ସୁଦୂର ବର୍ମାରେ ସେ କିଛି କାଳ ରହିଥିଲେ। ଶୈଶବ ଓ କୈଶୋର ତାଙ୍କର କଟିଥିଲା ବର୍ମାର ଅଣଓଡ଼ିଆ ପରିବେଶରେ। ତେଣୁ ସେ ଆରମ୍ଭରୁ ହିନ୍ଦୀ ଭାଷା ସହିତ ପରିଚିତ ହେଲେ। ତେବେ ଘରୋଇ ଉଦ୍ୟମରେ 'ମଧୁ ବର୍ଣ୍ଣବୋଧ', 'ଶିଶୁପାଠ', 'ସାହିତ୍ୟ କୁସୁମ', 'ସାହିତ୍ୟ ତରଙ୍ଗ' ଆଦିର ସହାୟତାରେ ସେ ଓଡ଼ିଆ ଶିଖିଲେ। ପରେ ସେ ମା'ଙ୍କ ସହ ଖୋର୍ଦ୍ଧା ଆସିଥିଲେ। ସେ ରେଭେନ୍ସା ବାଳିକା ବିଦ୍ୟାଳୟରେ ଶିକ୍ଷା ଲାଭ କଲା ପରେ କଟକ ଡାକ୍ତରୀ ବିଦ୍ୟାଳୟରେ (ବର୍ତ୍ତମାନର ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ) ଶିକ୍ଷା ଗ୍ରହଣ କରି ୧୯୨୧ ମସିହାରେ ସ୍ୱର୍ଣ୍ଣ ପଦକ ସହ ଏଲ୍. ଏମ୍. ପି, ଡିଗ୍ରୀ ପାଇ ଉତ୍ତୀର୍ଣ୍ଣ ହେଲେ। ଓଡ଼ିଆ ଭାଷା ଛଡ଼ା ସେ ବଙ୍ଗଳା, ଇଂରାଜୀ ଓ ବର୍ମାର ଭାଷା ଶିଖିଥିଲେ। ସେ ଆର୍ଯ୍ୟ ଧର୍ମ ଗ୍ରହଣ କରି ବ୍ରହ୍ମଚାରୀ କୃଷ୍ଣ ପ୍ରସାଦ ଦାସଙ୍କୁ ୮ ଅଗଷ୍ଟ ୧୯୨୮ ମସିହାରେ ବିବାହ କରିଥିଲେ। ବହୁମୁଖୀ ପ୍ରତିଭାର ଅଧିକାରିଣୀ କୁନ୍ତଳା କୁମାରୀଙ୍କର ମାତ୍ର ୩୭ ବର୍ଷ ବୟସରେ ୧୯୩୮ ମସିହା ଆଜିର ଦିନରେ ଦେହାନ୍ତ ହୋଇଥିଲା।

## ସୂର୍ଯ୍ୟକିରଣ ଓ ଟେକ୍ନୋଲୋଜିଠୁ ଦୂରରେ ପାତାଳକୋଟ



ପ୍ରାଚୀନ ଗ୍ରନ୍ଥ ଓ ପୁରାଣଗୁଡ଼ିକରେ ପାତାଳକୁ ଏକ ରହସ୍ୟମୟ ଏବଂ ଆଶ୍ଚର୍ଯ୍ୟଜନକ ଦୁନିଆ ଭାବରେ ବର୍ଣ୍ଣନା କରାଯାଇଛି। ଏହା ପୃଥିବୀ ତଳେ ଅବସ୍ଥିତ ବୋଲି କୁହାଯାଏ। ଏହି କ୍ରମରେ ମଧ୍ୟପ୍ରଦେଶ, ଛିନ୍ଦୱାଡା ଜିଲ୍ଲାର ଏକ ସ୍ଥାନ ପାତାଳ ଲୋକଠାରୁ କିଛି କମ୍ ନୁହେଁ। ଏହାର ନାଁ ପାତାଳକୋଟ। ସ୍ଥାନୀୟ ଅଞ୍ଚଳର ଲୋକେ ଏହାକୁ ପାତାଳ ଲୋକ ନାଁରେ ଜାଣନ୍ତି। ଏହି ସ୍ଥାନଟି ସମୁଦ୍ର ପତ୍ତନଠାରୁ ପାଖାପାଖି ୧୨୦୦ରୁ ୧୫୦୦ ଫୁଟ ତଳେ ଅବସ୍ଥିତ। ଆଜିକାଲିର ୫ଜି ଯୁଗରେ ବି ଏଠାକାର ଲୋକେ ଟେକ୍ନୋଲୋଜିଠାରୁ ବହୁ ଦୂରରେ। ଏବେ ବି ସେମାନେ ସେମାନଙ୍କର ପରମ୍ପରା ଏବଂ ପ୍ରକୃତି ସହିତ ସମନ୍ୱୟ ରଖି ଜୀବନଯାପନ କରୁଛନ୍ତି। ତେବେ ପାତାଳକୋଟରେ ୧୨ଟି ଛୋଟ ଛୋଟ ଗାଁ ରହିଛି। ତନ୍ମଧ୍ୟରୁ ୩ଟି ଗାଁ ଏମିତି ରହିଛି ଯେଉଁଠି ସକାଳ ବି ସନ୍ଧ୍ୟା ଭଳି ଲାଗିଥାଏ। କାରଣ ଏହି ଗାଁଗୁଡ଼ିକରେ ସୂର୍ଯ୍ୟାଲୋକ ପଡ଼ି ନ ଥାଏ। ମୁଖ୍ୟତଃ ପାତାଳକୋଟରେ ଗୋଣ୍ଡ ଏବଂ ଭାରିୟା ଜନଜାତିର ଲୋକେ ବସବାସ କରନ୍ତି। ଏଠାକାର କିଛି ଲୋକ ଚାଷ କାମ କରି ଜୀବନ ନିର୍ବାହ କରୁଥିବାବେଳେ ଆଉ କିଛି ଲୋକେ ଜଙ୍ଗଲଜାତ ଜିନିଷ ଓ ଜଡ଼ିବୁଟି ବିକ୍ରିକରି ଦୁଇ ପଇସା ଉପାର୍ଜନ କରିଥାନ୍ତି। ସବୁଠୁ ଭଲ କଥା ହେଉଛି, ପେଟ ଯନ୍ତ୍ରଣା, ଆଣ୍ଠୁଗଣ୍ଠି ଯନ୍ତ୍ରଣା ହେଉ କି ଶର୍କରା ସମସ୍ୟା, ସମସ୍ତ ରୋଗର ଉପଶମ ପାଇଁ ଏମାନଙ୍କ ପାଖେ ଜଡ଼ିବୁଟି ରହିଛି। ଏହାବାଦ୍ ପାତାଳକୋଟରେ ଏକ ସୁନ୍ଦର ଝରଣା ରହିଛି। ଏହି ଝରଣାର ପାଣିକୁ ହିଁ ଏଠାକାର ଲୋକେ ପିଇବା ଓ ଖାଦ୍ୟ ରାନ୍ଧିବା ପାଇଁ ବ୍ୟବହାର କରିଥାନ୍ତି। ସବୁଠୁ ବଡ଼ କଥା ହେଉଛି ଏହି ୧୨ଟି ଗାଁର ଲୋକଙ୍କର ବାହାର ଦୁନିଆ ସହିତ ଏତେଟା ସମ୍ପର୍କ ନ ଥିବାରୁ କରୋନା ମହାମାରୀ ସମୟରେ ଏଠାରେ ଗୋଟିଏ ବି କୋଭିଡ୍ ମାମଲା ଦେଖିବାକୁ ମିଳି ନଥିଲା।

## ସୁଗ୍ରୀବ ଭୂମିକାରେ ଅମିତ



ଚଳିତବର୍ଷ ଯେଉଁ ଫିଲ୍ମକୁ ନେଇ ସବୁଠୁ ଅଧିକ ଚର୍ଚ୍ଚା ହେଉଛି ତାହା ହେଉଛି ନୀତେଶ ତିୱାରୀଙ୍କ 'ରାମାୟଣ'। 'ରାମାୟଣ'ରେ ରାମ ଭୂମିକାରେ ରଣବୀର କପୁର, ସୀତା ଭୂମିକାରେ ସାଇ ପଲ୍ଲବୀ, ରାବଣ ଭୂମିକାରେ ଯଶ୍, ଲକ୍ଷ୍ମଣ ଭୂମିକାରେ ରବି ଦୁବେ, ହନୁମାନ ଭୂମିକାରେ ସନ୍ନି ଦେୱଲ, କୈକେୟୀଙ୍କ ଭୂମିକାରେ ଲାରା ଦତ୍ତା ନଜର ଆସିବେ। ନମିତ ମଲହୋତ୍ରା ଓ ଯଶ୍‌ଙ୍କ ପ୍ରଯୋଜିତ ଏହି ଫିଲ୍ମ ଭାରତୀୟ ଚଳଚ୍ଚିତ୍ର ଇତିହାସରେ ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ହେବାକୁ ଯାଉଛି। ଏବେ 'ରାମାୟଣ'ରେ ଆଉ ଜଣେ ଆଗଧାଡ଼ିର ଅଭିନେତାଙ୍କ ଏଣ୍ଟ୍ରି ହୋଇଛି। 'ମହାରାନୀ' ୱେବ୍ ସିରିଜ୍, ଅଜୟ ଦେବଗନଙ୍କ ବ୍ଲକ୍‌ବଷ୍ଟର୍ ଫିଲ୍ମ 'ରେଡ୍-୨' ରେ ଅଭିନୟ କରିଥିବା ଅମିତ ସିୟାଲ ଏବେ 'ରାମାୟଣ'ରେ ସୁଗ୍ରୀବଙ୍କ ଭୂମିକାରେ ଦେଖାଯିବେ। ଦିନକୁ ଦିନ 'ରାମାୟଣ'ରେ କଳାକାରଙ୍କ ସଂଖ୍ୟା ବଢ଼ି ଚାଲିଛି। ନିୟମିତ ବ୍ୟବଧାନରେ ନୂଆ ନୂଆ କଳାକାରମାନଙ୍କ ଏଣ୍ଟ୍ରି ହେଉଛି। ତେବେ ୨୦୨୬ ଦୀପାବଳିରେ 'ରାମାୟଣ'ର ପ୍ରଥମ ପାର୍ଟ ଓ ୨୦୨୭ ଦୀପାବଳିରେ ଏହାର ଦ୍ୱିତୀୟ ପାର୍ଟ ଆସିବ।

## ଆସ ପ୍ରଭୁ ଗଣନାଥ



ଭୋଦୁଅ ମାସର ଚତୁର୍ଥୀ ତିଥିରେ
ଆସ ପ୍ରଭୁ ଗଣନାଥ,
ଜାତି ଜାତି ଫୁଲ ଚାହିଁ ବସିଛନ୍ତି
ତୁମ ଆସିବାର ପଥ।
ଶୁଖି ଯାଇଅଛି ମାଟିର ସଡ଼କ
ନାହିଁ ଓଦା ପଚା ସଢ଼ା,
ତୁମ ଆସିବାର ଆଗମନ ଜାଣି
ତୋରଣ ହେଲାଣି ଗଢ଼ା।
ଆଲୋକ ମାଳାରେ ସଜା ହୋଇଲାଣି
ସହର ବଜାର ଗାଆଁ,
ପୂରୁବ ଦିଗରେ ସୂରୁଜ ଦେବତା
ଉଇଁଲେଣି ଛାଆଁ ଛାଆଁ।
ପୂଜା ମଣ୍ଡପକୁ ସଜଉଛୁ ଆମେ
ବିବିଧ ରଙ୍ଗରେ ମାଖି,
ଦେଖି ଦେଲେ ଥରେ ନୂଆ ବାଟୋଇର
ଝଲସି ଉଠିବ ଆଖି।
ସୁନାରେ, ଚାନ୍ଦିରେ ମେଢ଼ ଗଢୁଅଛି
ଶିଳିପି ନ ଶୋଇ ରାତି,
ଜାତି ଜାତି ଫୁଲ କାନରେ କହୁଛି
ଭଅଁର ସକାଳୁ ନିତି।
ଧୂପ, ଦୀପ, ଲଡୁ, କଦଳୀ, ନଡ଼ିଆ
ସଜ ହୋଇଲାଣୀ ଯେତେ,
ଚନ୍ଦନ, କର୍ପୂର ମନ୍ଦାର ମାଳକୁ
ଯୋଗାଡ଼ କରିଛି କେତେ।
ପାଦ ଦିଅ ଥରେ ମରତ ମାଟିରେ
ମରତର ହେଉ ଶୁଭ,
ସକଳ ପ୍ରାଣୀକୁ ଦିଅ ବୁଦ୍ଧି ବିଦ୍ୟା
ଦିଅ ମନେ ଭକ୍ତି ଭାବ। ■




ତପନ କୁମାର ସ୍ୱାଇଁ
ଅଇବିଲି, ତିର୍ତ୍ତୋଲ
ଜଗତସିଂହପୁର
ମୋ - ୯୦୪୦୦୩୩୩୯୦


## ଆସୁଛି ଗଣେଶ ପୂଜା

ଭୋଦୁଅ ଶୁକଳ ପୂଣ୍ୟ ଚତୁର୍ଥୀରେ
ଆସୁଛି ଗଣେଶ ପୂଜା
ସାରା ବିଦ୍ୟାଳୟ ଉତ୍ସବ ମୁଖର
ହେଉଅଛି ସାଜସଜା।
ସ୍କୁଲ ଫାଟକରୁ ଶ୍ରେଣୀଗୃହ ତକ
ଦିଶେ ସ୍ୱଚ୍ଛ ଶୋଭାବନ
ରଙ୍ଗୀନ ଜରୀର ଅପୂର୍ବ ତୋରଣ
କିଣିନିଏ ସର୍ବ ମନ।
ମୂଷିକ ବାହନେ ବିରାଜିବେ ପ୍ରଭୁ
ପିନ୍ଧିବେ ଗଜରା ମାଳ
ନାନା ଜାତି ଫଳ ରାଶିଲଡୁ ଭୋଗ
ଲଗାଇବେ ଛାତ୍ରଗଣ।
ନୂଆ ବସନରେ ସଭିଏଁ ଆସିବେ
ଗାଇବେ ଗଣେଶ ସ୍ତୁତି
ପୁଷ୍ପାଞ୍ଜଳି ଦେଇ ପ୍ରଣତି କରିବେ
ବିଦ୍ୟା ଦେବେ ବିଦ୍ୟାପତି।
ଶିଶୁ ଭକ୍ତି ଦେଖି ଖୁସିହେବେ ପ୍ରଭୁ
ଢାଳିବେ କରୁଣା ବାରି
ଅଜ୍ଞାନ ତିମିର ଦୂରକରି ପ୍ରଭୁ
ଦିବ୍ୟଜ୍ଞାନ ଦେବେ ଭରି।
କୋମଳ ଶିଶୁଙ୍କ କୋମଳ ପରାଣେ
ଭରିବେ ଧର୍ମ ବିଚାର
ଜ୍ଞାନଦାତାଙ୍କର ଜ୍ଞାନ ଆଲୋକରେ
ହସିବ ସାରା ସଂସାର। ■




ରାମଚନ୍ଦ୍ର ବେହେରା
ତେନ୍ତୁଲିପଦା, ଜଗତସିଂହପୁର
ମୋ-୭୪୫୫୬୩୪୨୪୬


## ନୂଆଁଖାଇ



ଭାଦରବ ମାସ ପଞ୍ଚମୀ ତିଥିରେ
ନୂଆଁଖାଇ ପର୍ବ ଆସି
ବରଷାରେ ଭିଜି ଡାକଇ ଦୁଆରେ
ବାଣ୍ଟିବାକୁ ତା'ର ଖୁସି।
ତା'ର ସୁଗନ୍ଧେ ପଶ୍ଚିମ ଓଡ଼ିଶାର
ପଲ୍ଲୀଠୁ ସହର ହସେ
ମା'ଙ୍କର ଅପାର କରୁଣାରୁ ସିଏ
ମହମହ ହୋଇବାସେ।
ମା' ସମଲେଇଙ୍କୁ ଭକ୍ତି ଭରେ ସର୍ବେ
ନବାନ୍ନ ସମର୍ପି ଦେଇ
ପ୍ରଫୁଲ୍ଲ ଚିତ୍ତରେ କରନ୍ତି ଭୋଜନ
ଦୁଃଖ ଶୋକ ଭୁଲି ଯାଇ।
ଆବାଳ ବୃଦ୍ଧ ବନିତା ଏ ପରବେ
ନୂତନ ବସନ ପିନ୍ଧି
ପରସ୍ପରେ ଆଜି ଜୁହାର ହୁଅନ୍ତି
ସ୍ନେହ ପ୍ରେମ ଡୋରେ ବାନ୍ଧି।
ଭୁଲନ୍ତି ସଭିଏଁ ଭେଦ ଭାବ ଯେତେ
ଅବା ହିଂସା ରାଗ ରୋଷ
ପ୍ରଣତି ଜଣାନ୍ତି ମା'ଙ୍କ ପଦ୍ମପାଦେ
ପୂର୍ଣ୍ଣ କରିବାକୁ ଆଶ।
ଅତି ନିଆରା ଏ ଗଣ ପରବଟି
ଓଡ଼ିଶା ରାଇଜେ ଆମ
ଗରବ ଗୌରବ ଗାଥା ଗାଇ ତା'ର
ରଖିଛି ସ୍ୱତନ୍ତ୍ର ନାମ। ■




ସୁଧାକର ରାଉତ
ପ୍ରତାପନଗରୀ, କଟକ
ମୋ-୮୨୪୯୯୩୨୮୨୯


# ସୁମନ


## ସହନଶୀଳତା



ଚିନୁ ଗାଁ ସ୍କୁଲରେ ସପ୍ତମ ଶ୍ରେଣୀରେ ପାଠ ପଢ଼େ। ସେ ଶ୍ରେଣୀରେ ଭଲ ପାଠ ପଢୁଥିବାରୁ ଶିକ୍ଷକମାନେ ତାକୁ ଭାରି ଆଦର କରନ୍ତି। ସ୍କୁଲରେ ସମସ୍ତଙ୍କ ସହିତ ତା'ର ଉତ୍ତମ ସମ୍ପର୍କ। ମନକୁ ତା'ର ଯାହା ଆସେ ତାହା କରି ପକାଏ ଯେତେ ବୁଝାଇଲେ ମଧ୍ୟ ସେ କାହା କଥା ଶୁଣେନାହିଁ। ସେ ସବୁଦିନ ସ୍କୁଲରୁ ଘରକୁ ଫେରିବା ବାଟରେ ଜଣେ ସାଧୁ ଲୋକଙ୍କୁ ଗୋଟେ ଆମ୍ବଗଛ ମୂଳରେ ବସିଥିବାର ଦେଖେ। ଖରାଦିନ ହୋଇ ଥିବାରୁ ପାକଲା ଆମ୍ବଟିଏ ଗଛରୁ ପଡ଼ିଲେ ସେ ସାଧୁ ଲୋକ ଜଣଙ୍କ ମନଖୁସିରେ ନେଇ ତାକୁ ଖାଇ ଦିଅନ୍ତି। ଚିନୁ ଏ ସବୁ ଦେଖି ତା' ମନରେ ଈର୍ଷା ଜାତ ହେଲା। ସେ ଭାବିଲା- ବିନା କାରଣରେ ସାଧୁ ଜଣକ ଏଠାରେ ଖାଲି ବସି ରହୁଛନ୍ତି ଓ ଆମ୍ବ ନେଇ ଖାଇ ଦେଉଛନ୍ତି। ସେ ମନେମନେ ଚିନ୍ତା କଲା ସାଙ୍ଗମାନଙ୍କୁ ନେଇ ରବିବାର ଦିନ ଗଛରୁ ସବୁ ଆମ୍ବ ଝଡ଼ାଇ ଖାଇ ଦେଲେ ଆଉ ଥିବ ଯେ ସାଧୁ ଆମ୍ବ ଖାଇବେ। ରବିବାର ଛୁଟି ଦିନ ହୋଇଥିବାରୁ ଚିନୁ ସାଙ୍ଗମାନଙ୍କୁ ନେଇ ଆମ୍ବ ଗଛ ମୂଳରେ ପହଞ୍ଚିଲା। ଆଗଭଳି ସାଧୁ ଜଣଙ୍କ ସେଠାରେ ବସି ରହିଥିଲେ। ଚିନୁ ଓ ତାର ସାଙ୍ଗମାନେ କିଛି ନ କହି ହାତରେ ଧରିଥିବା ଟେକା ଆମ୍ବ ଗଛକୁ ପକାଇବା ପାଇଁ ପ୍ରସ୍ତୁତ ହେଲା ବେଳେ ସେ ଏପରି କରିବାକୁ ମନା କଲେ। ଚିନୁ ସାଧୁ ଜଣଙ୍କୁ ଆପଣଙ୍କର କ'ଣ ଅସୁବିଧା ହେଉଛି ବୋଲି ରାଗିକି ପଚାରିଲା। ସେ ନମ୍ର ହୋଇ ସମସ୍ତଙ୍କୁ ଗୋଟିଏ କଥା ଶୁଣି ସାରିବା ପରେ ତୁମମାନଙ୍କର ଯାହା ଇଚ୍ଛା ହେବ ତାହା କରିବ ଆଉ ଅଟକାଇ ବି ନାହିଁ ବୋଲି ହସି ଦେଇ କହିଲେ। ସମସ୍ତେ ଭାବିଲେ ସାଧୁଙ୍କ କଥା ଶୁଣି ସାରିବା ପରେ ଆମ୍ବ ଗଛକୁ ଟେକା ପକାଇବେ। ସାଧୁ ଜଣଙ୍କ ସମସ୍ତଙ୍କ ମୁହଁକୁ ଚାହିଁ କହିଲେ ମଣିଷ ତା' ଜୀବନରେ ପଶୁ ପକ୍ଷୀଠାରୁ ଆରମ୍ଭ କରି ଗଛଲତା ଯାଏ ସମସ୍ତଙ୍କ ପାଖରୁ ଅନେକ କିଛି ଶିକ୍ଷା ଲାଭ କରିଥାଏ। ମଣିଷକୁ ସହନଶୀଳତାର ଗୁଣ ଗଛଠାରୁ ବେଶି ଶିଖିବାକୁ ମିଳିଥାଏ। ଆମ୍ବ ଗଛଟିର ଡାଳରେ ଅନେକ ଆମ୍ବ ଭରି ରହିଛି ସେ କିନ୍ତୁ କେବେ ମନଦୁଃଖ କରେନି ଯେ ବୋଝ ଉଠାଇ ତାକୁ କଷ୍ଟ ହେଉଛି ବୋଲି। ଖରା ବର୍ଷା ଶୀତ କାକର ଆସିଲେ ବି ସେପରି ହସି ଦୁନିଆର ଉପକାର କରିଥାଏ। ତେଣୁ ଜୀବନରେ ବିନା କାରଣରେ ନିଜର ରାଗ କାହା ଉପରେ ନ ସୁଝାଇ ତା' ଠାରୁ ଭଲ ଗୁଣ ଗ୍ରହଣ ଉଚିତ। ଏମିତି ହେଲେ ଜଣେ ଉତ୍ତମ ଚରିତ୍ରର ମଣିଷ ହୋଇ ସମାଜର ମଙ୍ଗଳ କରିପାରିବ। ଚିନୁ ଆଉ ତା ସାଙ୍ଗମାନେ ନିଜ ନିଜର ଭୁଲ ବୁଝି ପାରି ଜୀବନରେ ଆଉ କେବେ ଏପରି କରିବେ ନାହିଁ ବୋଲି ଶପଥ କରି ସାଧୁଙ୍କ ଠାରୁ ବିଦାୟ ନେଇ ଘରକୁ ଫେରିଲେ। ■




ସତ୍ୟନାରାୟଣ ପ୍ରଧାନ
ଜେନାପୁର, ଯାଜପୁର
ମୋ -୯୧୭୮୩୧୩୬୪୪











**ଆର୍ଯ୍ୟା ଐଶ୍ୱର୍ଯ୍ୟା ଷଡ଼ଙ୍ଗୀ**
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର



**ମିହିକା ଶାହ**
ପଞ୍ଚମ ଶ୍ରେଣୀ
ଗୀତା ଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର



**ସିଦ୍ଧ ମନୀଷ ସାହୁ**
ପଞ୍ଚମ ଶ୍ରେଣୀ
ଗାଇଡାନ୍ସ ଇଂରାଜୀ ମାଧ୍ୟମ ବିଦ୍ୟାଳୟ
ଡୁମୁଡୁମା, ଭୁବନେଶ୍ୱର



**ନବ୍ୟା**
ନବମ ଶ୍ରେଣୀ
ଦିଲ୍ଲୀ ପବ୍ଲିକ୍ ସ୍କୁଲ୍
କାଟ୍ରା, ଜମ୍ମୁ କାଶ୍ମୀର

## ଚୟନ କମିଟିରେ ସାମିଲ ହେବେ ପ୍ରଜ୍ଞାନ; ଶିବଙ୍କୁ ନେଇ ଅନିଶ୍ଚିତତା



ମୁମ୍ବଇ, ୨୨।୮ (ଏଜେନ୍ସି): ଭାରତୀୟ ଦଳର ଚୟନ କମିଟିରେ ଆଗକୁ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ବିସିସିଆଇ ଏଥିଲାଗି ଜାତୀୟ ପୁରୁଷ ଓ ମହିଳା ଦଳ ଚୟନ କମିଟିର ପଦବୀ ପାଇଁ ଶୁକ୍ରବାର ଦରଖାସ୍ତ ଆହ୍ୱାନ କରିଛି। ଯେଉଁଥିରେ ପୁରୁଷ ଚୟନ କମିଟିରେ ୨ଜଣ ଓ ମହିଳା ଚୟନ କମିଟିରେ ୪ଜଣ ନୂଆ ସଦସ୍ୟଙ୍କୁ ସାମିଲ କରାଯିବ। ଆବେଦନର ଶେଷ ତାରିଖ ସେପ୍ଟେମ୍ବର ୧୦ ରହିଛି। ଅତିକମ୍‌ରେ ୧୦ଟି ଏକଦିବସୀୟ, ୭ଟି ଟେଷ୍ଟ କିମ୍ବା ୨୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା କ୍ରିକେଟର୍ ଆବେଦନ କରିପାରିବେ ବୋଲି ଜଣାପଡ଼ିଛି। ସେହିଭଳି ସେ ୫ ବର୍ଷ ତଳୁ ଅବସର ନେଇଥିବେ ଓ ବିସିସିଆଇର କୌଣସି ଚୟନ କମିଟିରେ କ୍ରମାଗତ ୫ବର୍ଷ ଧରି ରହି ନ ଥିବେ। ପୁରୁଷ ଚୟନ କମିଟିର କେଉଁ ଜୋନରୁ ପ୍ରାର୍ଥୀଙ୍କୁ ବଦଳାଯିବ କିମ୍ବା କେଉଁ ଜୋନରୁ ନୂତନ ପ୍ରାର୍ଥୀ ଆସିବେ ସେ ସମ୍ପର୍କରେ ବିସିସିଆଇ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ। ତଥାପି ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଦୁଇ ନୂଆ ସଦସ୍ୟ ଦକ୍ଷିଣ ଓ କେନ୍ଦ୍ରୀୟ ଜୋନରୁ ଆସିବେ। ଦକ୍ଷିଣ ଜୋନ୍‌ର ଏସ୍. ଶରତ ତାଙ୍କ କାର୍ଯ୍ୟକାଳ ପୂରଣ କରିସାରିଛନ୍ତି। ପୂର୍ବତନ ଓଡ଼ିଆ କ୍ରିକେଟର୍ ପ୍ରଜ୍ଞାନ ଓଝା ତାଙ୍କ ସ୍ଥାନ ନେବେ ବୋଲି ଜଣାପଡ଼ିଛି। ତେବେ କେନ୍ଦ୍ରୀୟ ଜୋନରୁ କାହାକୁ ନିଆଯିବ ସେ ସମ୍ପର୍କରେ କିଛି ସ୍ପଷ୍ଟ ଜଣାପଡ଼ିନି। ବର୍ତ୍ତମାନର ଚୟନ କମିଟିରେ ଓଡ଼ିଶାର ଶିବ ସୁନ୍ଦର ଦାସ କେନ୍ଦ୍ରୀୟ ଜୋନରୁ ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କ ସ୍ଥାନରେ ନୂଆ ସଦସ୍ୟଙ୍କୁ ନେବାକୁ ବିସିସିଆଇ ଚିନ୍ତା କରୁଥିବା ବିଭିନ୍ନ ରିପୋର୍ଟରେ କୁହାଯାଇଛି। ଅପରପକ୍ଷରେ ଚୟନ କମିଟିରେ ପଶ୍ଚିମ ଜୋନ ଓ ଉତ୍ତର ଜୋନର ସଦସ୍ୟଙ୍କ କାର୍ଯ୍ୟକାଳ ବଢ଼ିବା ନିଶ୍ଚିତ ହୋଇଛି। ପଶ୍ଚିମ ଜୋନରୁ ପ୍ରତିନିଧିତ୍ୱ କରୁଥିବା ଅଗରକରଙ୍କ କାର୍ଯ୍ୟକାଳ ୨୦୨୬ ଜୁନ ପର୍ଯ୍ୟନ୍ତ ବଢ଼ିଥିବା ରିପୋର୍ଟ ଗତ ୨ ଦିନ ତଳେ ପ୍ରକାଶ ପାଇଥିଲା। ସେହିଭଳି ଉତ୍ତର ଜୋନର ଅଜୟ ରାତ୍ରାଙ୍କ କାର୍ଯ୍ୟକାଳ ମଧ୍ୟ ବଢ଼ାଇବାକୁ ଚିନ୍ତା କରାଯାଉଥିବା ଜଣାପଡ଼ିଛି। ପୂର୍ବ ଜୋନରୁ ସୁବ୍ରତ ବାନାର୍ଜୀ ବର୍ତ୍ତମାନ ପ୍ରତିନିଧିତ୍ୱ କରୁଛନ୍ତି।

## ଗୋଟିଏ ସପ୍ତାହରେ ସମାଧାନ ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ଆଇଏସ୍ଏଲ୍ ବିବାଦ**




ନୂଆଦିଲ୍ଲୀ,୨୨।୮ (ଏଜେନ୍ସି): ଦେଶର ସର୍ବବୃହତ ଫୁଟବଲ ଲିଗ୍‌ର ମାନ୍ୟତା ପାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଚାଲିଥିବା ବିବାଦ ନେଇ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହିକ୍ରମରେ କୋର୍ଟ ସମାଧାନ ବାହାର କରିବାକୁ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍ଏଫ୍) ଓ ଆୟୋଜନକାରୀ କମ୍ପାନୀ ଫୁଟବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ (ଏଫ୍ଏସ୍‌ଡିଏଲ୍)କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ପିଏସ୍ ନରସିହ୍ମା ଓ ଜଷ୍ଟିସ୍ ଜୟମାଲ୍ୟା ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଆଇଏଫ୍ଏଫ୍ ଓ ଏଫ୍ଏସ୍‌ଡିଏଲ୍ ଏକାଠି ବସି ଆସନ୍ତା ଗୋଟିଏ ସପ୍ତାହ ମଧ୍ୟରେ ସମାଧାନ ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଥାଉ କି, ମାଷ୍ଟର ରାଇଟ୍ ଏଗ୍ରିମେଣ୍ଟ (ଏମ୍ଆରଏ)ର ନବୀକରଣ ନେଇ ଦୁଇ ସଂସ୍ଥା ଏଆଇଏଫ୍ଏଫ୍ ଓ ଏଫ୍ଏସ୍‌ଡିଏଲ୍ ମୁହାଁମୁହିଁ ସ୍ଥିତିରେ ରହିଛନ୍ତି। ୨୦୧୦ରେ ଏହି ଦୁଇ ସଂସ୍ଥା ମଧ୍ୟରେ ୧୫ ବର୍ଷ ପାଇଁ ଏମ୍ଆରଏ ନେଇ ଚୁକ୍ତି ହୋଇଥିଲା। ଏହି ଚୁକ୍ତି ଅନୁସାରେ ଏଫ୍ଏସ୍‌ଡିଏଲ୍ ପ୍ରତିବର୍ଷ ଏଆଇଏଫ୍ଏଫ୍‌କୁ ୫୦ କୋଟି ଟଙ୍କା ପ୍ରଦାନ କରିଥାଏ। ବଦଳରେ ଏଫ୍ଏସ୍‌ଡିଏଲ୍‌କୁ ଭାରତୀୟ ଜାତୀୟ ଫୁଟବଲ ଦଳ ସହିତ ଆଇଏସଏଲ୍‌ର ପ୍ରସାରଣ, ପ୍ରବନ୍ଧନ ଓ ପ୍ରଚାର ଅଧିକାର ପ୍ରାପ୍ତ ହୋଇଥାଏ। ବର୍ତ୍ତମାନ ଚୁକ୍ତି ଅବଧି ଶେଷ ହୋଇଛି। ବିଭିନ୍ନ କାରଣରୁ ଏମ୍ଆରଏ ଚୁକ୍ତିର ନବୀକରଣ ହୋଇ ନଥିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଛି। ତେଣୁ ସମାଧାନ ବାହାର କରିବାକୁ ଏବେ ସମୟ ଉପନୀତ ହୋଇଛି ବୋଲି କୋର୍ଟ କହିଛନ୍ତି।

**ଅନ୍‌ଲାଇନ ଗେମିଂ ବିଲ୍‌ର ପ୍ରଭାବ**

# ଏସିଆ କପ୍ ପୂର୍ବରୁ ଜର୍ସି ପ୍ରାୟୋଜକ ହରାଇବ ଭାରତ



ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଅନ୍‌ଲାଇନ ମନି ଗେମିଂ ବିଲ୍ ଉପରେ ଲାଗିଛି ପ୍ରତିବନ୍ଧକ। ସଂସଦର ଉଭୟ ଗୃହରେ ଏହା ପାରିତ ହେବାପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଏହି ବିଲ୍ ଉପରେ ସ୍ୱାକ୍ଷର କରିଛନ୍ତି। ଫଳରେ ଏହି ବିଲ୍ ନୂତନ ଆଇନରେ ପରିଣତ ହୋଇଛି। ଏବେ ଏହାର ସିଧାସଳଖ ପ୍ରଭାବ ଭାରତୀୟ କ୍ରିକେଟ୍ ଦଳ ଉପରେ ପଡ଼ିଛି। ଭାରତୀୟ କ୍ରିକେଟ୍ ଦଳ ଏହାର ଜର୍ସି ପ୍ରାୟୋଜକ ହରାଇବାର ଆଶଙ୍କା ପ୍ରକାଶ ପାଇଛି। ଯାହା ଫଳରେ ଆସନ୍ତା ମାସରେ ୟୁଏଇରେ ଖେଳାଯିବାକୁ ଥିବା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ବିନା ଲୋଗୋରେ ଜର୍ସି ପରିଧାନ କରି ପଡ଼ିଆକୁ ଓହ୍ଲାଇପାରେ।

ଅନ୍‌ଲାଇନ ଫାଣ୍ଟାସି କ୍ରୀଡ଼ା 'ଡ୍ରିମ ୧୧' ଜୁଲାଇ ୨୦୨୩ରେ ତିନି ବର୍ଷ ଲାଗି ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରାୟୋଜକ ଭାବେ ଚୁକ୍ତି କରିଥିଲା। ରିପୋର୍ଟ ମୁତାବକ ୩୫୮ କୋଟି ଟଙ୍କାରେ ଏହି ଚୁକ୍ତି ହୋଇଥିଲା। ଏହାପରେ 'ବାୟଜୁସ'ର ସ୍ଥାନରେ 'ଡ୍ରିମ ୧୧' ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ମୁଖ୍ୟ ପ୍ରାୟୋଜକ ଅଧିକାର ହାସଲ କରିଥିଲା। ସେବେଠାରୁ ଭାରତର ପୁରୁଷ, ମହିଳା, ଜୁନିଅର ଆଦି ଦଳର ଖେଳାଳିଙ୍କ ଜର୍ସିରେ ଏହାର ଲୋଗୋ ରହୁଥିଲା। କିନ୍ତୁ ଏବେ ଅନ୍‌ଲାଇନ ଗେମିଂ ବିଲ୍ ଆସିବା ପରେ ଭାରତୀୟ ଦଳର ମୁଖ୍ୟ ପ୍ରାୟୋଜକର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ ବିସିସିଆଇ କିମ୍ବା 'ଡ୍ରିମ ୧୧' ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। ତଥାପି ବିସିସିଆଇର ସମ୍ପାଦକ ଦେବଜିତ୍ ସାଇକିଆ କହିଛନ୍ତି, ବିସିସିଆଇ ଦେଶର ଆଇନକୁ ସମ୍ମାନ କରେ ଏବଂ ଏହାକୁ ପାଳନ କରିବ।

ଉଲ୍ଲେଖଯୋଗ୍ୟ ଡ୍ରିମ ୧୧' ଏକମାତ୍ର କମ୍ପାନୀ ନୁହେଁ ଯାହାର ଭାଗ୍ୟ ବିସିସିଆଇ ସହ ଜଡ଼ିତ ହେବାପରେ କ୍ଷତିଗ୍ରସ୍ତ ହୋଇଛି। ଏଥିପୂର୍ବରୁ ବିସିସିଆଇର ମୁଖ୍ୟ ପ୍ରାୟୋଜକ ରହିଥିବା ବିଭିନ୍ନ କମ୍ପାନୀ ଯଥା ସାହାରା, ଷ୍ଟାର୍ ଇଣ୍ଡିଆ, ଓପୋ, ବାୟଜୁସ୍ ବିସିସିଆଇର ପ୍ରାୟୋଜକ ରହି ପ୍ରଚୁର ଲାଭ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କ୍ଷତିର ସମ୍ମୁଖୀନ ହୋଇଛନ୍ତି।

## ରାଷ୍ଟ୍ରୀୟ କପ୍: ଜାତୀୟ ଦୃଷ୍ଟିବାଧିତ ଫୁଟବଲ ଦଳରେ ଆକାଶ



ଭୁବନେଶ୍ୱର, ୨୨।୮ (ସମିସ): ଭାରତୀୟ ଦୃଷ୍ଟିବାଧିତ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ରାଷ୍ଟ୍ରୀୟ କପ୍ ଓ ଏସିଆ ଓସେନିଆ ଚାମ୍ପିଅନସିପ୍ ଡିଭିଜନ-୨ ଅନୁଷ୍ଠିତ ହେବ। ଏଥିରେ ଦୃଷ୍ଟିବାଧିତ ଫୁଟବଲ ଓ ବାସ୍କେଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ଭାରତୀୟ ଦୃଷ୍ଟିହୀନ ଫୁଟବଲ୍ ମହାସଂଘ ପକ୍ଷରୁ ଶୁକ୍ରବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଓଡ଼ିଶାର ଆକାଶ ପଡ଼ିଆମୀ ଗୋଲ୍‌କିପର ଭାବେ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ନିକଟରେ ଅଗଷ୍ଟ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ କେରଳର କୋଚିଠାରେ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର 'ବୁଲ୍ସ ଆଇ' ସଂଗଠନ ପକ୍ଷରୁ ଆଶିଷ ସାହୁ ଓ ଆକାଶ ପଡ଼ିଆମୀ ଚୟନ ଶିବିରରେ ଭାଗନେଇଥିଲେ। ଚୟନ ଶିବିରରେ ପ୍ରଭାବୀ ପ୍ରଦର୍ଶନ କରି ଆକାଶ ଜାତୀୟ ଦୃଷ୍ଟିବାଧିତ ଫୁଟବଲ ଦଳରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଏହି ଅବସରରେ 'ବୁଲ୍ସଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ଓ ଅନ୍ୟ କର୍ମକର୍ତ୍ତା ଆକାଶଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

● ଆଜି ଡୁରାଣ୍ଡ କପ୍ ଫାଇନାଲ୍

## ଟାଇଟଲ୍ ପାଇଁ ଲଢ଼ିବେ ନର୍ଥଇଷ୍ଟ-ଡାଏମଣ୍ଡ ହାର୍ବର୍

କୋଲକାତା, ୨୨।୮ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବ। ଟାଇଟଲ୍ ପାଇଁ ନର୍ଥଇଷ୍ଟ ୟୁନାଇଟେଡ୍ ଓ ପଦାର୍ପଣକାରୀ ଡାଏମଣ୍ଡ ହାର୍ବର୍ ଦଳ ପରସ୍ପରକୁ ଭେଟିବେ। ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ସନ୍ଧ୍ୟା ୫ଟା ୩୦ରେ ଏହି ଫାଇନାଲ ମ୍ୟାଚ୍ ଖେଳାଯିବ। ଗତ ସଂସ୍କରଣରେ ନର୍ଥଇଷ୍ଟ ଚାମ୍ପିଅନ ହୋଇଥିବାରୁ ଏଥର ଟାଇଟଲ୍ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଡାଏମଣ୍ଡ ହାର୍ବର୍ ଦଳ ପ୍ରଥମଥର ଲାଗି ଡୁରାଣ୍ଡ କପ୍ ଖେଳୁଛି। ପଦାର୍ପଣରେ ଦଳ ସେମିଫାଇନାଲରେ ୧୬ଥରର ଚାମ୍ପିଅନ ଇଷ୍ଟବେଙ୍ଗଲକୁ ପରାସ୍ତ କରି ବଡ଼ ବିପର୍ଯ୍ୟୟ ଘଟାଇବା ସହ ଫାଇନାଲରେ ପ୍ରବେଶ କରିଥିଲା। ଶନିବାର ମଧ୍ୟ ଡାଏମଣ୍ଡ ହବର୍ ଆଉ ଏକ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି।

**ଫାଇନାଲ ମ୍ୟାଚ୍**
ଆରମ୍ଭ : ସନ୍ଧ୍ୟା ୫ଟା ୩୦
ପ୍ରସାରଣ : ସୋନୀ ଟେନ୍-୨

## ବୁଚି ବାବୁ କ୍ରିକେଟ: ଓଡ଼ିଶା ୨୨୨/୧୦

କଟକ,୨୨।୮ (ସମିସ): ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ପୂର୍ବତଟ ରେଳବାଇକୁ ଭେଟିଛି ଓଡ଼ିଶା। ଶୁକ୍ରବାରଠାରୁ ଚେନ୍ନାଇର ଏସ୍ଆରଏମସି ଟର୍ଫ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରମୁଖ ବ୍ୟାଟରଙ୍କ ବିଫଳତା ଯୋଗୁଁ ଓଡ଼ିଶାର ପ୍ରଥମ ଇନିଂସ୍ ୨୨୨ ରନରେ ସୀମିତ ରହିଯାଇଛି। ଏହାପରେ ବ୍ୟାଟିଂ ଆରମ୍ଭ କରିଥିବା ରେଳବାଇ ବିନା ୱିକେଟରେ ୧୯ ରନ ସଂଗ୍ରହ କରିଛି। ଓଡ଼ିଶା ଅଧିନାୟକ ସ୍ୱସ୍ତିକ ସାମଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ୱିକେଟକିପର ରାଜେଶ ଧୂପରଙ୍କ ୪୩, ସମ୍ବିତ ବରଲାଙ୍କ ୩୭, ବାଦଲ ବିଶ୍ୱାଳଙ୍କ ୩୪ ଓ ଅଧିନାୟକ ସ୍ୱସ୍ତିକଙ୍କ ୩୩ ରନ ବଳରେ ଦଳ ସମ୍ମାନଜନକ ରନ ସଂଗ୍ରହ କରିଥିଲା। ଅନ୍ୟସମସ୍ତ ବ୍ୟାଟର ଫେଲ୍ ମାରିଥିଲେ। ରେଳବାଇର ବାମହାତୀ ସ୍ପିନର ରାଜ ଚୌଧୁରୀ ୧୦୪ରନ ବ୍ୟୟ କରିବା ସତ୍ତ୍ୱେ ୬ଟି ୱିକେଟ ଦଖଲ କରିଥିଲେ। ଆକାଶ ପାଣ୍ଡେ ଓ ବିଶାଲ ହର୍ଶ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ସ୍ପିନରଙ୍କ ସହଯୋଗରେ ୧୦ଟି ଯାକ ୱିକେଟ ରେଳବାଇ ହାସଲ କରିଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ରେଳବାଇ ୪ ଓଭର ଖେଳି କୌଣସି ୱିକେଟ ନ ହରାଇ ୧୯ ରନ କରିଛି। ମୃଣାଳ ଦେବଧର ୬ ଏବଂ ଆଶିଷ ସିଂହ ୧୨ ରନରେ ଅପରାଜିତ ଅଛନ୍ତି।

## ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା: ଓଡ଼ିଶାକୁ ଆଉ ଦୁଇ ରୌପ୍ୟ

କଟକ,୨୨।୮ (ସମିସ): ଶ୍ରୀନଗରରେ ଚାଲିଥିବା ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ଓଡ଼ିଶା କାୟାକିଂ ଓ କାନୋଇଂ ଦଳ ଆଉ ଦୁଇ ରୌପ୍ୟ ପଦକ ଜିତିଛି। ଏଥିସହିତ ଓଡ଼ିଶାର ପଦକ ସଂଖ୍ୟା ମୋଟ ୪ରେ ପହଞ୍ଚିଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇ ରୌପ୍ୟ ପଦକ ରହିଛି। ଆଜି ପୁରୁଷ କାୟାକିଂ-୨'ର ୫୦୦ ମିଟର ଇଭେଣ୍ଟରେ ନାଓରାମ ଜମେଶ ଓ ସନ୍ତୋଷଙ୍କ ଯୋଡ଼ି ରୌପ୍ୟ ପଦକ ଜିତିଥିଲେ। ସେହିପରି ମହିଳା କାୟାକିଂ-୨'ର ୫୦୦ ମିଟର ଇଭେଣ୍ଟରେ ଓନିମା ବିଦ୍ୟାଦେବୀ ଓ ଶ୍ରୁତି ଚୌଗୁଲଙ୍କ ଯୋଡ଼ି ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ବିଜୟୀ ହୋଇଛି।

**ମହିଳା ଦିନିକିଆ ବିଶ୍ୱକପ୍**

## ଚିନ୍ନାସ୍ୱାମୀରୁ ଡିୱାଇ ପାଟିଲକୁ ସ୍ଥାନାନ୍ତରିତ ହେଲା ମ୍ୟାଚ

ମୁମ୍ବାଇ, ୨୨।୮: ଆଇସିସି ଦିନିକିଆ ମହିଳା ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବ। ଭାରତ ଏହି ମେଗା ଟୁର୍ଣ୍ଣାମେଣ୍ଟର ଏଥର ଆୟୋଜକ ରହିଥିବାବେଳେ ପାକିସ୍ତାନ ଦଳ ଏହାର ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ତେବେ ଏଥିପୂର୍ବରୁ ଭେନ୍ୟୁ ପରିବର୍ତ୍ତନକୁ ନେଇ ବିଶ୍ୱ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସି ଏକ ବଡ଼ ନିଷ୍ପତ୍ତି ନେଇଛି। ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ମ୍ୟାଚଗୁଡ଼ିକୁ ନବୀ ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମକୁ ସ୍ଥାନାନ୍ତରିତ କରିନିଆଯାଇଛି। ଆଇସିସି ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି।

ଗତ ଆଇପିଏଲ୍‌ରେ ବେଙ୍ଗାଲୁରୁ ପ୍ରଥମଥର ଲାଗି ଚାମ୍ପିଅନ ହେବାପରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଏହି ସମୟରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟାରେ ୧୧ ଜଣ ଲୋକଙ୍କ ଜୀବନ ଯାଇଥିଲା। ଏହି ଘଟଣାରେ ଚିନ୍ନାସ୍ୱାମୀ ଷ୍ଟାଡିୟମର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା। ଜଷ୍ଟିସ ଜନ ମାଇକେଲ ଡି'ଚୁନା କମିଶନ ଏହାର ରିପୋର୍ଟରେ ଦର୍ଶାଇଥିଲା କି ଚିନ୍ନାସ୍ୱାମୀ ବଡ଼ ଇଭେଣ୍ଟ ଆୟୋଜନ କରିବା ଲାଗି ସୁରକ୍ଷିତ ନୁହେଁ। ଯେଉଁଥି ପାଇଁ ଆଗାମୀ ବିଶ୍ୱକପ୍ ମ୍ୟାଚ୍ ଆୟୋଜନ ଲାଗି ସ୍ଥାନୀୟ ଅଧିକାରୀଙ୍କ ନିକଟରୁ ଅନୁମତି ମିଳିପାରି ନ ଥିଲା। ଯେଉଁଥି ପାଇଁ ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ଶେଷ ମୁହୂର୍ତ୍ତରେ ଭେନ୍ୟୁ ତାଲିକାରୁ ବାଦ୍ ଦେବାକୁ ବିସିସିଆଇ ବାଧ ହୋଇଥିଲା। ଚିନ୍ନାସ୍ୱାମୀ ଏବେ ଉଦ୍‌ଘାଟନୀ ଓ ଫାଇନାଲ ସମେତ ୫ଟି ମ୍ୟାଚ୍ ଆୟୋଜନ କରିବାରୁ ବଞ୍ଚିତ ହୋଇଛି। ଅପରପକ୍ଷରେ ନବୀ ମୁମ୍ବଇ ଏବେ ବିଶ୍ୱକପ୍ ଆୟୋଜନର ୫ ଭେନ୍ୟୁ ତାଲିକାରେ ଯୋଡ଼ି ହୋଇଛି।

**ବିଶ୍ୱକପ୍‌ର କେଉଁ କେଉଁ ମ୍ୟାଚ୍ ହରାଇଲା ଚିନ୍ନାସ୍ୱାମୀ**

| | |
|---|---|
| ସେପ୍ଟେମ୍ବର ୩୦ | ଭାରତ-ଶ୍ରୀଲଙ୍କା |
| ଅକ୍ଟୋବର ୩ | ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା |
| ଅକ୍ଟୋବର ୨୬ | ଭାରତ-ବାଂଲାଦେଶ |
| ଅକ୍ଟୋବର ୩୦ | ଦ୍ୱିତୀୟ ସେମିଫାଇନାଲ |
| ନଭେମ୍ବର ୨ | ଫାଇନାଲ |

**ଠାକୁରାଣୀ ଚ୍ୟାଲେଞ୍ଜର ଫୁଟବଲ୍**

## ସନ୍ନି ଏକ୍ସପ୍ରେସ୍ ଚାମ୍ପିଅନ



ଭୁବନେଶ୍ୱର, ୨୨।୮ (ସମିସ): କେନ୍ଦୁଝରର ଡାଲକୀ ବୀର ବିର୍ସା ମୁଣ୍ଡା ୟୁଥ କ୍ଲବ ଆନୁକୂଲ୍ୟରେ ଠାକୁରାଣୀ ଚ୍ୟାଲେଞ୍ଜର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍)ର ସିଏସ୍ଆର୍ ପଦକ୍ଷେପ 'ଉଡାନ' ମାଧ୍ୟମରେ ଏହି ଏକଦିବସୀୟ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ପ୍ରାୟୋଜକ ଭୂମିକା ନିର୍ବାହ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳର ୨୪୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ନକ୍‌ଆଉଟ୍ ଫର୍ମାଟ୍‌ରେ ମ୍ୟାଚ୍‌ଗୁଡ଼ିକ ଖେଳାଯାଇଥିଲା। ଫାଇନାଲରେ ସନ୍ନି ଏକ୍ସପ୍ରେସ ୧-୦ ଗୋଲରେ ଖୁସି-୧୧'କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ବୀର ବିର୍ସା ମୁଣ୍ଡା ୟୁଥ କ୍ଲବର ସଭାପତି ନିରଞ୍ଜନ ମୁଣ୍ଡା, ଏଏମ୍/ଏନ୍ଏସ୍ ଇଣ୍ଡିଆ ଠାକୁରାଣୀ ଖଣିର ଲୋକକଲ୍ୟାଣ ଅଧିକାରୀ ପ୍ରମୋଦ ଆଚାର୍ଯ୍ୟ, ସିଏସ୍ଆର୍ ମୁଖ୍ୟ ଅରୁଣ ଅଗ୍ରୱାଲଙ୍କ ସମେତ କମ୍ପାନୀର ଅନ୍ୟ ଅଧିକାରୀ ଉପସ୍ଥିତ ରହି ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଶିବ ମୁଣ୍ଡା ଶ୍ରେଷ୍ଠ ଗୋଲ୍‌କିପର, ଅଜୟ ମୁଣ୍ଡା ଶ୍ରେଷ୍ଠ ଡିଫେଣ୍ଡର ଓ ଅବିନାଶ ମୁଣ୍ଡା ଶ୍ରେଷ୍ଠ ସ୍କୋରର ପୁରସ୍କାର ପାଇଥିଲେ।

## ଅଷ୍ଟ୍ରେଲିଆ ବିପକ୍ଷରେ ଦ. ଆଫ୍ରିକାର କ୍ରମାଗତ ୫ମ ସିରିଜ୍ ବିଜୟ



ମାକୟ, ୨୨।୮ (ଏଜେନ୍ସି): ଶୁକ୍ରବାର ଏଠାରେ ଖେଳାଯାଇଥିବା ଏକଦିବସୀୟ ସିରିଜର ୨ୟ ମ୍ୟାଚରେ ଘରୋଇ ଅଷ୍ଟ୍ରେଲିଆ ୮୪ ରନରେ ଶୋଚନୀୟ ଭାବେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜୟବରଣ କରିଛି। ଏହି ମ୍ୟାଚରେ ଲୁନଗି ଏନଗିଡି ୫ ୱିକେଟ ନେଇ ଦକ୍ଷିଣ ଆଫ୍ରିକା ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ଦକ୍ଷିଣ ଆଫ୍ରିକା ୯୮ ରନରେ ଜିତିଥିଲା। ଫଳରେ ସିରିଜର ଗୋଟିଏ ମ୍ୟାଚ୍ ବଳକା ଥାଇ ଭ୍ରମଣକାରୀ ଦଳ ୨-୦ରେ ସିରିଜ ଆଗୁଆ କବ୍‌ଜା କରିନେଇଛି। ଅଷ୍ଟ୍ରେଲିଆ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଏହା କ୍ରମାଗତ ୫ମ ଦିନିକିଆ ସିରିଜ ବିଜୟ। ସେହିଭଳି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ଶେଷ ୮ଟି ଦିନିକିଆ ସିରିଜରୁ ଅଷ୍ଟ୍ରେଲିଆ ମାତ୍ର ଗୋଟିଏ ଜିତିବାରେ ସମର୍ଥ ହୋଇଛି।

ଶୁକ୍ରବାର ଖେଳାଯାଇଥିବା ଏହି ୨ୟ ଦିନିକିଆରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ଅଧିନାୟକ ଆଇଡେନ ମାର୍କରମ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭରୁ ୨୩ ରନ ମଧ୍ୟରେ ଦଳ ଦୁଇ ଓପନର୍ ର୍ୟାନ ରିକ୍ଲେଟନ (୮) ଓ ଅଧିନାୟକ ମାର୍କରମ (୦)ଙ୍କ ୱିକେଟ୍ ହରାଇଥିଲା। ଜାଭିଅର ବାର୍ଟଲେଟ୍ ଏହି ଦୁଇଟି ୱିକେଟ୍ ନେଇ ଘରୋଇ ଦଳକୁ ଡବଲ୍ ବ୍ରେକ୍ ଥ୍ରୁ ଦେଇଥିଲେ। ତେବେ ମଧ୍ୟକ୍ରମରେ ମାଥ୍ୟୁ ବ୍ରିଜକେ (୮୮ ରନ) ଓ ଟ୍ରିଷ୍ଟାନ ଷ୍ଟବ୍ସ (୭୪ ରନ)ଙ୍କ ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଦଳ ୪୯.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୨୭୭ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଅଷ୍ଟ୍ରେଲିଆର ଆଦାମ ଜାମ୍ପା ୩ ଏବଂ ବାର୍ଟଲେଟ, ନାଥନ ଏଲିସ୍ ଓ ମାର୍ନସ ଲାବୁଶ୍ୱେନ ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଜୋଶ୍ ଇଂଲିଶଙ୍କ ୮୭ ରନ ସତ୍ତ୍ୱେ ୩୭.୪ ଓଭରରେ ୧୯୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ୫ ୱିକେଟ୍ ନେଇ ଅଷ୍ଟ୍ରେଲିଆର ସର୍ବାଧିକ କ୍ଷତି ପହଞ୍ଚାଇଥିବା ଦ୍ରୁତ ବୋଲର ଲୁନଗି ଏନଗିଡି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସିରିଜର ଅନ୍ତିମ ତଥା ୩ୟ ମୁକାବିଲା ରବିବାର ଖେଳାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS